ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୭/୨୦୨୦ (୧୨ପୃଷ୍ଠା) | Bhubaneswar, Saturday, October 17/2020 | ★★★★

୪୬ଶ ଭାଗ ୩୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


# ଚାପରେ ରାଜକୋଷ

- କମୁଛି କେନ୍ଦ୍ରୀୟ ଅନୁଦାନ
- ଜିଏସ୍‌ଟି ଭରଣା ପାଇଁ ସରକାର କରିବେ ୩ ହଜାର କୋଟି ଋଣ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

କୋଭିଡ୍‌-୧୯ ଯୋଗୁ ରାଜ୍ୟ ରାଜକୋଷ ଉପରେ ଆର୍ଥିକ ଚାପ ବଢ଼ିଚାଲିଛି। ଗତ କିଛିବର୍ଷ ହେବ ରାଜ୍ୟ ପାଇଁ କେନ୍ଦ୍ରୀୟ ଅନୁଦାନ ହ୍ରାସ ଏହି ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି । ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ରାଜ୍ୟକୁ ତା'ର ପାଉଣା ମିଳୁ ନ ଥିବା ବେଳେ ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଖର୍ଚ୍ଚ କାଟ କରି କେନ୍ଦ୍ର ସରକାର ରାଜ୍ୟ ଉପରେ ଆର୍ଥିକ ବୋଝ ଲଦି ଚାଲିଛନ୍ତି। ଯୋଜନା ଏବଂ ପ୍ରାଶାସନିକ ଖର୍ଚ୍ଚ ତୁଲାଇବାକୁ ସରକାର ଖୋଲା ବଜାରରୁ ଋଣ କରିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟ ସରକାର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତି ଭରିବା ପାଇଁ ଖୋଲା ବଜାରରୁ ପ୍ରାୟ ୩ ହଜାର କୋଟି ଟଙ୍କା ଋଣ କରିବାକୁ ଯାଉଛନ୍ତି।

ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ରାଜ୍ୟକୁ ଯେତିକି ଅର୍ଥ ମିଳିବା କଥା ତାହା ମିଳୁ ନାହିଁ। ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ୨୦୧୫-୧୬ରୁ ୨୦୧୯-୨୦ ପର୍ଯ୍ୟନ୍ତ ରାଜ୍ୟକୁ ୩୬,୮୫୭ କୋଟି ଟଙ୍କା ହରାଇବାକୁ ପଡ଼ିଛି। କେବଳ କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶଧନ ବାବଦରେ ୩୫,୦୯୬ କୋଟି ମିଳି ନାହିଁ। ଅର୍ଥ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଚତୁର୍ଦ୍ଦଶ ଅର୍ଥ କମିଶନ ରାଜ୍ୟକୁ ୨ଟି କ୍ଷେତ୍ର ଯଥା ସ୍ୱାୟତ୍ତ ଶାସନ ସଂସ୍ଥାକୁ ଅନୁଦାନ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସ୍‌ଡିଆର୍‌ଏଫ୍‌) ନିମିତ୍ତ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ବାବଦରେ ୧,୯୮,୪୧୧ କୋଟି ଟଙ୍କା ପ୍ରଦାନ କରିବାକୁ ସୁପାରିସ କରିଥିଲେ । ସେଥିରୁ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ବାବଦରେ ୧, ୮୪,୦୭୦ କୋଟିରୁ ୧,୪୮,୯୭୪ କୋଟି ଟଙ୍କା ମିଳିଛି। ସେହିପରି ସହରାଞ୍ଚଳ ମୌଳିକ ଅନୁଦାନ ବାବଦରେ ରାଜ୍ୟକୁ ୭୨ କୋଟି ଟଙ୍କା କମ ମିଳିଥିବା ବେଳେ ଗ୍ରାମପଞ୍ଚାୟତଗୁଡ଼ିକର ସମ୍ପାଦନଭିତ୍ତିକ ଅନୁଦାନ(ପର୍‌ଫର୍ମାନ୍ସ ଗ୍ରାଣ୍ଟ) ବାବଦରେ ୫୧୫ କୋଟି, ସହରାଞ୍ଚଳ ପୌର ସଂସ୍ଥା ପାଇଁ ସମ୍ପାଦନଭିତ୍ତିକ ଅନୁଦାନ(ପର୍‌ଫର୍ମାନ୍ସ ଗ୍ରାଣ୍ଟ) ବାବଦରେ ୨୮୭ କୋଟି ମିଳି ନାହିଁ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏସ୍‌ଡିଆର୍‌ଏଫ୍‌) ପାଇଁ କେନ୍ଦ୍ରୀୟ ଅନୁଦାନ ମଧ୍ୟ ହ୍ରାସ କରାଯାଇଛି। ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ୬୨୧ କୋଟି ଟଙ୍କା କମ୍‌ ମିଳିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କମିଶନ କରିଥିବା ସୁପାରିସକୁ ମଧ୍ୟ କେନ୍ଦ୍ର ସରକାର ମାନିବାକୁ ରାଜି ହେଉନାହାନ୍ତି। ରାଜ୍ୟ ଉପରେ ଚାପ ପଡୁଥିବାରୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରେ ଉଭୟ କେନ୍ଦ୍ର ଓ ରାଜ୍ୟର ଅଂଶଧନ ଯଥାକ୍ରମେ ୯୦:୧୦ ରହିବ ବୋଲି କମିଶନ ସୁପାରିସ କରିଥିଲେ। ତେବେ କେନ୍ଦ୍ର ସରକାର ଏହାକୁ ଜିଏସ୍‌ଟି ପ୍ରଚଳନ ହେବା ପର୍ଯ୍ୟନ୍ତ ୭୫:୨୫ ଅନୁପାତରେ ରଖିଥିଲେ। ଜିଏସ୍‌ଟି ଲାଗୁ ହେବା ପରେ ଏହା ୯୦:୧୦ ଅନୁପାତରେ କାର୍ଯ୍ୟକାରୀ ହେବ। ୨୦୧୭ ଜୁଲାଇରୁ ଦେଶରେ ଜିଏସ୍‌ଟି ପ୍ରଚଳନ ହୋଇଛି। ମାତ୍ର ଗୋଟିଏ ଆର୍ଥିକ ବର୍ଷ ଅର୍ଥାତ୍‌ ୨୦୧୯-୨୦ରେ ଏସ୍‌ଡିଆର୍‌ଏଫ୍‌କୁ ୯୦:୧୦ ଅନୁପାତରେ ଅନୁଦାନ ମିଳିଥିଲା। ୨୦୧୯-୨୦ରେ ଅନୁଦାନକୁ ୭୫:୨୫ରେ ସୀମିତ ରଖିବାରୁ ରାଜ୍ୟକୁ ୨୬୬ କୋଟି ଟଙ୍କା କମ୍‌ ମିଳିଛି। ଜିଏସ୍‌ଟିରେ ସ୍ଥିରତା ଆସି ନ ଥିବାରୁ ୭୫:୨୫ ହାରରେ ଏସ୍‌ଡିଆର୍‌ଏଫ୍‌ ଅନୁଦାନ ଦିଆଯିବ ବୋଲି ରାଜ୍ୟକୁ କେନ୍ଦ୍ର ସରକାର ଜଣାଇ ଦେଇଛନ୍ତି। ☞ପୃଷ୍ଠା-୪

# ପଥର ଖାଦାନ ବିସ୍ଫୋରଣରେ ୩ ଶ୍ରମିକ ମୃତ

**୨ ଗୁରୁତର, ୭ ଆହତ**

ଗୁଣପୁର,୧୬।୧୦(ଡି.ଏନ୍‌.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍‌ ଜଲତାର ପଞ୍ଚାୟତ ଓକିଲଗୁଡ଼ାଠାରେ ଶୁକ୍ରବାର ଅପରାହ୍ନରେ ଏକ ପଥର ଖାଦାନରେ ବିସ୍ଫୋରଣ ଘଟିଛି। ଏଥିରେ ୨ ମହିଳାଙ୍କ ସମେତ ୩ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେହିପରି ୯ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପଥର ଫଟା ଚାଲିଥିବାବେଳେ ଏଭଳି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ମୃତକ ହେଲେ ଜଲତାର ପଞ୍ଚାୟତ ଲଙ୍ଗରତାଲ ଗ୍ରାମର ଜାମେଶ ଶବର(୫୦), କଷାବତି ଶବର(୪୦) ଏବଂ ଘନାନ୍ତ୍ରୀ ପଞ୍ଚାୟତ ମେରିଙ୍ଗି ଗ୍ରାମର ଓଡି ଶବର(୪୫)। ଆହତମାନଙ୍କୁ ଉଦ୍ଧାର କରାଯାଇ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ପ୍ରତାପ ଯୋଗୀଙ୍କୁ ଗତ ମାସରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପଦବୀ ପୂରଣ ହେବ କେବେ**

# ଓଡ଼ିଶାର ସୋଏବ ଏନ୍‌ଇଇଟି ଟପ୍ପର



ସୋଏବ ଅଫ୍‌ତାବ

**୨ ବିରଳ କୃତିତ୍ୱ ରଚିଲେ**

- ୧୦୦% ରଖିବାରେ ସୋଏବ ଦେଶରେ ପ୍ରଥମ
- ଟପ୍ପର ହେବାରେ ପ୍ରଥମ ଓଡ଼ିଆ ଛାତ୍ର
- ଦିଲ୍ଲୀର ଆକାଂକ୍ଷା ଦ୍ୱିତୀୟ, ତେଲଙ୍ଗାନାର ତୁମ୍ମଲା ତୃତୀୟ
- ଅଭିନନ୍ଦନ ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ନ୍ୟାଶନାଲ ଏଲିଜିବିଲିଟି କମ୍‌ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ଇଇଟି)-୨୦୨୦ ଫଳ ଶୁକ୍ରବାର ପ୍ରକାଶ ପାଇଛି। ଓଡ଼ିଶାର ସୋଏବ ଅଫ୍‌ତାବ ଦେଶରେ ଟପ୍ପର ହୋଇଛନ୍ତି। ଦିଲ୍ଲୀର ଆକାଂକ୍ଷା ସିଂ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ତେଲାଙ୍ଗାନାର ତୁମ୍ମଲା ସ୍ନିକିଠା ତୃତୀୟ ହୋଇଛନ୍ତି। ତେବେ ସୋଏବ ମୋଟ ୭୨୦ରୁ ୭୨୦ ନମ୍ବର(୧୦୦%) ରଖି ସର୍ବଭାରତୀୟ ସ୍ତରରେ ର୍‍ୟାଙ୍କ ୧ ହାସଲ କରିବାର ବିରଳ କୃତିତ୍ୱ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ଏନ୍‌ଇଇଟିରେ କୌଣସି ଛାତ୍ର ଶତପ୍ରତିଶତ ନମ୍ବର ରଖି ନ ଥିଲେ। ସେହିଭଳି ଏନ୍‌ଇଇଟି ଟପ୍ପର ହେବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଛାତ୍ର। ସୋଏବଙ୍କ ଏହି ସଫଳତା କେବଳ ଓଡ଼ିଶା ପାଇଁ ଗୌରବ ଆଣିଦେଇନି, ବରଂ ଦେଶ ପାଇଁ ନୂଆ ଇତିହାସ ସୃଷ୍ଟି କରିଛି। ୨ ରେକର୍ଡ ଭାଙ୍ଗିଥିବା ଏହି ୧୮ବର୍ଷୀୟ ମେଧାବୀ ଛାତ୍ରଙ୍କ ଘର ରାଉରକେଲାରେ ହୋଇଥିବାବେଳେ ପାଠପଢ଼ା ପାଇଁ ସେ ରାଜସ୍ଥାନର କୋଟାରେ ରହୁଛନ୍ତି। କୋଟାର ଏକ କୋଚିଂ ସେଣ୍ଟରରେ ସେ ନାମ ଲେଖାଇ ଏନ୍‌ଇଇଟି ପାଇଁ ନିଜକୁ ☞ପୃଷ୍ଠା-୪


# ଅପେକ୍ଷାରେ ୫୦ ବର୍ଷ

- **ନିଶ୍ଚିହ୍ନ ହେବାକୁ ବସିଲାଣି ୧୫ ଜଙ୍ଗଲ**
- ବଢୁଛି ବେଆଇନ ଖାଦାନ
- ବନ୍ୟଜନ୍ତୁ ସଂଖ୍ୟା ହ୍ରାସ
- ରାଜସ୍ୱ ବିଭାଗକୁ ସମୟ ମିଳୁନି

**ଯାଜପୁର ଅଫିସ/ ଚଣ୍ଡିଖୋଲ, ୧୬।୧୦(ଡି.ଏନ.ଏ.)**

କଟକ ଫରେଷ୍ଟ ଡିଭିଜନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶନର ୫୦ ବର୍ଷ ପରେ ମଧ୍ୟ ଡାଲିଯୋଡ଼ା ରେଞ୍ଜ ଅନ୍ତର୍ଗତ ଯାଜପୁର ଜିଲାର ୧୫ଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ (ପିଆର୍‌ଏଫ୍‌)କୁ ଏଯାଏ ସଂରକ୍ଷିତ ଜଙ୍ଗଲ(ଆର୍‌ଏଫ୍‌) ଭାବେ ଘୋଷଣା କରାଯାଇ ପାରିନାହିଁ। ଏହାର ସୁଯୋଗରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ସମ୍ପୃକ୍ତ ୪୩୪୬.୭୫ ହେକ୍ଟର ଜଙ୍ଗଲ ଜମି ମଧ୍ୟରୁ ଅଧିକାଂଶ ଅଞ୍ଚଳରେ ବେଆଇନ ଭାବେ କଳାପଥର, ମୋରମ, ମାଙ୍କଡ଼ା ପଥର ଖାଦାନ ଚଳାଇଛନ୍ତି। ଏଥିଯୋଗୁ ହଜାର ହଜାର ହେକ୍ଟର ଘନ ଜଙ୍ଗଲ ସହ ଜୈବବିବିଧତା ନଷ୍ଟ ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏନେଇ ବିଭିନ୍ନ ସରକାରୀସ୍ତରରେ ଅଭିଯୋଗ କରାଗଲେ ଜଙ୍ଗଲ ଓ ରାଜସ୍ୱ ବିଭାଗ ଦୋଷ ଲଦାଲଦିରେ ବ୍ୟସ୍ତ ରହି ବର୍ଷ ବର୍ଷ ଧରି ସମୟ ଗଡ଼ାଇ ଚାଲିଛନ୍ତି। ଏଭଳି ସ୍ଥିତିରେ ଉଭୟ ବିଭାଗର କାର୍ଯ୍ୟ ସ୍ୱଚ୍ଛତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ୧୯୭୦ରୁ ୧୯୮୧ ମଧ୍ୟରେ ବିଭିନ୍ନ ସମୟରେ କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲାର ୧୫ଟି ଫରେଷ୍ଟ ବ୍ଲକକୁ ଓଡିଶା ଜଙ୍ଗଲ ଆଇନ-୧୯୭୨ କିମ୍ବା ଭାରତୀୟ ଜଙ୍ଗଲ ଆଇନ-୧୯୨୭ର ଧାରା ୪(୧)ରେ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯାଇଥିଲା। ତେବେ ଏହି ୧୫ଟି ଫରେଷ୍ଟ ବ୍ଲକକୁ ଏଯାଏ ଓଡିଶା ଜଙ୍ଗଲ ଆଇନ-୧୯୭୨ର ଧାରା ୨୧ ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯାଇ ପାରିନାହିଁ। ଏହି ମର୍ମରେ କଟକ ଫରେଷ୍ଟ ଡିଭିଜନର ଡିଭିଜନାଲ ଫରେଷ୍ଟ ଅଫିସର(ଡିଏଫ୍‌ଓ) ତାଙ୍କ ପତ୍ରସଂଖ୍ୟା ୭୧୭୦/୧୩।୯।୨୦୧୯, ୧୬୯୧/୧୬।୨।୨୦୧୯ରେ ଯାଜପୁର ଜିଲାପାଳଙ୍କୁ ଅବଗତ କରାଇଥିଲେ। ଡିଏଫ୍‌ଓ ତାଙ୍କ ଅନୁରୋଧ ପତ୍ରରେ ଦର୍ଶାଇଥିଲେ ଯେ, ସାଧାରଣ ଲୋକଙ୍କ ଉଚ୍ଚତର ସ୍ୱାର୍ଥଦୃଷ୍ଟିରୁ ☞ପୃଷ୍ଠା-୪



OFFICE OF THE DIVISIONAL FOREST OFFICER:CUTTACK FOREST DIVISION
AT-GHATAKULA:NUAPADA:P.O:MADHUPATANA:CUTTACK-753010.
Tel-0671-2340443 FAX:-0671-2347611 Email:-dfo.cuttackforestdivision@yahoo.com

No. 7170 /5F (Mining & Misc.) 127/2018
Dated, Cuttack the 13 th September, 2019.

To
The Collector & District Magistrate,
Jajpur.

Sub:- Declaration of Reserve Forests.

Ref:- This Office Memo No. 1691 dt. 16.02.2019.

Sir,

With reference to the above cited subject, this is to inform that there are 15 Forest Blocks in Jajpur District within the jurisdiction of this Division. These 15 Forest Blocks have been notified as proposed Reserved Forests under Section 4(1) of either Orissa Forest Act, 1972 or Indian Forest Act, 1927. The details of the Forest Blocks along with notification numbers are furnished below:-

| Sl.No. | Name of Forest Block (PRF) | Area in Ha. | Boundary length in Km. | Notification No. & date |
|---|---|---|---|---|
| 1 | Satalundi | 638.21 | 16.84 | 25024 dt. 17.05.1971 |
| 2 | Kalkala | 597.74 | 21.60 | 25032 dt.17.05.1971 |
| 3 | Madhupur | 82.55 | 1.20 | 25015 dt. 17.05.1972 |
| 4 | Nimiti | 18.21 | 1.90 | 9706 dt. 20.02.1970 |
| 5 | Asia Charinangal | 797.25 | 16.40 | 9676 dt. 20.02.1971 |
| 6 | Bajragiri | 12.45 | 3.50 | 9492 dt. 20.02.1970 |
| 7 | Moulabhanja | 114.12 | 10.04 | 9684 dt. 20.02.1970 |
| 8 | Kantigodia | 97.84 | 4.84 | 9667 dt. 20.02.1971 |
| 9 | Nalida | 627.28 | 14.10 | 9575 dt. 10.02.1978 |
| 10 | Kolha A | 54.22 | 2.62 | 8299 dt. 07.02.1978 |
| 11 | Balarampur | 346.01 | 10.014 | 9718 dt. 20.02.1971 |
| 12 | Panchavaya | 331.17 | | 34219 dt.25.06.1970 |
| 13 | Adhikarimala | 17.80 | 3.65 | 9716 dt. 20.02.1971 |
| 14 | Barimula | 364.23 | 8.32 | 27566 dt. 15.04.1980 |
| 15 | Bandhapalli | 247.67 | 9.10 | 30211 dt. 01.05.1981 |

- 2 -

As on today, theses 15 blocks have not been notified U/S 21 of Orissa Forest Act, 1972 as Reserved Forests by Govt. in Revenue & Disaster Management Department, Government of Odisha. It seems the Forest Settlement Officer appointed for the purpose has not taken any action over the years as per the provisions contained in section -6 to 20 of Orissa Forest Act, 1972.

In view of above, it is requ[illegible] kindly impress upon the Forest Settlement Officer, Jajpur to initiate the forest settl[illegible] [illegible]edings under the above Sections of Orissa Forest Act, 1972 so that the forest blocks could be notified as Forests in the greater interest of the people of Jajpur District.

Yours faithfully

Divisional Forest Officer
Cuttack Forest Division

ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡିଏଫଓଙ୍କ ଚିଠି






ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଅଧ୍ୟକ୍ଷ ଚିରାଗ ପାଶ୍ୱାନ ବିହାରରେ ଏକ ଭିନ୍ନ ବାଟ ବାଛିଛନ୍ତି। ଏବେ ସେ ବରିଷ୍ଠ ଭାଜପା ନେତାମାନଙ୍କ ନାମରେ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ ଚଳାଇଛନ୍ତି। ଭାଜପାର କୌଣସି 'ବି', 'ସି' କିମ୍ବା 'ଡି' ଟିମ୍ ନାହିଁ। ରାଜ୍ୟରେ ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା ଏଲ୍‌ଜେପି 'ଏକ ଭୋଟ୍ କଟର୍ ପାର୍ଟି'ରେ ପରିଣତ ହେବ। -ପ୍ରକାଶ ଜାଭଡେକର, ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ବିବାହ ଲାଗି ଝିଅଙ୍କ ବୟସ ସ୍ଥିର ହେବ





୭୫ ଟଙ୍କିଆ ସ୍ମାରକ ମୁଦ୍ରା ଜାରିକଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୬।୧୦:** ଖୁବ୍‌ଶୀଘ୍ର ଦେଶରେ ଝିଅମାନଙ୍କ ସର୍ବନିମ୍ନ ବିବାହ ବୟସ ସରକାର ସ୍ଥିର କରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କହିଛନ୍ତି। ଏଥିଲାଗି ଗଠନ କରାଯାଇଥିବା କମିଟିଗୁଡ଼ିକ ରିପୋର୍ଟ ପ୍ରଦାନ କରିସାରିଥିବା ସେ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଏବେ ପୁଅଙ୍କ ସର୍ବନିମ୍ନ ବିବାହ ବୟସ ୨୧ ରହିଥିବାବେଳେ ଝିଅଙ୍କର ୧୮ ବର୍ଷ ରହିଛି। ଖାଦ୍ୟ ଓ କୃଷି ସଙ୍ଗଠନ (ଏଫ୍‌ଏଓ)ର ୭୫ତମ ବାର୍ଷିକୋତ୍ସବ ଅବସରରେ ୭୫ ଟଙ୍କିଆ ସ୍ମାରକ ମୁଦ୍ରା (କଏନ୍) ସେ ଜାରି କରିଛନ୍ତି।

### ମହାରାଷ୍ଟ୍ର ସରକାରଙ୍କୁ ବରଖାସ୍ତ ପିଟିଶନ ଖାରଜ

**ନୂଆଦିଲ୍ଲୀ,୧୬।୧୦(ପି.ଟି.):** ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡ଼ି ସରକାରଙ୍କୁ ବରଖାସ୍ତ କରି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ନିମନ୍ତେ ଦାଏର ପିଆଇଏଲ୍‌କୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏପରି ଆବେଦନକୁ ଗ୍ରହଣ କରିପାରିବେ ନାହିଁ ବୋଲି କହିଛନ୍ତି। ଆବେଦନକାରୀ ଚାହିଁଲେ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହୋଇପାରିବେ। ବିକ୍ରମ ଗେହଲଟ ମହାରାଷ୍ଟ୍ର ସରକାରଙ୍କୁ ବରଖାସ୍ତ କରିବା ଲାଗି ସୁପ୍ରିମକୋର୍ଟରେ ପିଆଇଏଲ୍ ଦାଏର କରିଥିଲେ। ସରକାର ସାମ୍ବିଧାନିକ ନିୟମ ଅନୁସାରେ କାର୍ଯ୍ୟ କରୁ ନ ଥିବାରୁ ରାଷ୍ଟ୍ରପତି ଶାସନ ଜାରି କରାଯାଉ ବୋଲି ସେ ପିଟିଶନରେ ଉଲ୍ଲେଖ କରିଥିଲେ। ଏଥିରେ ସେ ଦୃଷ୍ଟାନ୍ତ ଭାବେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଓ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍‌ଙ୍କ ଅଫିସ୍ ଭଙ୍ଗା ଘଟଣାର ଅବତାରଣା କରିଥିଲେ।

# ଉତ୍ତର ଭାରତକୁ ନଡ଼ା ପୋଡ଼ି ବିପଦ

**ନୂଆଦିଲ୍ଲୀ,୧୬।୧୦(ପି.ଟି.)**



ଦିଲ୍ଲୀରେ ପ୍ରଦୂଷଣ ପାଇଁ କେନ୍ଦ୍ର ସରକାର ଏଏପି ସରକାର ମୁଣ୍ଡରେ ଦୋଷ ଲଦିବାକୁ ଚାହୁଁଥିଲେ। ଅଦାଲତରେ କମିଟି ଗଠନ ପ୍ରସ୍ତାବକୁ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କ ବିରୋଧରୁ ଏହା ସ୍ପଷ୍ଟ ହୋଇଛି।
**-ସୌରଭ ଭରଦ୍ୱାଜ, ଏଏପି ମୁଖପାତ୍ର**

- ପ୍ରତିକାର କରିବେ ଜଷ୍ଟିସ୍ ଲୋକୁର କମିଟି
- ପ୍ରତି ୧୫ ଦିନରେ ସୁପ୍ରିମକୋର୍ଟଙ୍କୁ ରିପୋର୍ଟ ଦେବେ
- କମିଟି ଗଠନକୁ ବିରୋଧ କରିଥିଲା କେନ୍ଦ୍ର

ଦିଲ୍ଲୀ ତଥା ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ପାଇଁ ନଡ଼ା ପୋଡ଼ିବା ବିପଦ ସାଜିଛି। ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶରେ ଚାଷୀମାନେ ଫସଲ ଅମଳ କରିବା ପରେ ବିଲରେ ଥିବା ମୂଳିନଡ଼ାକୁ ଜାଳି ଦେଉଥିବାରୁ ତାହା ଉତ୍ତର ଭାରତରେ ପ୍ରଦୂଷଣ ବୃଦ୍ଧିର କାରଣ ପାଲଟିଛି। ଏହାକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଏକ ଜଣିକିଆ କମିଟି ଗଠନ କରିଛନ୍ତି। ସର୍ବୋଚ୍ଚ ଅଦାଲତର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ମଦନ ବି. ଲୋକୁରଙ୍କୁ ଏହି କମିଟି ପାଇଁ ନିଯୁକ୍ତ କରାଯାଇଛି। ଏହି ପଦକ୍ଷେପକୁ ଦିଲ୍ଲୀର ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ନଡ଼ା ପୋଡ଼ି ପ୍ରସଙ୍ଗକୁ ଅଣଦେଖା କରି ଲୋକୁର କମିଟି ଗଠନକୁ ବିରୋଧ କରିଥିଲା ବୋଲି ଏଏପି ସମାଲୋଚନା କରିଛି।

ଉତ୍ତର ଭାରତରେ ମୂଳିନଡ଼ା ପୋଡ଼ି ଯୋଗୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଶୀତଋତୁରେ ନଡ଼ାପୋଡ଼ି କରୋନା ସଂକ୍ରମଣକୁ ବଢ଼ାଇବା ଆଶଙ୍କା ଥିବାରୁ ଏହାକୁ ରୋକିବା ଲାଗି ଆଦିତ୍ୟ ଦୁବେ ବରିଷ୍ଠ ଆଇନଜୀବୀ ବିକାଶ ସିଂଙ୍କ ଜରିଆରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଶୀର୍ଷ ଅଦାଲତ ଶୁକ୍ରବାର ଏହାର ଶୁଣାଣି କରି କୋର୍ଟଙ୍କ ଦ୍ୱାରା ନିଯୁକ୍ତ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ସମେତ ହରିୟାଣା, ପଞ୍ଜାବ ଓ ଉତ୍ତର ପ୍ରଦେଶର ମୁଖ୍ୟ ଶାସନ ସଚିବମାନଙ୍କୁ ଲୋକୁର ପ୍ୟାନେଲ୍‌କୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦିଷ୍ଟ ଭାବେ କେଉଁ କେଉଁ ଅଞ୍ଚଳରେ ନଡ଼ାପୋଡ଼ି ହେଉଛି ଏମାନେ ଲୋକୁର କମିଟିକୁ ଦେଖାଇବେ। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟମ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଦିଲ୍ଲୀ-ଏନ୍‌ସିଆର୍‌ର ଲୋକେ ବିନା ପ୍ରଦୂଷଣରେ ବିଶୁଦ୍ଧ ବାୟୁ ଗ୍ରହଣ କରନ୍ତୁ ବୋଲି ଆମେ ଚାହୁଁ। ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟା କମିଟି ଗଠନକୁ ବିରୋଧ କରି ଯୁକ୍ତି ବାଢ଼ିଥିଲେ, ସମ୍ପୃକ୍ତ ରାଜ୍ୟଗୁଡ଼ିକ ଏନେଇ ନିଜ ନିଜ ପକ୍ଷ ରଖିସାରିଛନ୍ତି। ତେଣୁ ଇପିସିଏ ଏହାର ଅନୁଧ୍ୟାନ କରିବା ଉଚିତ। ଏହି ପ୍ରସଙ୍ଗରେ ଦଶହରା ଛୁଟି ପରେ ଶୁଣାଣି କରାଯାଉ ବୋଲି ମେହେଟା ଅନୁରୋଧ କରିଥିଲେ। ଖଣ୍ଡପୀଠ ଏହାକୁ ପ୍ରତ୍ୟାଖ୍ୟାନ କରି କହିଥିଲେ, ଆମେ ଜଷ୍ଟିସ୍ ଲୋକୁରଙ୍କୁ କୌଣସି ଅସାଧାରଣ କ୍ଷମତା ଦେଇନାହୁଁ। ରାଜ୍ୟଗୁଡ଼ିକର ଓ କେନ୍ଦ୍ରର ପକ୍ଷ ମଧ୍ୟ ଶୁଣିଛୁ।

ଏହାସହ ଲୋକୁର ପ୍ୟାନେଲକୁ ପର୍ଯ୍ୟାପ୍ତ ସୁରକ୍ଷା, ପ୍ରଶାସନିକ ଭିତ୍ତିଭୂମି ଓ ପରିବହନ ସୁବିଧା ଯୋଗାଇବା ଲାଗି ରାଜ୍ୟଗୁଡ଼ିକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଲୋକୁର କମିଟି ନଡ଼ା ପୋଡ଼ି ସମ୍ପର୍କରେ ପ୍ରତି ୧୫ ଦିନରେ ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିବେ। ପ୍ରକାଶ ଯେ, ସୁପ୍ରିମକୋର୍ଟ ବିଚାରପତି ଥିବାବେଳେ ନିଜ କାର୍ଯ୍ୟକାଳ ସମୟରେ ଜଷ୍ଟିସ୍ ଏମ୍.ବି. ଲୋକୁର ନଡ଼ା ପୋଡ଼ି ସମେତ ପ୍ରଦୂଷଣ ସମ୍ପର୍କିତ ପ୍ରସଙ୍ଗରେ ବିଚାର କରିଥିଲେ।

## ପୋଲିସ ଆଗରେ ଗୁଳିକରି ହତ୍ୟା

**ଲକ୍ଷ୍ନୌ/ବାଲିଆ, ୧୬।୧୦**

- ଭାଜପା ନେତାଙ୍କ ଭାଇ ଗିରଫ, ୫ ଅଟକ
- ମୁଖ୍ୟ ଅଭିଯୁକ୍ତଙ୍କ ଟେର୍ ମିଳୁନି
- ୩ ଏସ୍‌ଆଇଙ୍କ ସମେତ ୯ ପୋଲିସ ନିଲମ୍ବିତ, ଏସ୍‌ଡିଏମ୍ ବିଦା

ଉତ୍ତରପ୍ରଦେଶର ବଲିଆ ଅନ୍ତର୍ଗତ ଦୁର୍ଜନପୁର ଗ୍ରାମରେ ରାଶନ ଦୋକାନ ବଣ୍ଟନ ଲାଗି ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ହୋଇଥିବା ବୈଠକରେ ଗୁରୁବାର ଗୁଳିମାଡ଼ କରି ଜଣଙ୍କୁ ହତ୍ୟା କରାଯାଇଛି। ଏସ୍‌ଏଚ୍‌ଜି ମଧ୍ୟରେ ପାଟିତୁଣ୍ଡ ହେବାରୁ ସବ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ଏସ୍‌ଡିଏମ୍) ଏହାକୁ ସ୍ଥଗିତ ରଖିବା ଲାଗି ନିର୍ଦ୍ଦେଶ ଦେଇଥିବାବେଳେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ପରେ ଅସନ୍ତୁଷ୍ଟ ଗୋଷ୍ଠୀ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଆଗରେ ଅପର ପକ୍ଷଙ୍କୁ ଗୁଳିମାଡ଼ କରିଥିଲେ। ଏଥିରେ ଜୟ ପ୍ରକାଶ (୪୬) ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ରାଜନୀତି ତେଜିବାରେ ଲାଗିଥିବାବେଳେ ପୋଲିସ ସ୍ଥାନୀୟ ଭାଜପା ନେତାଙ୍କ ଭାଇଙ୍କୁ ଗିରଫ କରିବା ସହ ୫ ଜଣଙ୍କୁ ଥାନାରେ ଅଟକ ରଖିଛି। ତେବେ ମୁଖ୍ୟ ଅଭିଯୁକ୍ତ ଧୀରେନ୍ଦ୍ର ପ୍ରତାପ ସିଂ ଫେରାର୍ ଅଛନ୍ତି। ଏହି ଘଟଣାରେ ୩ ଏସ୍‌ଆଇଙ୍କ ସମେତ ୯ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏସ୍‌ଡିଏମ୍ ସୁରେନ୍ଦ୍ର ଚନ୍ଦ୍ର ପାଲ୍ ଓ ପୋଲିସ ସର୍କଲ ଅଫିସର ଚନ୍ଦ୍ରକେଶ୍ ସିଂଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି। ଏଡିଜି ବ୍ରିଜ୍‌ଭୂଷଣ, ଡିଆଇଜି ସୁଭାଷ ଚନ୍ଦ୍ର ଦୁବେ ଦୁର୍ଜନପୁର ଗ୍ରାମକୁ ଯାଇ ଶୁକ୍ରବାର ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି।

## ୪ ଭଉଣୀଭାଇଙ୍କୁ ମାରିଦେଲେ

**ଜଲଗାଓଁ, ୧୬।୧୦**

ମହାରାଷ୍ଟ୍ରରେ ଶୁକ୍ରବାର ସକାଳେ ସ୍ତବ୍ଧ କରିଦେବା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜଲଗାଓଁର ରାଭେର୍ ତାଲୁକରେ ୪ ନାବାଳକ ଭଉଣୀଭାଇଙ୍କ ମୃତଦେହ ଏକ ବିଲରୁ ଉଦ୍ଧାର କରାଯାଇଛି

ପୋଲିସର ସୂଚନା ଅନୁଯାୟୀ ୨ ଭଉଣୀ ଓ ୨ ଭାଇଙ୍କ ବୟସ ୫ରୁ ୧୪ ବର୍ଷ ହେବ। ସେମାନଙ୍କୁ କୁରାଢ଼ୀରେ ହତ୍ୟା କରାଯାଇଥିଲା। ହତ୍ୟାର କାରଣ ଜଣାପଡିନାହିଁ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛି। ଜମିମାଲିକ ମୁସ୍ତାଫା ବିଲକୁ ସକାଳେ ଯାଇଥିବାବେଳେ ୪ ଜଣଙ୍କ ମୃତଦେହ ନିକଟରେ କୁରାଢ଼ୀ ପଡ଼ିଥିବା ଦେଖିଥିଲେ। ମୃତକମାନଙ୍କ ବାପା ମେହେତାବ ଗୁଲାବ ଭିଲାଲା ଜମିମାଲିକଙ୍କ ପାଖରେ କାମ କରୁଥିଲେ।

## ଛାପା ଗଣମାଧ୍ୟମ ସବୁଠୁ ବିଶ୍ୱସନୀୟ

**ନୂଆଦିଲ୍ଲୀ,୧୬।୧୦**

### ୬୬% ଭାରତୀୟଙ୍କ ମତ

ଡିଜିଟାଲ ମିଡିଆର ବିସ୍ତାର ଓ ହଟଚମଟ ସୃଷ୍ଟିକାରୀ ଟେଲିଭିଜନ୍ ନ୍ୟୁଜ୍‌ର ବହୁଳ ପ୍ରସାର ସତ୍ତ୍ୱେ ଖବରକାଗଜ ତା'ର ବିଶେଷତ୍ୱ ବଜାୟ ରଖିଛି। ୬୬ ପ୍ରତିଶତ ଭାରତୀୟ ପ୍ରିଣ୍ଟ ମିଡିଆକୁ ସୂଚନାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉତ୍ସ ବୋଲି ବିବେଚନା କରନ୍ତି। ସିଭୋଟର ପକ୍ଷରୁ କରାଯାଇଥିବା ମିଡିଆ କଞ୍ଜମ୍ପଶନ ସର୍ଭେ ୨୦୨୦ ଅନୁସାରେ ଲୋକେ ସବୁଠୁ ଅଧିକ ଖବରକାଗଜ ଓ ପତ୍ରପତ୍ରିକା ଉପରେ ଭରସା କରିଥାଆନ୍ତି। ଛାପା ଗଣମାଧ୍ୟମରେ ପ୍ରକାଶିତ ନ୍ୟୁଜ୍ ଓ ଷ୍ଟୋରି ଭାରତୀୟ ପାଠକଙ୍କଠାରେ ୬୩% ଆଦୃତି ଲାଭ କରିଛି। ବିଶେଷକରି କୋଭିଡ୍-୧୯ ସମୟରେ ଖବରକାଗଜ ବିଶେଷ ଗୁରୁତ୍ୱ ବହନ କରିଛି। ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ବିତର୍କରୁ ବିଶେଷ ସୂଚନା ମିଳି ନ ଥାଏ ବୋଲି ୭୩% ଭାରତୀୟ ମତ ଦେଇଛନ୍ତି। ଦେଶର ପ୍ରତ୍ୟେକ ରାଜ୍ୟର ସମସ୍ତ ଜିଲାରୁ ୫୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା।

## ୟୁପିରେ ଥମୁନି ବର୍ବରତା

### ୨ ଜଣଙ୍କୁ ଗଣବଳାତ୍କାର, ଜଣଙ୍କୁ ହତ୍ୟା

**ଲକ୍ଷ୍ନୌ, ୧୬।୧୦**


ଉତ୍ତରପ୍ରଦେଶ(ୟୁପି)ରେ ଥମୁନାହିଁ ବର୍ବରତା। ହାଥରସ ଘଟଣା ପରେ ବାରବାଙ୍କିରେ ଜଣେ ଯୁବତୀ (୧୭)ଙ୍କୁ ଗଣବଳାତ୍କାର ଓ ହତ୍ୟା କରାଯାଇଛି। ଯୁବତୀଙ୍କ ମରଶରୀର ବୁଧବାର ଏକ ଧାନବିଲରୁ ଉଦ୍ଧାର କରାଯାଇଛି। ପୋଲିସ ଏନେଇ ପ୍ରଥମେ ହତ୍ୟା ମାମଲା ରୁଜୁ କରିଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ଯୌନ ନିର୍ଯାତନା ଦିଆଯାଇଥିବା ଦର୍ଶାଯାଇଛି। ସନ୍ଦେହରେ କେତେଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

ସେହିପରି ଉରଇଠାରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ମା' ଅସୁସ୍ଥ ହୋଇପଡ଼ିବାରୁ ବାପା ତାଙ୍କୁ ଜିଲା ହସ୍ପିଟାଲ ନେଇଥିଲେ। ଫେରିବାରେ ବିଳମ୍ବ ହେବାରୁ ରାତିଅଧରେ ସେମାନଙ୍କୁ ଦେଖାକରିବା ଲାଗି ଚାଲି ଚାଲି ହସ୍ପିଟାଲ ଯାଉଥିବା ଏହି ନାବାଳିକାଙ୍କୁ ଦୁଇ ଯୁବକ ଧମକଚମକ ଦେଇ ବନ ବିଭାଗ ପଛପଟକୁ ନେବା ସହ ଗଣବଳାତ୍କାର କରିଥିବା ପୋଲିସ କହିଛି। ଘଟଣାଟି ବୁଧବାର ରାତିରେ ଘଟିଥିବାବେଳେ ଗୁରୁବାର ପୀଡ଼ିତା ପରିବାର ତରଫରୁ ଥାନାରେ ଅଭିଯୋଗ କରାଯାଇଛି। ପୀଡ଼ିତାଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ତନାଘନା ଚଳାଇଛି।

## ଫୁର୍‌ସତ

# ଭାସମାନ ସୁନା 'ଆମ୍ବରଗ୍ରିସ୍'

**ପ୍ରାଚୀନ କାଳରୁ ହ୍ୱେଲ୍ ସାର୍କର ବାନ୍ତି (ଆମ୍ବରଗ୍ରିସ୍) ଏକ ଦୁର୍ମୂଲ୍ୟ ପଦାର୍ଥ ଭାବେ ପରିଗଣିତ ହୋଇଆସିଛି। ଅତର ଏବଂ କେତେକ ସ୍ୱତନ୍ତ୍ର ଔଷଧରେ ଏକ ଗୁରୁତ୍ୱପୂର୍ଣ୍ଣ ପଦାର୍ଥ ଭାବେ ବ୍ୟବହାର କରାଯାଉଥିବାରୁ ଏହା କୋଟି କୋଟି ଟଙ୍କାରେ ବିକ୍ରି ହୋଇଥାଏ। ତେଣୁ ବୈଜ୍ଞାନିକମାନେ ଏହାକୁ ଭାସମାନ ସୁନା ବୋଲି ଅଭିହିତ କରିଛନ୍ତି।**



ତାଇୱାନର ଜଣେ ବ୍ୟକ୍ତିଙ୍କ ଭାଗ୍ୟ ବଦଳାଇଦେଇଛି 'ଆମ୍ବରଗ୍ରିସ୍'। ଏକ ନିକାଞ୍ଚନ ଟାପୁରେ ମାଛ ଧରୁଥିବାବେଳେ ଏକ କଠିନ ପଦାର୍ଥ ତାଙ୍କ ହାତରେ ଲାଗିଥିଲା। ସୁଗନ୍ଧ ବାହାରୁଥିବାରୁ କୌତୂହଳବଶତଃ ସେ ଏହାକୁ ସାଙ୍ଗରେ ନେଇଆସିଥିଲେ। ପରୀକ୍ଷା ପରେ ଏହା ଦୁର୍ମୂଲ୍ୟ 'ଆମ୍ବରଗ୍ରିସ୍' ବୋଲି ଜଣାପଡ଼ିଥିଲା। ୪ କିଲୋଗ୍ରାମ ବିଶିଷ୍ଟ ଏହି ପଦାର୍ଥ ଦେଢ଼କୋଟି ଟଙ୍କାରେ ବିକ୍ରି ହୋଇଛି, ଯାହା ସମ୍ପୃକ୍ତ ବ୍ୟକ୍ତିଙ୍କୁ ରାତାରାତି କୋଟିପତି କରିଦେଇଛି।

'ଆମ୍ବରଗ୍ରିସ୍' ଭାଗ୍ୟ ବଦଳାଇଦିଏ। ଏକଥା ମତ୍ସ୍ୟଜୀବୀମାନେ ଭଲଭାବରେ ଜାଣିସାରିଲେଣି। ତେଣୁ ଏହାକୁ ସଂଗ୍ରହ କରିବାକୁ ଗଭୀର ସମୁଦ୍ରରେ ଜୀବନକୁ ବାଜି ଲଗାଇବାକୁ ପଛାଉନାହାନ୍ତି ସେମାନେ। କିଛିଦିନ ତଳେ ମୁମ୍ବାଇ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ବିପୁଳ ପରିମାଣର 'ଆମ୍ବରଗ୍ରିସ୍' ଜବତ କରାଯାଇଥିବା ଚର୍ଚ୍ଚାର ବିଷୟ ପାଲଟିଥିଲା। 'ଆମ୍ବରଗ୍ରିସ୍' ହେଉଛି ହ୍ୱେଲ ଶରୀର ନିର୍ଗତ ଏକ ଅଠାଳିଆ ପଦାର୍ଥ। କେତେକ ବୈଜ୍ଞାନିକ ଏହାକୁ ମଳ କହୁଥିବାବେଳେ ଅନ୍ୟ କେତେଜଣ ଏହାକୁ ବାନ୍ତି ବୋଲି ଦାବି କରିଛନ୍ତି। ବିଶାଳ ଶରୀର ପାଇଁ ହ୍ୱେଲକୁ ସମୁଦ୍ରର ରାଜା ବୋଲି କୁହାଯାଏ। ଏହି ସାମୁଦ୍ରିକ ଜଳଚର ଜୀବ ଦୈନିକ ବିପୁଳ ପରିମାଣର ଖାଦ୍ୟ ଖାଇଥାଏ। ହେଲେ ହଜମ ନ ହୋଇ ଦୀର୍ଘଦିନ ଶରୀରରେ ରହିବା ପରେ ଏହା ମଳ ଆକାରରେ ନିର୍ଗତ ହୋଇଥାଏ। ତେବେ ଏହି ବର୍ଜ୍ୟ ଅଧିକ ହୋଇଗଲେ ହ୍ୱେଲ ଏହାକୁ ପାଟି ପଟେ ବାହାର କରିଥାଏ। ଏହାର ରଙ୍ଗ କଳା ଏବଂ ଦହନଶୀଳ। ଅନେକ ସମୟରେ ମୁନିଆ ମୁଖଯୁକ୍ତ ମାଛଙ୍କୁ ଗିଳିଦେବା ପରେ ଏହି ପଦାର୍ଥ ହ୍ୱେଲ୍ ଅନ୍ତନଳୀକୁ ସୁରକ୍ଷା ଦେଇଥାଏ। ବଲ୍ଟିକ ସାଗରରୁ ମିଳୁଥିବା ଧୂସର ରଙ୍ଗର 'ଆମ୍ବର' ଭଳି ହୋଇଥିବାରୁ ଏହାର ନାମକରଣ ଏପରି କରାଯାଇଛି। ସାଧାରଣତଃ ହ୍ୱେଲ ଗଭୀର ସମୁଦ୍ରରେ ରହିଥାନ୍ତି। ତେଣୁ ସେମାନଙ୍କ ଶରୀରରୁ ନିର୍ଗତ 'ଆମ୍ବରଗ୍ରିସ୍' ତଟକୁ ଆସିବାକୁ ବର୍ଷ ବର୍ଷ ଲାଗିଯାଇଥାଏ। ସୂର୍ଯ୍ୟକିରଣ ଏବଂ ଲବଣାକ୍ତ ଜଳ ସଂସ୍ପର୍ଶରେ ଆସିବା ପରେ ଏହା କଠିନ ହୋଇଯାଏ। ସମୟକ୍ରମେ ଏଥିରୁ ହାଲ୍‌କା ସୁଗନ୍ଧ ବାହାରିଥାଏ। ଏହା ଯେତେ ପୁରୁଣା ହୁଏ ସେତିକି ଏହାର ଦର ବଢ଼ିଥାଏ।

ସାଧାରଣତଃ 'ଆମ୍ବରଗ୍ରିସ୍'କୁ ଅତର ତିଆରିରେ ବ୍ୟବହାର କରାଯାଏ। ପ୍ରାଚୀନ ମିଶରବାସୀ ଏଥିରୁ ଅଗରବତି, ଧୂପ ପ୍ରସ୍ତୁତ କରୁଥିଲେ। ଆଧୁନିକ ମିଶରରେ ଏହାକୁ ସଗାରେଟକୁ ସୁଗନ୍ଧିତ କରିବାଲାଗି ବ୍ୟବହାର କରାଯାଉଛି। ଚାଇନାରେ ଏହାକୁ ଔଷଧ ଶିଳ୍ପରେ ବ୍ୟବହାର କରାଯାଉଛି। ସେହିପରି ୟୁରୋପର 'ବ୍ଲାକ୍ ଏଜ୍'ରେ ପ୍ଲେଗ୍ ଭଳି ମାରାତ୍ମକ ବ୍ୟାଧିକୁ ନିଜକୁ ସୁରକ୍ଷିତ ରଖିବାକୁ ଲୋକମାନେ ଖଣ୍ଡେ 'ଆମ୍ବରଗ୍ରୀସ' ସାଙ୍ଗରେ ରଖୁଥିଲେ। କାରଣ ଏଥିରୁ ବାହାରୁଥିବା ସୁଗନ୍ଧ ମଳାମୂଷାଙ୍କ ଗନ୍ଧକୁ ଦୂରେଇ ଦେଉଥିଲା। ସେହିପରି ମୁଣ୍ଡବ୍ୟଥା, ଅପସ୍ମାର ସମେତ ଅନ୍ୟ କେତେକ ରୋଗର ପ୍ରତିଷେଧକ ଭାବେ ମଧ୍ୟ ଏହାକୁ ବ୍ୟବହାର କରାଯାଉଥିଲା।



## ଭଲ ନାହିଁ ଆଲିଆଙ୍କ ସମୟ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସମୟ ଏବେ ଭଲ ଚାଲିନାହିଁ । କିଛିଦିନ ହେଲା ସୋସିଆଲ ମିଡିଆରେ ଟ୍ରୋଲ୍ ହୋଇଥିବା ଆଲିଆ ଖୁବ୍ ଚାପଗ୍ରସ୍ତ ରହୁଥିବା ଦେଖାଯାଇଥିଲା । ଏମିତିକି ଲକ୍‌ଡାଉନ ସମୟରେ ମଧ୍ୟ ତାଙ୍କ ସମୟ ଭଲରେ କଟି ନ ଥିବା କୁହାଯାଏ । ତାଙ୍କ ଅଭିନୀତ ଫିଲ୍ମକୁ ବିରୋଧ କରାଯିବା ବି ତାଙ୍କ ପାଇଁ ଏକ ନେଗେଟିଭ ପଏଣ୍ଟ ଥିଲା । ଏବେ ଏହି ଅଭିନେତ୍ରୀ ସୋସିଆଲ ମିଡିଆରେ ଏକ ଫଟୋ ଅପ୍‌ଲୋଡ କରି ଅତୀତକୁ ମନେ ପକାଇଛନ୍ତି । ଯେଉଁଥିରେ ଦେଖିବାକୁ ମିଳିଛି ଆଲିଆ ମୁହଁରେ ଫେସ୍ ମାସ୍କ ଲଗାଇ ଘାସ ଗାଲିଚାରେ ଶୋଇଛନ୍ତି । ଏହି ଫଟୋ ସହ ସେ କ୍ୟାପ୍‌ଶନରେ ଲେଖିଛନ୍ତି, ଅତୀତ ଏମିତି ଥିଲା ଯେତେବେଳେ ଲୋକେ ସ୍କିନ୍‌ର ଯତ୍ନ ନେବାକୁ ଫେସ୍ ମାସ୍କ ଲଗାଉଥିଲେ । ଆଉ ସେତେବେଳେ ଲୋକେ ଦୟାଳୁ ଥିଲେ । ଆଲିଆଙ୍କ ଏହି ଫଟୋରେ ଇଶାନ୍ ଖଟ୍ଟର ଓ ନିତୁ ସିଂ କମେଣ୍ଟ କରିଛନ୍ତି । ଏହାସହ ତାଙ୍କର କେତେଜଣ ଫ୍ୟାନ୍ କହିଛନ୍ତି ପଜିଟିଭ ରହିବାକୁ। ଆଉ କେତେଜଣ ଆଲିଆଙ୍କର ପ୍ରଶଂସା ମଧ୍ୟ କରିଛନ୍ତି । ଆଲିଆଙ୍କ ହାତରେ ଏବେ ସେମିତି କିଛି ବଡ ପ୍ରୋଜେକ୍ଟ ନ ଥିବାବେଳେ ଏବେ ଆଗକୁ ସେ ଏସ ଏସ ରାଜାମୌଳିଙ୍କ ଫିଲ୍ମ ଆର୍‌ଆର୍‌ଆର୍‌ରେ ନଜର ଆସିବେ ବୋଲି ଜଣାପଡିଛି ।

## କୁନି ଝିଅର ପ୍ରଦୂଷଣ ଚିନ୍ତା

**ନୂଆଦିଲ୍ଲୀ:** ଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ନେଇ ମାତ୍ର ୯ ବର୍ଷର ଝିଅର ଚିନ୍ତା। ବାୟୁ ପ୍ରଦୂଷଣ ନେଇ ପଦକ୍ଷେପ ନେବା ପାଇଁ ଏଇ ବୟସରେ ଝିଅଟି ଆନ୍ଦୋଳନ ବି ଆରମ୍ଭ କରିଛିନ୍ତି। ଏଭଳି ଏକ କାମ କରି ଏବେ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ଚେହେରା ପାଲଟିଛନ୍ତି ଲିସିପ୍ରିୟା କଙ୍ଗୁଜାମ୍। ନୂଆଦିଲ୍ଲୀରେ ରହୁଥିବା ଏହି କୁନିଝିଅ ବାୟୁ ପ୍ରଦୂଷଣ ନେଇ ଏବେ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଭୟଙ୍କର ରୂପ ଧାରଣ କରିଛି। ଏହାକୁ ରୋକିବା ନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ଲିସିପ୍ରିୟା। ଏଥିପାଇଁ ସେ ଦିଲ୍ଲୀର ବିଜୟ ଛକ ଅଞ୍ଚଳରେ ଏକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବଡ଼ କଥା ହେଉଛି ଏତେ କମ୍ ବୟସରେ ସେ ଏଭଳି ଏକ ପ୍ରସଙ୍ଗ ଉଠାଇ ଜନ ପ୍ରତିନିଧିମାନଙ୍କୁ ଟାର୍ଗେଟ୍ କରିଛନ୍ତି। ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ନେଇ ଜାତିସଙ୍ଘ ପକ୍ଷରୁ ସ୍ପେନର ମାଡ୍ରିଡ୍‌ରେ ହୋଇଥିବା ଏକ କନ୍‌ଫରେନ୍ସରେ ମଧ୍ୟ ସେ ଭାଗନେଇ ତାଙ୍କ ମତ ରଖିଥିଲେ। ସମ୍ମିଳନୀରେ ଭାଗ ନେଇ ସେ ବିଶ୍ୱ ନେତାମାନଙ୍କୁ ଚ୍ୟାଲେଞ୍ଜ କରିଥିଲେ। କହିଥିଲେ କି ବାୟୁ ପ୍ରଦୂଷଣ ନେଇ କୌଣସି ନେତା କିଛି ପଦକ୍ଷେପ ନେବା ବଦଳରେ ପରସ୍ପରକୁ କେବଳ ଆକ୍ଷେପ କରୁଛନ୍ତି। ଏବେ ବିକ୍ଷୋଭ ସମୟରେ ଲିସିପ୍ରିୟା ଅତ୍ୟନ୍ତ କ୍ଷୋଭର ସହିତ କହିଛନ୍ତି କି ଦିଲ୍ଲୀରେ ବାୟୁ ପ୍ରଦୂଷଣ ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ପିଲାମାନେ ଘରୁ ବାହାରିବା ପାଇଁ ସାହସ କରିପାରୁନାହାନ୍ତି। ଏଭଳି ପରିବେଶରେ କୁନି ପିଲା ଏବଂ ନବଜାତ ଶିଶୁମାନଙ୍କର ଭବିଷ୍ୟତ ନଷ୍ଟ ହୋଇଯାଉଛି। ଜନପ୍ରତିନିଧିମାନେ ଏନେଇ କୌଣସି ପଦକ୍ଷେପ ନେଉନାହାନ୍ତି ବରଂ ପରସ୍ପରକୁ ଦୋଷ ଦେଉଥିବା ଅଭିଯୋଗ କରି ସେ ପ୍ଲାକାର୍ଡ ଧରି ବିକ୍ଷୋଭ କରିଛନ୍ତି।





ଲିସିପ୍ରିୟା କଙ୍ଗୁଜାମ୍

## କୁକୁରଙ୍କ ସେଲ୍‌ଫି ବୁଥ୍

**ନୂଆଦିଲ୍ଲୀ:** ଆଜିକାଲି ସମସ୍ତଙ୍କର ରହିଛି ସେଲ୍‌ଫି ନିଶା। କୁକୁର ବା ସେଥିରୁ ବାଦ୍ ପଡ଼ନ୍ତା କିପରି! କୁକୁରମାନେ ବି ଏବେ ନିଜର ସୁନ୍ଦର ସୁନ୍ଦର ପୋଜ୍‌ରେ ସେଲ୍‌ଫି ନେଇପାରିବେ। ସେଥିପାଇଁ ତ ସେମାନଙ୍କ ପାଇଁ ତିଆରି ହୋଇଛି ସେଲ୍‌ଫି କର୍ଣ୍ଣର। ଆଉ କୁକୁରଙ୍କ ପାଇଁ ଏଭଳି ସୁବିଧା ଆଣି ଦେଇଛନ୍ତି ଜଣେ ୟୁଟ୍ୟୁବର ସିମୋନ୍ ଗୀର୍ଜ।

କିଛି ଲୋକଙ୍କ ପାଇଁ ହୁଏ ତ କୁକୁର କେବଳ ଘରେ ପୋଷା ହୋଇଥିବା ଜୀବ ହୋଇପାରେ କିନ୍ତୁ ଅନେକଙ୍କ ପାଇଁ କୁକୁର ମଧ୍ୟ ଘରର ଜଣେ ସଦସ୍ୟ ଭଳି। ସେଥିପାଇଁ କୁକୁରକୁ ସବୁ ପ୍ରକାରର ସୁବିଧାସୁଯୋଗ ଯୋଗାଇ ଦେବା ପାଇଁ ଆଜିକାଲି ଅଧିକାଂଶ ଲୋକ ଚେଷ୍ଟା ଚଳାଇଛନ୍ତି। ଠିକ୍ ଏମିତି କିଛି ଇଚ୍ଛାରେ ସିମୋନ୍ କୁକୁରଙ୍କ ପାଇଁ ତିଆରି କରିଛନ୍ତି ସେଲ୍‌ଫି ବୁଥ୍। ସେଲ୍‌ଫି ବୁଥ୍‌ରେ କୁକୁରମାନେ ନିଜ ଗୋଡ଼ରେ ପେଡାଲ ମାରି ନିଜର ଯେକୌଣସି ପୋଜ୍‌ରେ ଫଟୋ ଉଠାଇପାରିବେ। ସିମୋନ୍ ତିଆରି କରିଥିବା ସେଲ୍‌ଫି ବୁଥ୍ ଭିତରକୁ କୁକୁର ପଶିବା ମାତ୍ରେ ସେଠାରେ ସେ କ୍ୟାମେରା ରେଞ୍ଜ ଭିତରକୁ ଆସି ଯାଇଥାନ୍ତି। ଆଉ ଗୋଡ଼ରେ ପେଡାଲକୁ ମାରିବା ମାତ୍ରେ ଫଟୋ ଉଠିଯାଏ। ସିମୋନ୍ ତାଙ୍କ ଘରେ ରଖିଥିବା କୁକୁର ନିମନ୍ତେ ଏଭଳି ଏକ ସେଲ୍‌ଫି ବୁଥ୍ ତିଆରି କରିଛନ୍ତି। ଆଉ ଏହି ସେଲ୍‌ଫି ବୁଥ୍ ନେଇ ସେ ସୋସିଆଲ୍ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ସିମୋନ୍ କ୍ୟାମେରା କିଭଳି କାମ କରୁଛି ଓ କୁକୁର କିଭଳି ଏହା ଭିତରେ ଫଟୋ ଉଠାଉଛି ସେନେଇ ବିସ୍ତାରିତ ଭାବେ ବର୍ଣ୍ଣନା କରିଛନ୍ତି। ସୋସିଆଲ ମିଡିଆରେ ସିମୋନଙ୍କର ଏହି ସେଲ୍‌ଫି ବୁଥ୍‌ର ଭିଡିଓ ଆସିବା ପରେ ତାହା ଲୋକଙ୍କୁ ଖୁବ୍ ପସନ୍ଦ ଆସିଛି। ସେଥିପାଇଁ ତାଙ୍କ ଟୁଇଟ୍‌କୁ ଏବେ ସୁଦ୍ଧା ପ୍ରାୟ ଦେଢ଼ ଲକ୍ଷ ଲୋକ ଦେଖିବା ସହିତ ସୁନ୍ଦର କମେଣ୍ଟ ଦେଇଛନ୍ତି। ଅଧିକାଂଶ ସିମୋନ୍‌ଙ୍କ କାମକୁ ପ୍ରଶଂସା କରିଛନ୍ତି। କିଛି ଲୋକ ମଧ୍ୟ ନିଜ ଘରେ ସେଭଳି ସେଲ୍‌ଫି ବୁଥ୍ କରିବା ପାଇଁ ପ୍ରେରଣା ପାଇଥିବା କହିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୯୩,୮୮,୧୬୯ | ୧୧,୦୫,୮୯୫ | ୨,୯୫,୦୮,୨୩୩ |
| ଭାରତ | ୭୪,୨୦,୬୬୮ | ୧,୧୨,୯୧୬ | ୬୫,୦୯,୯୩୧ |
| ଓଡ଼ିଶା | ୨,୬୪,୧୪୯ | ୧୧୦୪(+୫୩) | ୨,୩୮,୫୩୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଆପୋସ ବୁଝାମଣାରେ ସମାଧାନ କର

## ଅନୁଭବଙ୍କ ଛାଡ଼ପତ୍ର ପିଟିଶନ ସୁପ୍ରିମକୋର୍ଟରେ ସ୍ଥଗିତ

**ନୂଆଦିଲ୍ଲୀ,୧୬।୧୦(ପି.ଟି.)**

କେନ୍ଦ୍ରାପଡ଼ାର ବିଜେଡି ଏମ୍‌ପି ଅନୁଭବ ମହାନ୍ତି ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କଠାରୁ ଛାଡ଼ପତ୍ର ଦାବିକରି ଦିଲ୍ଲୀର ପଟିଆଲା ହାଉସ୍‌କୋର୍ଟରେ ଦାଏର କରିଥିବା ପିଟିଶନ ଉପରେ ଶୁକ୍ରବାର ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଅଭିନେତା ଅନୁଭବ ଆପୋସ ବୁଝାମଣା ଜରିଆରେ ସ୍ତ୍ରୀଙ୍କ ସହ ଏହି ବୈବାହିକ ବିବାଦର ସମାଧାନ ପାଇଁ ବାଟ ଖୋଜନ୍ତୁ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଏହି ପ୍ରସଙ୍ଗକୁ ନେଇ ଗଣମାଧ୍ୟମର ରିପୋର୍ଟିଂ ବନ୍ଦ କରିବା ଲାଗି ଅନୁଭବଙ୍କ ପକ୍ଷରୁ ଦାଏର ଆବେଦନକୁ ମଧ୍ୟ ଶୀର୍ଷ ଅଦାଲତ ଖାରଜ କରିଦେଇଛନ୍ତି।

୨୦୧୪ ଫେବୃୟାରୀରେ ବର୍ଷା ଓ ଅନୁଭବ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ହେଲେ ବର୍ଷାଙ୍କ ସ୍ୱାର୍ଥପର ବ୍ୟବହାର ଯୋଗୁ ସେମାନଙ୍କ ଦାମ୍ପତ୍ୟ ଜୀବନ ସଫଳ ହୋଇ ନ ଥିବା ଦର୍ଶାଇ ଅନୁଭବ ଗତ ଜୁଲାଇ ୭ରେ ଛାଡ଼ପତ୍ର ପାଇଁ ପଟିଆଲା ହାଉସ୍‌କୋର୍ଟରେ ଆବେଦନ କରିଥିଲେ।

ଅନ୍ୟପକ୍ଷେ କୋଭିଡ୍-୧୯ ସ୍ଥିତିରେ କଟକରୁ ପଟିଆଲା ହାଉସ୍‌କୋର୍ଟକୁ ଯାଇ ଶୁଣାଣି ବେଳେ ହାଜର ହେବା ତାଙ୍କ ପାଇଁ ସମ୍ଭବପର ନୁହେଁ। ତେଣୁ ଛାଡ଼ପତ୍ର ମାମଲାର ଶୁଣାଣି ପଟିଆଲା ହାଉସ୍‌କୋର୍ଟରୁ କଟକ ଫାମିଲି କୋର୍ଟକୁ ସ୍ଥାନାନ୍ତର କରାଯାଉ ବୋଲି ବର୍ଷା ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ଜଷ୍ଟିସ୍ ହୃଷୀକେଶ ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଅନୁଭବଙ୍କୁ ନୋଟିସ କରିଛନ୍ତି। ଶୁଣାଣି ବେଳେ ତରବରିଆ ଭାବେ ମାମଲା ସ୍ଥାନାନ୍ତର ନ କରିବାକୁ ଅନୁଭବଙ୍କ ଓକିଲ ଅଶ୍ୱିନୀ କୁମାର ଦୁବେ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ବର୍ଷା ଏମ୍‌ପିଙ୍କ ସ୍ତ୍ରୀ ହୋଇଥିବାରୁ ବିମାନ ଯାତ୍ରା ପାଇଁ ବିଜ୍‌ନେସ୍ କ୍ଲାସ୍ ଟିକେଟ ପାଇପାରିବେ। ଏହାବାଦ୍ ତାଙ୍କର ନିଜସ୍ୱ ଆୟର ଉତ୍ସ ରହିଛି। ତେଣୁ ସେ ଦିଲ୍ଲୀକୁ ଯାତ୍ରା କରିପାରିବେ ବୋଲି ଆଇନଜୀବୀ ଦୁବେ ଏହାକୁ ବିରୋଧ କରିଥିଲେ।

ଏହାକୁ ନେଇ ଖଣ୍ଡପୀଠ କହିଥିଲେ, ଉଭୟ ପକ୍ଷ ହେଉଛନ୍ତି ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଦୁଇଜଣ ହାଇପ୍ରୋଫାଇଲ ବ୍ୟକ୍ତିତ୍ୱ। ଜଣେ ରାଜନୈତିକ ଜୀବନରେ ଥିବାରୁ ବୁଝାମଣା ଜରିଆରେ ମାମଲାର ସମାଧାନ କରାଗଲେ ଉଭୟଙ୍କ ପାଇଁ ଭଲ ହେବ। ଏହାସହ ଅଦାଲତ ଦମ୍ପତିଙ୍କୁ ସୁପ୍ରିମକୋର୍ଟର ମେଡିଏଶନ ସେଣ୍ଟରକୁ ଯାଇ ଆପୋସ ବୁଝାମଣାର ବାଟ ବାହାର କରିବାକୁ ପରାମର୍ଶ ଦେଇଛନ୍ତି। ପଟିଆଲା ହାଉସ୍‌କୋର୍ଟରେ ଛାଡ଼ପତ୍ର ପିଟିଶନର ଶୁଣାଣି ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି।

# କାଦୁଅରେ ଫସି ହାତୀ ଶାବକ ମୃତ

**କେନ୍ଦୁଝର, ୧୬।୧୦(ସ୍ୱ.ପ୍ର.)**



କାଦୁଅ ବିଲରେ ମରି ପଡ଼ିଥିବା ହାତୀ ଶାବକ।

କେନ୍ଦୁଝର ଜିଲା ଭୂୟାଁ ଜୁଆଙ୍ଗପୀଢ଼ ରେଞ୍ଜ କୁଶକଳା ବିଟ୍ ଅଧୀନ ନଡ଼ାପାଣି ଗ୍ରାମର କାଦୁଅ ବିଲରେ ଫସି ଏକ ହାତୀ ଶାବକର ମୃତ୍ୟୁ ଘଟିଛି। ଏହି ବିଲ ଦେଇ ହାତୀପଲ ଯାଉଥିବା ବେଳେ ଶାବକଟି କାଦୁଅରେ ଫସି ଯାଇଥିବା ସୂଚନା ମିଳିଛି।

ଗୁରୁବାର ପାହାଡ଼ତଳ ଗାଁ ନଡ଼ାପାଣିରେ ହାତୀପଲ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଶାବକ ଥିଲେ। ବନବିଭାଗ ସ୍କ୍ୱାଡ୍ ମଧ୍ୟ ଏହି ହାତୀ ପଲ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ତେବେ ଶୁକ୍ରବାର ଭୋର ସମୟରେ ହାତୀ ପଲ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ ବର୍ଷ ବୟସ୍କ ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ସକାଳ ପ୍ରାୟ ୯ଟା ସମୟରେ ପହଞ୍ଚିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ଘଟି ସାରିଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

ଏନେଇ ଡିଏଫଓ ମଲ୍ଲିକଙ୍କୁ ପଚାରିବାରୁ ଉକ୍ତ ଅଞ୍ଚଳରେ ୨୦ ହାତୀ ରହିଥିବା ବେଳେ କେନ୍ଦୁଝର ବନଖଣ୍ଡ ଅଞ୍ଚଳର ବିଭିନ୍ନ ରେଞ୍ଜରେ ପ୍ରାୟ ୧୨୬ ହାତୀ ବିଚରଣ କରୁଛନ୍ତି । ହାତୀ ଶାବକଟିକୁ ଶିକାର କରାଯାଇଛି କିମ୍ବା ତାର ସ୍ୱାଭାବିକ ମୃତ୍ୟୁ ହୋଇଛି ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ କିଛି ମାସ ମଧ୍ୟରେ ଜିଲାରେ ୨ ହାତୀ ଶାବକଙ୍କ ମୃତ୍ୟୁ ହୋଇଥିବା ବେଳେ ବର୍ଷକ ମଧ୍ୟରେ ପ୍ରାୟ ୫ ହାତୀଙ୍କ ମୃତ୍ୟୁ ଘଟିଥିବାରୁ ପରିବେଶବିତ୍‌ମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

# ‘ପୃଥ୍ୱୀ-୨’ର ରାତ୍ରିକାଳୀନ ସଫଳ ପରୀକ୍ଷଣ



**ବାଲେଶ୍ୱର ଅଫିସ,୧୬।୧୦**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଅଧୀନ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ର ୩ ନଂ. ଲଞ୍ଚପ୍ୟାଡ୍‌ରୁ ଶୁକ୍ରବାର ସନ୍ଧ୍ୟା ୭ଟା ୩୦ମିନିଟ୍‌ରେ ଦୂରଗାମୀ ବାଲାଷ୍ଟିକ ମିଶାଇଲ ‘ପୃଥ୍ୱୀ-୨’ ଉତ୍‌କ୍ଷେପଣ କରାଯାଇଛି। ପରୀକ୍ଷଣ ସଫଳ ହୋଇଥିବା ବିଭାଗ ସୂତ୍ରରୁ ପ୍ରକାଶ। ୧୯୯୬ ଜାନୁୟାରୀ ୨୭ରେ ‘ପୃଥ୍ୱୀ-୨’ର ପ୍ରଥମ ପରୀକ୍ଷଣ ହୋଇଥିଲା। ୨୦୦୪ରେ ଏହାର ସମ୍ପୂର୍ଣ୍ଣ ବିକଶିତ ପରେ ବାୟୁସେନାରେ ସାମିଲ କରାଯାଇଥିଲା। ଏହାର ଲକ୍ଷ୍ୟଭେଦ କ୍ଷମତା ୨୫୦ରୁ ୩୫୦ କି.ମି.। ଲମ୍ବ ୮.୫୬ ମିଟର ଓ ମୋଟେଇ ୧୧୦ ସେ.ମି.। ଏଥିରେ ୫୦୦ରୁ ୧ହଜାର କେଜିର ଯୁଦ୍ଧାସ୍ତ୍ର ବହନ କ୍ଷମତା ରହିଛି।

# ୧୧ଶହ ଟପିଲା କରୋନା ମୃତ୍ୟୁ

## ରାଜ୍ୟରେ ୨୧୩୮ ସଂକ୍ରମିତ, ୨୮୫୦ ସୁସ୍ଥ

**ଭୁବନେଶ୍ୱର, ୧୬।୧୦ (ବ୍ୟୁରୋ)**

କରୋନାକୁ ନେଇ ଲୋକଙ୍କ ମନରୁ ଧୀରେ ଧୀରେ ଭୟ ଛାଡୁଥିବାବେଳେ ପୂର୍ବାପେକ୍ଷା କିନ୍ତୁ ଏହି ମହାମାରୀ ଘାତକ ସାଜୁଛି। ଶେଷ ୨୪ ଘଣ୍ଟାରେ ଆଉ ୧୫ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା, କଟକ, ନବରଙ୍ଗପୁର ଏବଂ ସମ୍ବଲପୁରରୁ ୨ଜଣ ଲେଖାଏ ମରିଥିବାବେଳେ ଭଦ୍ରକ, ବରଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଝାରସୁଗୁଡା, ପୁରୀ ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ଆଖି ବୁଜିଛନ୍ତି। ଏଥିମଧ୍ୟରୁ ୬ଜଣ କେବଳ କୋଭିଡ୍‌ରେ ଓ ଅନ୍ୟ ୯ଜଣ କୋଭିଡ୍ ସହ ବିଭିନ୍ନ ରୋଗରେ ପୀଡିତ ଥିଲେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୧୦୪କୁ ବୃଦ୍ଧି ପାଇଛି।

ସେହିପରି ରାଜ୍ୟରେ ଆଉ ୨୧୩୮ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୨,୬୪,୧୪୯ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩୬୧ ଚିହ୍ନଟ ହୋଇଥିବାବେଳେ କଟକରୁ ୧୫୬, ଅନୁଗୋଳ ୧୫୧, ସୁନ୍ଦରଗଡ଼ ୧୩୭ ଓ ମୟୂରଭଞ୍ଜରୁ ୧୧୯ ରହିଛନ୍ତି। ଅନ୍ୟ ୨୫ ଜିଲାରୁ ଶହେଠାରୁ କମ୍ ନୂଆ ସଂକ୍ରମିତ ବାହାରିଛନ୍ତି। ରାଜ୍ୟରୁ ୨୮୫୦ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୨,୪୧,୩୮୫ ଛୁଇଁଛି। ବର୍ତ୍ତମାନ ରାଜ୍ୟରେ ୨୧,୬୦୭ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।









**ଆଜିର ମନ୍ତବ୍ୟ**

ସରକାରଙ୍କ ପକ୍ଷରୁ କୃଷି ଶସ୍ୟର ଏମ୍ଏସ୍‌ପି ଘୋଷଣା ଏବଂ ତାକୁ କିଣାଯିବା ଦେଶର ଖାଦ୍ୟ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ।
—ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସୁଦର୍ଶନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଅପେକ୍ଷାରେ ୫୦...

**ଅଧିସୂଚିତ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ**

| ଜଙ୍ଗଲ ନାମ | | ଏରିଆ (ହେକ୍ଟର) | ବିଜ୍ଞପ୍ତି ନମ୍ବର/ତାରିଖ |
|---|---|---|---|
| ୧ | ସାତଲୁଣ୍ଡି | ୬୩୮.୨୧ | ୨୫୦୨୪/୧୭।୫।୧୯୭୧ |
| ୨ | କଳକଳା | ୫୯୭.୭୪ | ୨୫୦୩୨/୧୭।୫।୧୯୭୧ |
| ୩ | ମଧୁପୁର | ୮୨.୫୫ | ୨୫୦୧୫/୧୭।୫।୧୯୭୨ |
| ୪ | ନିମିତି | ୧୮.୨୧ | ୯୭୦୬/୨୦।୨।୧୯୭୦ |
| ୫ | ଅସିଆ ଚାରିନଙ୍ଗଲ | ୭୯୭.୨୫ | ୯୬୭୬/୨୦।୨।୧୯୭୧ |
| ୬ | ବଜ୍ରଗିରି | ୧୨.୪୫ | ୯୪୯୨/୨୦।୨।୧୯୭୦ |
| ୭ | ମଉଳାଭଞ୍ଜ | ୧୧୪.୧୨ | ୯୬୮୪/୨୦।୨।୧୯୭୦ |
| ୮ | କଣ୍ଟିଗଡିଆ | ୯୭.୮୪ | ୯୬୬୭/୨୦।୨।୧୯୭୧ |
| ୯ | ନଳିଦା | ୬୨୭.୨୮ | ୯୫୭୫/୧୦।୨।୧୯୭୮ |
| ୧୦ | କୋହ୍ଲା(କ) | ୫୪.୨୨ | ୮୨୯୯/୭।୨।୧୯୭୮ |
| ୧୧ | ବଳରାମପୁର | ୩୪୬.୦୧ | ୯୭୧୮/୨୦।୨।୧୯୭୧ |
| ୧୨ | ପାଞ୍ଚଭାୟା | ୩୩୧.୧୭ | ୩୪୨୧୯/୨୫।୬।୧୯୭୦ |
| ୧୩ | ଅଧିକାରୀମଳା | ୧୭.୮୦ | ୯୭୧୬/୨୦।୨।୧୯୭୧ |
| ୧୪ | ବାରିମୂଳା | ୩୬୪.୨୩ | ୨୭୫୬୬/୧୫।୪।୧୯୮୦ |
| ୧୫ | ବନ୍ଧପଲ୍ଲୀ | ୨୪୭.୬୭ | ୩୦୨୧୧/୧।୫।୧୯୮୧ |

ସଂରକ୍ଷିତ ଜଙ୍ଗଲ ଘୋଷଣାର ଆବଶ୍ୟକତା ରହିଛି। ତେଣୁ ଫରେଷ୍ଟ ସେଟଲମେଣ୍ଟ ଅଫିସରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ପତ୍ରରେ ଅନୁରୋଧ କରାଯାଇଥିଲା। କିନ୍ତୁ ଏହି ପ୍ରସ୍ତାବ କେବଳ ପତ୍ର ଆଦାନ ପ୍ରଦାନରେ ସୀମିତ ରହିଛି। ଅତୀତରେ ଏହି ସବୁ ଜଙ୍ଗଲଗୁଡ଼ିକରେ ବହୁ ସଂଖ୍ୟାରେ ବାଘ, ଭାଲୁ, ହାତୀ, କୁଟୁରା, ଝିଙ୍କ ଓ ହରିଣ ପ୍ରଭୃତି ବିରଳ ପ୍ରଜାତିର ବନ୍ୟପ୍ରାଣୀ ବାସ କରୁଥିଲେ। କିନ୍ତୁ ଏବେ ବନ୍ୟପ୍ରାଣୀ ପ୍ରାୟ ଦେଖିବାକୁ ମିଳୁ ନ ଥିବା ସ୍ଥାନୀୟ ବୟୋଜ୍ୟେଷ୍ଠ ଲୋକମାନେ କହୁଛନ୍ତି। ଜଙ୍ଗଲଗୁଡିକରୁ ବ୍ୟାପକ ଗଛକଟା, ବେଆଇନ ଖାଦାନ ଓ ବିସ୍ଫୋରଣ ସମେତ ଆବଶ୍ୟକ ଜଳଉତ୍ସର ଅଭାବ ଯୋଗୁ ବନ୍ୟପ୍ରାଣୀଙ୍କ ସଂଖ୍ୟା ହାତଗଣତି ହୋଇଯାଇଛି। ଉଦାହରଣ ଭାବେ ଅସିଆ-ଚାରିନଙ୍ଗଲ, ବଳରାମପୁର, ମଧୁପୁର, ବନ୍ଧପାଲି, କଣ୍ଟିଗଡିଆ, ମଉଳାଭଞ୍ଜ, ବିଜ୍ରଗିରି ଆଦି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ନିଶ୍ଚିହ୍ନ ହେବାକୁ ବସିଲାଣି। ୨୦୧୨-୧୩ରୁ ଅଦ୍ୟାବଧି ବନ ବିଭାଗ ପକ୍ଷରୁ ପ୍ରାୟ ପାଞ୍ଚଶହ ହେକ୍ଟର ଜଙ୍ଗଲ ଜମିରେ ବନୀକରଣ କରାଯାଇଛି। ମାତ୍ର ଜଙ୍ଗଲର ସୁରକ୍ଷା ଦିଗରେ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଡିଏଫ୍ଓ ସୁଦର୍ଶନ ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ସଂରକ୍ଷିତ ଜଙ୍ଗଲ ଘୋଷଣା ରାଜସ୍ୱ ବିଭାଗ ହାତରେ ରହିଛି। ଏନେଇ ଜିଲାପାଳଙ୍କୁ ଏକାଧିକ ଥର ପତ୍ର ଦିଆଯାଇଛି। ଏପରିକି ତହସିଲଦାରମାନଙ୍କୁ ଫରେଷ୍ଟ ସେଟଲମେଣ୍ଟ ଅଧିକାରୀ ଭାବେ ମାନ୍ୟତା ଦିଆଯାଇଛି। ତଥାପି ଯାଜପୁର ଜିଲାରେ ସଂରକ୍ଷିତ ଜଙ୍ଗଲ ଘୋଷଣା ହୋଇପାରିନାହିଁ ବୋଲି ସେ କହିଛନ୍ତି। ଏ ନେଇ ଯାଜପୁର ଉପଜିଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇ ପାରିନାହିଁ।

## ପ୍ରଥମ ପୃଷ୍ଠାରୁ...

### ଚାପରେ ରାଜକୋଷ

ଅନ୍ୟ ପକ୍ଷରେ ଜିଏସ୍‌ଟି କ୍ଷତି ବଢିଚାଲିଥିବାରୁ କେନ୍ଦ୍ର ସରକାର ଋଣ କରି ଭରଣା କରିବାକୁ ରାଜ୍ୟଗୁଡିକୁ ପରାମର୍ଶ ଦେଇଛନ୍ତି। ଆର୍ଥିକ ସମସ୍ୟାକୁ ମୁକାବିଲା କରିବାକୁ ରାଜ୍ୟ ସରକାର ଖୋଲା ବଜାରରୁ ୨୮୫୮ କୋଟି ଟଙ୍କାର ଋଣ କରିବା ଲାଗି ଅର୍ଥ ମନ୍ତ୍ରଣାଳୟର ଖର୍ଚ୍ଚ ବିଭାଗ ଅନୁମତି ଦେଇଛି। ଅର୍ଥ ମନ୍ତ୍ରଣାଳୟ ଓଡ଼ିଶା ସମେତ ୨୦ ରାଜ୍ୟକୁ ଖୋଲା ବଜାରରୁ ୬୮,୮୨୫ କୋଟି ଟଙ୍କା ଋଣ ଉଠାଇବାକୁ ଅନୁମତି ଦେଇଛି। ଏହି ଋଣ ମୋଟ ରାଜ୍ୟ ଘରୋଇ ଉତ୍ପାଦନ(ଜିଏସ୍‌ଡିପି)ର ୦.୫୦ ପ୍ରତିଶତରୁ ୨% ପ୍ରତିଶତ ପର୍ଯ୍ୟନ୍ତ କରିବାକୁ ଅନୁମତି ଦିଆଯାଇଛି। ଏଠାରେ ସୂଚନା ଯୋଗ୍ୟ ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଜିଏସ୍‌ଟି କ୍ଷତିପୂରଣ ଓ କୋଭିଡ୍ ସହାୟତା ବାବଦରେ ରାଜ୍ୟ ସରକାରଙ୍କୁ ୨.୩୫ ଲକ୍ଷ କୋଟି ଟଙ୍କା ଦେବାକୁ ଅସମର୍ଥ ହୋଇଛନ୍ତି। ସେହି ବୋଝକୁ କେନ୍ଦ୍ର ସରକାର ଚତୁରତାର ସହ ରାଜ୍ୟଗୁଡ଼ିକ ଉପରେ ଲଦିଛନ୍ତି। ୨୦୨୦ ଅଗଷ୍ଟ ୨୭ ତାରିଖରେ ଅନୁଷ୍ଠିତ ଜିଏସ୍‌ଟି କାଉନସିଲ ବୈଠକରେ ଜିଏସ୍‌ଟି କ୍ଷତି ଭରଣା ପାଇଁ ରାଜ୍ୟଗୁଡିକ ନିକଟରେ କେନ୍ଦ୍ର ସରକାର ଦୁଇଟି ବିକଳ୍ପ ରଖିଥିଲେ। ସେଥିରୁ ଗୋଟିଏ ବାଛିବା ପାଇଁ ରାଜ୍ୟଗୁଡିକୁ ପରାମର୍ଶ ଦେଇଥିଲେ।

ପ୍ରଥମ ପ୍ରସ୍ତାବ ଥିଲା, ଭାରତୀୟ ରିଜର୍ଭ ବ୍ୟାଙ୍କ ସହିତ ବୁଝାମଣା କରି କେନ୍ଦ୍ର ସରକାର ସ୍ୱତନ୍ତ୍ର ୱିଣ୍ଡୋ ଜରିଆରେ ୯୭ ହଜାର କୋଟି ଟଙ୍କା ଋଣ କରିବେ। ସେହି ଅର୍ଥ ୨୦୨୨ଜୁନ୍ ସୁଦ୍ଧା କ୍ଷତିପୂରଣ ସେସ୍ ପାଣ୍ଠିରୁ ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ବାବଦରେ ପ୍ରଦାନ କରାଯିବ। ପଞ୍ଚଦଶ ଅର୍ଥ କମିଶନ ଏହାକୁ ରାଜ୍ୟ ପାଇଁ ଋଣ ବୋଝ ଭାବେ ଗ୍ରହଣ କରିବ ନାହିଁ। କେନ୍ଦ୍ର ସରକାର ଉଭୟ ସୁଧ ଓ ଋଣ ବାବଦ ସମସ୍ତ ଅର୍ଥ ବହନ କରିବେ। ଦ୍ୱିତୀୟ ପ୍ରସ୍ତାବ ଥିଲା, ସମୁଦାୟ ଜିଏସ୍‌ଟି କ୍ଷତିପୂରଣ ରାଶି ରାଜ୍ୟ ସରକାରଗୁଡ଼ିକ ଚଳିତ ବର୍ଷ ଖୋଲା ବଜାରରୁ ଆର୍‌ବିଆଇ ସହିତ ବୁଝାମଣା କରି ଋଣ କରିବେ। ରାଜ୍ୟ ସରକାର ଋଣର ସୁଧ ବହନ କରିବେ ଏବଂ ମୂଳଧନ ୨୦୨୨ ଜୁନ୍ ପରେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ ଯୋଗାଇ ଦେବେ। ରାଜ୍ୟ ସରକାର ପ୍ରଥମ ପ୍ରସ୍ତାବଟିକୁ ଗ୍ରହଣ କରିଛନ୍ତି। ସେଥିରେ ପ୍ରଥମ ବିକଳ୍ପକୁ ଓଡ଼ିଶା ସମେତ ୨୦ଟି ରାଜ୍ୟ ଗ୍ରହଣ କରିଥିଲେ। ଓଡ଼ିଶା ପ୍ରଥମ ବିକଳ୍ପ ବାଛିଥିବାରୁ ଖୋଲା ବଜାରରୁ ଋଣ କରିବାକୁ ପଡୁଛି।

ଉଲ୍ଲେଖ ଯୋଗ୍ୟ ଯେ, ୨୦୧୭ରେ ଜିଏସ୍‌ଟି ଲାଗୁ ହେବା ପରେ ୫ ବର୍ଷ ଯାଏ ରାଜ୍ୟର କ୍ଷତିଭରଣା କରିବା ସକାଶେ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ। ବାର୍ଷିକ ୧୪ ପ୍ରତିଶତ ରାଜସ୍ୱ ବୃଦ୍ଧି ହିସାବକୁ ନେଇ କେନ୍ଦ୍ର ସରକାର ଜିଏସ୍‌ଟି କ୍ଷତି ଭରଣା କରୁଛନ୍ତି। ତେବେ ଚଳିତ ବର୍ଷ ରାଜ୍ୟଗୁଡିକ ଉପରେ ଏହି ବୋଝ ଲଦି ଦେଇଛନ୍ତି। କେନ୍ଦ୍ରର ଏହି ପ୍ରସ୍ତାବକୁ ପଞ୍ଜାବ, କେରଳ, ଛତିଶଗଡ଼, ତାମିଲନାଡୁ, ମହାରାଷ୍ଟ୍ର, ଦିଲ୍ଲୀ ଓ ପୁଡୁଚେରୀ ଭଳି ରାଜ୍ୟ ଦୃଢ଼ ବିରୋଧ କରିଥିବା ବେଳେ ଓଡ଼ିଶା ସରକାର କୌଣସି ପ୍ରତିବାଦ କରି ନ ଥିଲେ। ଅନ୍ୟ ରାଜ୍ୟଗୁଡ଼ିକ ରାଜ୍ୟର ସମୁଦାୟ ଜିଏସ୍‌ଟି କ୍ଷତିପୂରଣ କେନ୍ଦ୍ର ସରକାର ଋଣ କରି ଭରଣା କରନ୍ତୁ ବୋଲି ଦାବି କରିଛନ୍ତି।

### ଓଡ଼ିଶାର ସୋଏବ ....

ପ୍ରସ୍ତୁତ କରୁଥିଲେ। ତାଙ୍କ ବାପା ଜଣେ ବ୍ୟବସାୟୀ ହୋଇଥିବାବେଳେ ସେ ରାଉରକେଲାରେ ରୁହନ୍ତି। କିନ୍ତୁ ପାଠପଢା ଓ କ୍ୟାରିୟର ପାଇଁ ମା'ତାଙ୍କୁ ରାଜସ୍ଥାନ ନେଇଥିଲେ। ତେବେ ସେ ଦିଲ୍ଲୀ ଏମ୍ସରେ ପଢ଼ିବାକୁ ଲକ୍ଷ୍ୟ ରଖିବା ସୋଏବ୍ କହିଛନ୍ତି। ସୂଚନାଯୋଗ୍ୟ, ଏନ୍ଇଇଟି ଦୁଇଟି ପର୍ଯ୍ୟାୟରେ ହୋଇଥିଲା। କୋଭିଡ୍ କଟକଣା ଭିତରେ ଦେଶରେ ମୋଟ ୧୩,୬୬,୯୪୫ଜଣ ପରୀକ୍ଷା ଦେଇଥିବାବେଳେ ୭,୭୧,୫୦୦ଜଣ ସଫଳତା ପାଇଛନ୍ତି। ସେହିପରି ଓଡ଼ିଶାରୁ ପରୀକ୍ଷା ଦେଇଥିବା ୩୩,୯୪୫ଜଣଙ୍କ ମଧ୍ୟରୁ ୨୦,୬୫୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅନ୍ୟପଟେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଟୁଇଟ୍ କରି ସୋଏବ୍‌ଙ୍କ ସମେତ ସମସ୍ତ ସଫଳ ପରୀକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତେବେ ଯେଉଁମାନେ ସଫଳ ହୋଇପାରିନାହାନ୍ତି ସେମାନଙ୍କୁ ନିରାଶ ନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଗୋଟିଏ ପରୀକ୍ଷାରେ ବିଫଳତା କେବେବି ଭାଗ୍ୟ ନିର୍ଦ୍ଧାରଣ କରିପାରିବ ନାହିଁ ବୋଲି ସେ କହିଛନ୍ତି। ଏଥିସହିତ ସଫଳ ପରୀକ୍ଷା ପରିଚାଳନା ପାଇଁ ଏନ୍‌ଟିଏ ମହାନିର୍ଦ୍ଦେଶକ ଓ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

### ପଥର ଖାଦାନ ବିସ୍ଫୋରଣରେ ...

ଓକିଲଗୁଡ଼ାସ୍ଥିତ ଏକ ପଥର ଖାଦାନ ୫ବର୍ଷ ପାଇଁ ଲିଜ୍‌ରେ ମିଳିଥିଲା। ହେଲେ ପରିବେଶ ମଞ୍ଜୁରୀ ମିଳି ନ ଥିବାରୁ ଏଗ୍ରିମେଣ୍ଟ ହୋଇ ନ ଥିଲା। ତଥାପି ପ୍ରତାପ ଖାଦାନରେ ପଥର ଫଟା କାମ ଆରମ୍ଭ କରିଥିଲେ। ଶୁକ୍ରବାର ଅପରାହ୍ନରେ ଖାଦାନରେ ୨୦ ଶ୍ରମିକ କାମ କରୁଥିବାବେଳେ ପଥର ଫଟାଇବା ସମୟରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଅନ୍ୟପକ୍ଷରେ ବିସ୍ଫୋରଣ ପରେ ଗୁଣପୁର ଉପଜିଲାପାଳ ସୋନାଲ୍ ଜେନା, ତହସିଲଦାର ଲକ୍ଷ୍ମୀନାରାୟଣ ସାବତ, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ପୌର ପରିଷଦର ନିର୍ବାହୀ ଅଧିକାରୀ ଉମା ଦାସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିସ୍ଫୋରଣ ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ବିସ୍ଫୋରଣ ଘଟିଥିବା ସ୍ଥାନ

ନିଆଯିବ ବୋଲି ସେ କହିଛନ୍ତି। ମୃତ ବ୍ୟକ୍ତିମାନଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୨୦ହଜାର ଟଙ୍କା ଏବଂ ଆହତଙ୍କୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଛନ୍ତି। ସେହିପରି ଥାନାରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସପ୍ତମସ୍ଥ ଚନ୍ଦ୍ର ଓ ବୁଧ ଯୋଗୁ ପାରିବାରିକ କଳହ ଲାଗିପାରେ। କିନ୍ତୁ ଶୁକ୍ର ପ୍ରଭାବରେ ଦ୍ୱିଜାର ଯାତ୍ରା,ବନ୍ଧୁମିଳନ ଓ ମନୋରଞ୍ଜନ ପାଇଁ ବହୁତ ଭଲ। ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିଶ୍ରୁତିରୁ ଓହରିବା କାରଣରୁ ଶେଷ ସମୟରେ ବନ୍ଧୁଙ୍କ ଉପରୁ ବିଶ୍ୱାସ ହରାଇପାରନ୍ତି।

**ବୃଷ**
କର୍ମକ୍ଷେତ୍ରରେ ସମସ୍ୟା ଜାଲରେ ଛନ୍ଦିହୋଇ ସ୍ୱଗୃହସ୍ଥ ଶନିଙ୍କ ଯୋଗୁ ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଘରେ ବନ୍ଧୁମିଳନ କିମ୍ବା ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସି ହୋଇଯିବେ। ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ କିଛି ସତର୍କତାର ଆବଶ୍ୟକତା ପଡ଼ିବ ନାହିଁ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ**
ରବିଙ୍କ ସ୍ଥିତିରୁ ଆକସ୍ମିକ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ। ଶତ୍ରୁମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ।ଶିଳ୍ପ,ବାଣିଜ୍ୟ,ବ୍ୟବସାୟ,ପରିବହନରେ ଲାଭ ଅକ୍ଷୁର୍ଣ୍ଣରହିବ।

**କର୍କଟ**
ରାଶ୍ୟାଧିପ ଚତୁର୍ଥସ୍ଥ ଯୋଗୁ ଆନୁଷ୍ଠାନିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନଦେଇ ପ୍ରଶଂସିତ ହେବେ। ଅତୀତରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା ଜମିଜମା ସମ୍ପର୍କିତ କାମଟି ହଠାତ୍ ହୋଇଯିବ। ଋଣ ପରିଶୋଧ ପାଇଁ ଦୁଶ୍ଚିନ୍ତା ବୃଦ୍ଧି ପାଇବାର ଆଶଙ୍କା ରହିଛି।

**ସିଂହ**
ମଙ୍ଗଳ ମୀନ ରାଶିସ୍ଥ ଯୋଗୁ ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇବାର ଆଶା ମଉଳିଯିବ। କର୍ମକ୍ଷେତ୍ରରୁ ଫେରିବା ବାଟରେ ଅପରାହ୍ନେ କଳହର ସମ୍ମୁଖୀନ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ହିତୈଷୀମାନଙ୍କ କଥା ମାନି ଚଳିଲେ କେତେକାଂଶରେ ଉପକୃତ ହେବେ।

**କନ୍ୟା**
ବ୍ୟୟାଧିପ ରାଶିରେ ଥିବାରୁ ପ୍ରତାରିତ ହୋଇ ଅଭିଳଷିତ ଜିନିଷ ପାଇବା କଷ୍ଟକର ହୋଇପାରେ। ପରିବାରର ବରାଦ ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବେ । ଜଣେ ବନ୍ଧୁଙ୍କ ସହଯୋଗରୁ ନିର୍ମାଣାଧୀନ କାମଟି ସମ୍ପନ୍ନ କରିପାରିବେ। ପ୍ରତିଯୋଗିତାରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ ।

**ତୁଳା**
ବୃହସ୍ପତିଙ୍କ ସାହାଯ୍ୟରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାୟତାରେ ସମସ୍ୟାକୁ ସୁଧାରି ନେଇପାରିବେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବା ପାଇଁ ଲବି କରିପାରନ୍ତି। ସକାଳୁ ସକାଳୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବାର ସୂଚନା ରହିଛି। ଅଟକି ରହିଥିବା କାମ କିମ୍ବା ଆଲୋଚନାଟି ଆଜି ପୂର୍ଣ୍ଣାଙ୍ଗ ହୋଇଯିବ।

**ବିଛା**
ସ୍ୱଗୃହୀ ଶନିଙ୍କ ଯୋଗୁ ପରିବାରରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା,ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବାରୁ ଏକପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ।

**ଧନୁ**
ନିକଟ ସମ୍ପର୍କୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି । ଘରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ମୂଳା ନକ୍ଷତ୍ର କଠୋର ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। କେତେକ ନୂତନ କାମର ପରିକଳ୍ପନା କରି ସଫଳତା ପ୍ରାପ୍ତ ହେବେ।

**ମକର**
ଭାଗ୍ୟସ୍ଥାନକୁ ଦେଖୁଥିବା ମଙ୍ଗଳ ଯୋଗୁ ବନ୍ଧୁମାନଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପରିସ୍ଥିତିରେ ପଡ଼ି ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ବାଧ ହେବେ ।

**କୁମ୍ଭ**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା ନ କଲେ ପଶ୍ଚାତ୍ତାପ କରିବାକୁ ପଡ଼ିପାରେ । ଭାବୁଥିବା କାମଟି ସମ୍ପନ୍ନ କରିବା ସକାଶେ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଶତଭିଷା ନକ୍ଷତ୍ରର ଗୃହ,ଭୂମି,ଗାଡ଼ିମୋଟର, ପ୍ରେସ୍ ,ପବ୍ଲିକେଶନ ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ।

**ମୀନ**
ଆଜିର କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ଖଳ ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ପାରିବାରିକ ସମସ୍ୟା କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

ଆଜି ଜଳ ବିଷୁବ ଗର୍ଭଣା ସଂକ୍ରାନ୍ତି, ଆଶ୍ୱିନ ଶୁଦ୍ଧ ଶୁକ୍ଳପକ୍ଷ ପ୍ରତିପଦା,ଶନିବାର, ଶ୍ରୀବିରଜାଙ୍କ ରଥଯାତ୍ରା,ଶ୍ରୀଦୁର୍ଗାମାଧବ ବାହାର ବିଜେ,ଶାରଦୀୟ ନବରାତ୍ର ବା ନବଦିନ ପକ୍ଷ ଆରମ୍ଭ, ଅକ୍ଟୋବର ୧୭ ତାରିଖ,ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ, ରାଶି ନକ୍ଷତ୍ର-ଦିବା ଘ.୧୧।୫୧ ପରେ ସ୍ୱାତୀ/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୪୫ ଗତେ ଘ.୦୬।୩୧ ମଧ୍ୟେ, ଘ୦୭।୧୭ ଗତେ ଘ.୦୯।୩୬ ମଧ୍ୟେ, ଘ.୧୧।୫୪ ଗତେ ଘ.୦୨।୫୯ ମଧ୍ୟେ, ଘ.୦୩।୪୫ ଗତେ ଘ.୦୫।୧୮ ମଧ୍ୟେ ଅମୃତବେଳା। ସକାଳ ଘ.୦୮।୩୮ ମି. ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile

**SALE**

Running TVS Passenger Auto (diesel) sale Price- 40000/- Contact: 8480348215 D-18631

real estate

**SALE**

**Well developed 30'road, ଘରବାରୀ, boundary, ଇଲେକ୍‌ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner- 9437033320.** D-69181

**Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321.** D-69166

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

**Gharabari plots at Atala, Balianta, Bhingarpur & Bagalpur immediate possession & registration. Contact: 9437147826, 9658894066.** D-18299

**BDA yellowzone commercial/ residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/-, 9040033905, 9556492580, 6370719477.** D-69167

1400 sqft. residential layout plot for sale near Sundarpada, Bhubaneswar. Price 23 lakhs, no brockers. Contact- 7504392698 D-69790

**Plot for immediate sale 2400 sqft. corner BDA plot at SUM Hospital & 2200 sqft. corner plot at Rasulgarh (200 meters from NH), Bhubaneswar. Buyers contact Deepak - 9937329999** D-69926

ମୋର ନିଜସ୍ୱ ପ୍ଲଟ୍ କଳିଙ୍ଗନଗର, କୋଳଥିଆ, ଘଙ୍ଗାପାଟଣା ଏବଂ ଫାର୍ମହାଉସ ମେଣ୍ଢାଶାଳରେ ଓ **Duplex** ଅନ୍ଧାରୁଆରେ ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। **9438166196** D-18632

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

to-let

2BHK 1000 sqft. and furnished single room, Omfed-Chhak, Chandrasekharpur. 9337199407. D-68385

**Godown space available near Puri bypass area 18000/-, open space 15000/-. 9938125254** D-18598

Godown/office space size (18'x11') for rent at Ravitalkies Square, Bhubaneswar. Contact- 9776080988, 9238361409. D-63989

healthcare

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69788

Swarna Spa gives Durga Puja offer @899 all type massages Ashok Nagar, 9556978408 D-69789

Herbal full body massage by smart / expert therapist. Contact: 8338067247. D-69787

Newly open SPA centre smart therapist full body massage: 7846814019. D-59967

Newly open SPA centre smart therapist full body massage: 7205187702. D-59966

Newly open SPA centre smart therapist full body massage: 8114970372. D-59968

Newly open full body massage SPA in Bhubaneswar. Contact: 7205058838. D-69779

Rejuvenate and Ayurvedic full body massage by smart therapist. 9348123330. D-69780

Get refreshment body massage by expert therapist contact for 7205084157. D-69791

business

**M/s Sai Sradha Management Services. Plot No. 3683, Lane-3, Kalinga Vihar, Bhubaneswar. We provide service & management for both baby care & home nursing. Contact: 7848079720, 9861951276 Email: s.s. managementbbsr@gmail.com** D-69452

**LOST**

ମୁଁ ମୁରଲୀଧର ସାହୁ, ନି./ପୋ.- ମାନେଶ୍ୱର, ଜି.- ସମ୍ବଲପୁର। ଜଣାଉଛି ଯେ, ମୋର ସ୍ତ୍ରୀ- ସୁଭାଷିନୀ ସାହୁଙ୍କ ନାମରେ ଥିବା saledeed bearing chaka Khata No. 68/02, Plot No. 52/768, AC.0.090 dec. corresponing to MS Khata No. 54 on 1975 ମାନେଶ୍ୱର ଛକ ରାସ୍ତାରେ ହଜିଯାଇଛି। ବହୁତ ଖୋଜାଖୋଜି କଲାପରେ ମଧ୍ୟ ପାଇଲିନାହିଁ। ଯେକୌଣସି ବ୍ୟକ୍ତି ପାଇଥିଲେ ମୋ- ୮୯୧୭୨୧୮୮୫୯ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୬୯୮୧୪

**AFFIDAVIT**



By virtue of affidavit, I Saraswati Padhi, wife of Late Prashanna Dash have changed my name to Saraswati Dash. Hence, I will be known as Saraswati Dash. D-18627

That by virtue of affidavit Executed before N. Behera, Notary, BBSR, on 14.10.2020. I have changed my daughter's name from Google to Saanvi Mishra. Henceforth, she will be known as Saanvi Mishra in all purposes. D-18620

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## 'ଓଡ଼ିଶାରେ ବିଶ୍ୱସ୍ତରୀୟ ଗବେଷଣା କେନ୍ଦ୍ର ସ୍ଥାପନ ହେଉ'

- **ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ବୈଠକରେ ମନ୍ତ୍ରୀଙ୍କ ପ୍ରସ୍ତାବ**

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ଆତ୍ମନିର୍ଭର ଭାରତ ଯୋଜନା ଅଧୀନରେ ଦେଶର ବୃହତ୍ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ମିଳିତଭାବେ ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଗବେଷଣା କେନ୍ଦ୍ର ସ୍ଥାପନ କରନ୍ତୁ ବୋଲି ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପ୍ରସ୍ତାବ ରଖିଛନ୍ତି। ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆନୁକୂଲ୍ୟରେ ଆୟୋଜିତ ଭର୍ଚୁଆଲ ବୈଠକରେ ଯୋଗଦେଇ ମନ୍ତ୍ରୀ ମିଶ୍ର କହିଛନ୍ତି, ଓଡ଼ିଶା ବିଗତ ୨୦ ବର୍ଷ ଧରି ଏକ ସ୍ଥିର ଏବଂ ମଜଭୁତ ସରକାର ପ୍ରଦାନ କରିଆସିଛି। ଫଳରେ ଉପଯୁକ୍ତ ରାଜନୈତିକ ପରିବେଶ ସୃଷ୍ଟି ହେଇପାରିଛି। ଏହାସହ ପୁଞ୍ଜିନିବେଶକଙ୍କୁ ଆକୃଷ୍ଟ ଓ ଶିଳ୍ପାୟନର ଅଗ୍ରଗତି ପାଇଁ ସ୍ଥିର ନୀତି ନିର୍ଦ୍ଧାରଣ ପାଇଁ ମଜଭୂତ ଢାଞ୍ଚା ନିର୍ମାଣ ହୋଇପାରିଛି। ରାଜ୍ୟରେ ବିପୁଳ ଖଣିଜ ସମ୍ପଦ ଏବଂ ପ୍ରାକୃତିକ ସମ୍ବଳ ସହ ଦେଶର ୧୧ ଶତକଡ଼ା ଜଳ ଗଚ୍ଛିତ ରହିଛି। ଏସବୁ ଦୃଷ୍ଟିରୁ ଓଡ଼ିଶାରେ ଗବେଷଣା କେନ୍ଦ୍ର ସ୍ଥାପନ ହେଲେ ତାହା ଆଗାମୀ ଦିନରେ ଇସ୍ପାତ୍ ଶିଳ୍ପର ଉନ୍ନତ ଉତ୍ପାଦକତାରେ ସହାୟକ ହେବ। ଅନ୍ୟାନ୍ୟ ଶିଳ୍ପଗୁଡ଼ିକୁ ମଧ୍ୟ ପ୍ରୋତ୍ସାହିତ କରିବ । ରାଜ୍ୟରେ ଆବଶ୍ୟକ ଭିତ୍ତିଭୂମି ଥିବା ଏବଂ ଶିଳ୍ପ ସଂସ୍ଥାଗୁଡ଼ିକ ସମ୍ମୁଖୀନ ହେଉଥିବା ଟିକସ, କଞ୍ଚାମାଲ ଓ ଦର ନିର୍ଦ୍ଧାରଣ ଭଳି ସମସ୍ୟାର ସମାଧାନ ପାଇଁ ସରକାର ସର୍ବଦା ପଥ ଉନ୍ମୁକ୍ତ ରଖିଛନ୍ତି ବୋଲି ସେ କହିଛନ୍ତି। ଓଡ଼ିଶାରେ ପେଟ୍ରୋକେମିକାଲ୍‌କୁ ନେଇ ଅନେକ ସମ୍ଭାବନା ରହିଛି, ଯାହା ପ୍ରକୃତରେ ଆତ୍ମନିର୍ଭର ଭାରତ ସୃଷ୍ଟି କରିବାରେ ସାହାଯ୍ୟ କରିପାରିବ ବୋଲି ଅନ୍ୟ ବକ୍ତାମାନେ ମତ ରଖିଛନ୍ତି।

**ପୋଖରୀରେ ବୁଡ଼ି ଜଣେ ମୃତ**

ଧର୍ମଶାଳା/ଜେନାପୁର,(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ତାଳଜଙ୍ଗ ପଞ୍ଚାୟତ ବଳରାମପୁର ତଳଗଡ଼ ଗ୍ରାମ ପୋଖରୀରେ ବୁଡ଼ି ଶୁକ୍ରବାର ସେହି ଗ୍ରାମର ରମେଶ ବେହେରା(୪୫)ଙ୍କ ମୃତ୍ୟୁ ଘଟିଛି। ସକାଳୁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସି ଯିବା ଯୋଗୁ ସେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଉକ୍ତ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଖବରପାଇ ଜେନାପୁର ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.-୧୩/୨୦) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନାକୁ ପଠାଯାଇଛି।



# ଶେଷ ଦିନରେ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ

**ତିର୍ତ୍ତୋଲ ଉପନିର୍ବାଚନ**

**୨ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ନାମାଙ୍କନ ଦାଖଲ କଲେ**

ଜଗତ୍‌ସିଂହପୁର ଅଫିସ,୧୬।୧୦

ତିର୍ତ୍ତୋଲ ଉପନିର୍ବାଚନ ନେଇ ପ୍ରାର୍ଥୀପତ୍ର ଦାଖଲ ପର୍ବ ଶେଷ ହୋଇଛି। ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଦିନରେ ଶୁକ୍ରବାର ବିଜେଡି ପ୍ରାର୍ଥୀ ବିଜୟ ଶଙ୍କର ଦାସ ଶତାଧିକ ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ଶୋଭାଯାତ୍ରାରେ ଯାଇ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ସଚ୍ଚିଦାନନ୍ଦ ସାହୁଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ସମୟରେ ବିଜେଡି ଜିଲା ସଭାପତି, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ସମେତ ତିର୍ତ୍ତୋଲ, ରଘୁନାଥପୁର ଏବଂ ବିରିଡ଼ି ବ୍ଲକ ଅଞ୍ଚଳର ଏକାଧିକ ଆଗଧାଡ଼ିର ଦଳୀୟ ନେତା ଉପସ୍ଥିତ ଥିଲେ। ସେହିପରି ସ୍ୱାଧୀନ ଭାବେ ସଚିତ୍ର ମଲ୍ଲିକ ଓ ଗୋଲାପ ମଞ୍ଜରୀ ଭୋଇ ମଧ୍ୟ ନାମାଙ୍କନ ଦାଖଲ କରିଛନ୍ତି।



ବିଜେଡି ପ୍ରାର୍ଥୀ ରିଟର୍ନିଂ ଅଫିସରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

**ଆପତ୍ତି, ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଜଣାନ୍ତୁ**

ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନ ତଦାରଖ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଆଇଏଏସ୍ ଅଫିସର ପି. ରାଜେନ୍ଦ୍ର ଚୋଲନଙ୍କୁ ନିଯୁକ୍ତି ଦିଆଯାଇଛି। ଚୋଲନ ଗତ ୧୫ ତାରିଖରେ ଜଗତ୍‌ସିଂହପୁରରେ ପହଞ୍ଚିଥିବା ବେଳେ ଶୁକ୍ରବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁଙ୍କ ପ୍ରକୋଷ୍ଠରେ ଉପସ୍ଥିତ ଥିଲେ। ତେବେ ଉପନିର୍ବାଚନ ସଂକ୍ରାନ୍ତୀୟ କୌଣସି ଆପତ୍ତି, ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକ ଚୋଲନଙ୍କୁ ତାଙ୍କ ମୋବାଇଲ ନଂ. ୭୭୫୨୦୯୧୧୯୪ରେ ଯୋଗାଯୋଗ ପାଇଁ ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

**ଉପନିର୍ବାଚନ ନିମନ୍ତେ ମଦ ଦୋକାନ ବନ୍ଦ**

ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ମୁତାବକ ନଭେମ୍ବର ୩ରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଉପନିର୍ବାଚନ ଓ ୧୦ରେ ଭୋଟ ଗଣତି ହେବ। ତେଣୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ଭୋଟ ଗ୍ରହଣର ୪୮ ଘଣ୍ଟା ପୂର୍ବରୁ ଅର୍ଥାତ୍ ନଭେମ୍ବର ୧ ତାରିଖ ସନ୍ଧ୍ୟା ୬ଟାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲାରେ ଥିବା ସମସ୍ତ ମଦ ଦୋକାନ ବନ୍ଦ ରହିବ। ଏଥିସହ ବିୟର ପାର୍ଲର, ଡରି, କ୍ଲବ, ମିଲିଟାରୀ କ୍ୟାଣ୍ଟିନ୍, ଭାଙ୍ଗ ଦୋକାନ, ହୋଟେଲ ଓ ରେଷ୍ଟୁରାଣ୍ଟରେ ମାଦକଦ୍ରବ୍ୟ କାରବାରକୁ ସୁଯୋଗ ଦିଆଯିବନାହିଁ। ଭୋଟ ଗଣତି ଦିନ ଅର୍ଥାତ୍ ନଭେମ୍ବର ୧୦ରେ ମଧ୍ୟ ମଦ ଦୋକାନଗୁଡ଼ିକ ବନ୍ଦ ରହିବ। ଏଥିରେ ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଗାଁ ପୋଖରୀରେ କୁମ୍ଭୀର, ଲୋକେ ଆତଙ୍କିତ

ରାଜନଗର,୧୬।୧୦(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ପଦ୍ମନାଭପୁର ଗାଁର ଏକ ପୋଖରୀରେ ଶୁକ୍ରବାର ପ୍ରାୟ ୧୨ ଫୁଟ ଲମ୍ବର ଏକ କୁମ୍ଭୀର ଦେଖିବାକୁ ମିଳିଛି। ଏହି ଗାଁର ଝାଡେଶ୍ୱର ମହାନ୍ତିଙ୍କ ପୋଖରୀରେ ଏକ କୁମ୍ଭୀର ଭାସୁଥିବା ଦେଖି ଗ୍ରାମବାସୀ ରାଜନଗର ବନ ବିଭାଗରେ ଖବର ଦେଇଥିଲେ। ଖବରପାଇ ଫରେଷ୍ଟର ବିଜୟ କୁମାର ପାତ୍ର କର୍ମଚାରୀଙ୍କ ସହ ଜାଲ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଖରୀରେ ମଇଁଷି ପୂରାଇ କୁମ୍ଭୀରକୁ ଧରିବାକୁ ଉଦ୍ୟମ କରିଥିଲେ। ମାତ୍ର କୁମ୍ଭୀରଟି ନିକଟସ୍ଥ କେନାଲକୁ ଚାଲିଯାଇଥିଲା ବୋଲି ଫରେଷ୍ଟର ପାତ୍ର ସୂଚନା ଦେଇଛନ୍ତି। ୨ ଦିନ ପୂର୍ବେ ମହାକାଳପଡାରେ ରାସ୍ତା ଉପରେ ଏକ କୁମ୍ଭୀର ବୁଲିଥିବା ଦେଖିବାକୁ ମିଳିଥିଲା। ଜନବସତି ଭିତରକୁ ବାରମ୍ବାର କୁମ୍ଭୀର ଚାଲିଆସୁଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ସେମାନେ ବନ ବିଭାଗ ନିକଟରେ ଦାବି କରିଛନ୍ତି।

## ୧୭୭ ସେବାୟତଙ୍କ କୋଭିଡ୍ ଟେଷ୍ଟ, ୫ ପଜିଟିଭ୍

**ମା’ ବିରଜାଙ୍କ ରଥଯାତ୍ରା**

ଯାଜପୁର ଟାଉନ, ୧୬।୧୦ (ଡି.ଏନ୍.ଏ.)

ଯାଜପୁରର ଅଧୀଷ୍ଠାତ୍ରୀ ମା’ ବିରଜାଙ୍କ ଶାରଦୀୟ ଦୁର୍ଗାପୂଜା ଓ ରଥଯାତ୍ରା ଶନିବାରଠାରୁ ୯ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନର ନିଷ୍ପତ୍ତି ମୁତାବକ ଶୁକ୍ରବାର ବିରଜା ମନ୍ଦିରର ୧୭୭ ଜଣ ସେବାୟତଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ରିପୋର୍ଟ ପଜିଟିଭ୍ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୩ ଜଣ ଅଙ୍ଗଲାଗି ସେବାୟତ, ଜଣେ ରଥ କାରିଗର ଓ ଜଣେ ମନ୍ଦିର କର୍ମଚାରୀ ଥିବା ସୂଚନା ମିଳିଛି।



## ଅଜଣା ରୋଗରେ ଛାତ୍ରୀଙ୍କ ମୃତ୍ୟୁ

ନାଉଗାଁ,୧୬।୧୦(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅଧୀନ ଡେରିକି ପଞ୍ଚାୟତ ପାଇକସାହି ଗ୍ରାମର ଜଣେ ଛାତ୍ରୀଙ୍କ ଶୁକ୍ରବାର ଅଜଣା ରୋଗରେ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ସିଦ୍ଧେଶ୍ୱର ବେହେରା ଓ ସଜନୀ ବେହେରାଙ୍କ ଝିଅ ପୂର୍ଣ୍ଣିମା(୧୭)। ପରିବାର ଲୋକଙ୍କ ସୂଚନା ମୁତାବକ ଗୁରୁବାର ରାତିରେ ହଠାତ ପୂର୍ଣ୍ଣିମାଙ୍କ ଦେହ ଖରାପ ହୋଇଥିଲା। ଫଳରେ ତାଙ୍କୁ ନାଉଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୂର୍ଣ୍ଣିମା ନିକଟସ୍ଥ ଶ୍ରୀଶ୍ରୀ ମଉଳା ଭଣଜା ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ପାଠ ପଢୁଥିଲେ।

## ବନ୍ଦ ହେଲା ଝିଲି ପାହାଡ଼ରେ ବେଆଇନ ପଥରକ୍ୱାରି

**ଏନ୍‌ଜିଟିର ଦ୍ୱାରସ୍ଥ ପରେ କ୍ଲୋଜର ନୋଟିସ**

ଯାଜପୁର ଅଫିସ,୧୬।୧୦

ଯାଜପୁର ଜିଲା ସୀମାନ୍ତବର୍ତ୍ତୀ ଢେଙ୍କାନାଳ ଜିଲା କଙ୍କଡାହାଡ଼ ତହସିଲ ଅନ୍ତର୍ଗତ ଝିଲି ପାହାଡରେ ଚାଲିଥିବା ବେଆଇନ ପଥରକ୍ୱାରିକୁ ବନ୍ଦ କରାଯାଇଛି। ଏହିମର୍ମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର ଅନୁଗୋଳ ଆଞ୍ଚଳିକ ଅଧିକାରୀ ତାଙ୍କ ପତ୍ରସଂଖ୍ୟା ୨୩୪୧/୧୬।୧୦।୨୦୨୦ରେ ଲିଜ୍‌ଧାରୀ ଚିନ୍ମୟ କୁମାର ନାୟକଙ୍କୁ ନୋଟିସ୍ ଦେଇଛନ୍ତି। ଝିଲି ପାହାଡ ପଥରକ୍ୱାରିରେ ପ୍ରଭାବିତ ଅଞ୍ଚଳବାସୀ ଗତ ସେପ୍ଟେମ୍ବର ୨୫ରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟିର) ଦ୍ୱାରସ୍ଥ ହେବା ପରେ ଏସ୍‌ପିସିବି ପକ୍ଷରୁ ତଦନ୍ତ କରାଯାଇ ଗତ ୧ ତାରିଖରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ତେବେ ଲିଜଧାରୀଙ୍କ ଉତ୍ତର ସନ୍ତୋଷଜନକ ହୋଇ ନ ଥିବାରୁ ଏସପିସିବି ପକ୍ଷରୁ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଏବଂ ପରିଚାଳନାଗତ ଅନୁମତିର ଉଲ୍ଲଂଘନ କରିଥିବା ଅଭିଯୋଗରେ ପଥରକ୍ୱାରିକୁ କ୍ଲୋଜର ନୋଟିସ ଦିଆଯାଇଛି। ନୋଟିସ ମୁତାବକ ଖଣିର ଅନୁମତିଠାରୁ ଯଥେଷ୍ଟ ଗୁଣରେ ଉତ୍ତୋଳନ କରାଯାଇଛି। ସବୁଜ ବଳୟ ନଷ୍ଟ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣର ପ୍ରତିକାର ନାହିଁ। ଏହାବାଦ୍ ବେଆଇନ ଭାବେ ଗଛ କାଟି କ୍ରଶର ଓ ଖଣି କାର୍ଯ୍ୟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ।

## ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲା**

ଯାଜପୁର ଟାଉନ୍, ୧୬।୧୦ (ଡି.ଏନ୍.ଏ.)

ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରା ଜଜ୍ ତଥା ପୋକ୍‌ସୋ ଜଜ୍ ପ୍ରଶାନ୍ତ କୁମାର ନାୟକ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ମଙ୍ଗଳପୁର ଥାନା ଅଧୀନ ଇଜାପୁର ଗ୍ରାମର ଅଜୟ ଯେନାଙ୍କ ପୁଅ ଅଶୋକ ଓରଫ ବାୱା (୨୬)ଙ୍କୁ ୧୦ବର୍ଷ ଜେଲ ଓ ୧୦ ହଜାର ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୭ ମାର୍ଚ୍ଚ ୨୧ତାରିଖରେ ସମ୍ପୃକ୍ତା ନାବାଳିକା ସ୍କୁଲରୁ ଫେରୁଥିବା ବେଳେ ଅଶୋକ ତାଙ୍କୁ ନିକଟସ୍ଥ ଏକ ସ୍କୁଲ ପଛପଟେ ବଳାତ୍କାର କରିଥିଲେ। ସେହି ବାଟ ଦେଇ ଯାଉଥିବା ଜଣେ ବ୍ୟକ୍ତି ନାବାଳିକାଙ୍କ ପାଟି ଶୁଣି ତାଙ୍କୁ ଉଦ୍ଧାର କରିଥିଲେ। ପୀଡ଼ିତାଙ୍କ ପରିବାର ପକ୍ଷରୁ ଏ ନେଇ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ସମ୍ପୃକ୍ତ ଅଭିଯୁକ୍ତ ଅଶୋକଙ୍କୁ ସରପଞ୍ଚ ଡକାଇ ଥିଲେ ବି ସେ ଆସି ନ ଥିଲେ। ଏହାପରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଏପ୍ରିଲ ୨ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏତଲା ଆଧାରରେ ପୋଲିସ ମାମଲା (ନଂ.-୫୭/୧୭) ରୁଜୁ କରିବା ସହ ଅଶୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରିଥିଲେ।

## ଏସ୍‌ପି ଅଫିସ୍ ଆଗରେ କଂଗ୍ରେସର ସତ୍ୟାଗ୍ରହ

**ନୟାଗଡ଼ ଅଫିସ,୧୬।୧୦:** ଶିଶୁକନ୍ୟା ପରୀ ହତ୍ୟାକାଣ୍ଡର ହତ୍ୟାକାରୀକୁ ଗିରଫ କରିବାରେ ପୋଲିସ ବିଫଳ ହେବା ନେଇ ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାରୁ ମକଦ୍ଦମାର ତଦନ୍ତ ଦାୟିତ୍ୱ ରାଜ୍ୟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ କଂଗ୍ରେସ ଦାବି କରିଛି। ନଚେତ ଆଇନଅମାନ୍ୟ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। କଂଗ୍ରେସର ପୂର୍ବତନ ଜିଲା ସଭାପତି ରଣଜିତ୍ ଦାଶଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ମନୋଜ ସାହୁ, ହୁସେନ୍ ଖାଁ, କମଳ ସାହୁ ଓ ଜୋନ ସଭାପତି ଫକିର ମଲ୍ଲ, ମଦନ ବିଶୋଇ, ଲଡୁକେଶ୍ୱର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଏ ନେଇ ସେମାନେ ଏସ୍‌ପି ଓ ଅତିରିକ୍ତ ଏସ୍‌ପିଙ୍କ ସହ ଆଲୋଚନା କରି ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇଥିଲେ। ଅଭିଯୋଗ ଅନୁସାରେ ଜୁନ ୧୪ରେ ନୟାଗଡ ସଦର ଥାନା ଯଦୁପୁରର ଅମ୍ରିତା ସ୍ନେହା ସାହୁ ଓରଫ ପରୀ (୫) ନିଖୋଜ ହୋଇଥିଲା। ଦଶମ ଦିନରେ ତା’ର ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତା’ର ମା’, ବାପା, ବଡବାପା ଓ ବଡମା’ଙ୍କର ଲାଏ ଡିଟେକ୍ସନ ପରୀକ୍ଷା କରି ରିପୋର୍ଟକୁ ଅପେକ୍ଷା କରି ରହିଛି।



ଭଗବାନଙ୍କ ଦୃଷ୍ଟିରେ ଛୋଟ ବୋଲି କିଛି ନାହିଁ। ତୁମ ଦୃଷ୍ଟିରେ ମଧ୍ୟ ଏପରି ଛୋଟ ବଡ ଭେଦ ନ ରହୁ। ଗୋଟିଏ ଶାମୁକା ତିଆରି କଲାବେଳେ ହେଉ ଅବା ବା ସାମ୍ରାଜ୍ୟ, ଭଗବାନ ତାଙ୍କ ସମାନ ଦୈବୀଶକ୍ତିର ପ୍ରୟୋଗ କରନ୍ତି। -ଶ୍ରୀଅରବିନ୍ଦ

# ପଦବୀ ପୂରଣ ହେବ କେବେ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ରାଇଟ୍ ଟୁ ଇନ୍‌ଫରମେଶନ( ଆର୍‌ଟିଆଇ) ଆକ୍ଟ ବା ସୂଚନା ଅଧିକାର ଆଇନ ଲାଗୁ ଲାଗୁ ହେବାର ୧୫ ବର୍ଷ ପରେ ଦେଶରେ ସ୍ୱଚ୍ଛତା ଆସିପାରିଛି କି? ଏହା ସମ୍ପୂର୍ଣ୍ଣ ନିରାଶାଜନକ। କେନ୍ଦ୍ର ଓ ରାଜ୍ୟ କମିଶନରେ ୨.୨ ଲକ୍ଷରୁ ଊର୍ଦ୍ଧ୍ୱ ମାମଲା ପଡିରହିଛି। ୨୯ଟି ସୂଚନା କମିଶନ ମଧ୍ୟରୁ ୯ଟି ବିନା ମୁଖିଆରେ ଚାଲିଛି। ଚାରି ଭାଗରୁ ଭାଗେ ସୂଚନା କମିଶନର ପଦ ଖାଲି ପଡିଛି ଏବଂ ଝାଡ଼ଖଣ୍ଡ ଓ ତ୍ରିପୁରାରେ ରାଜ୍ୟ କମିଶନ ସମ୍ପୂର୍ଣ୍ଣ ନିଷ୍କ୍ରିୟ। ଏଠାରେ ନୂଆ କମିଶନରଙ୍କୁ ନିଯୁକ୍ତ କରାଯାଇନାହିଁ। ଏପରିକି ଆର୍‌ଟିଆଇ ଆକ୍ଟ ଅଧୀନରେ ପିଏମ୍ କେୟାର୍ସ ଫଣ୍ଡ ଏକ ପବ୍ଲିକ୍ ଅଥରିଟି ଭାବେ ଆସୁନଥିବାର ଦର୍ଶାଇ ଏହା ଉପରେ ସେବିଶେଷ ତଥ୍ୟ ପ୍ରକାଶ କରିବାକୁ ମନା କରିଦେଇଛି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ( ପିଏମ୍‌ଓ)। କମିଶନରମାନେ ନ ଥିବାରୁ ସୂଚନାକମିଶନଗୁଡ଼ିକ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିପାରୁନାହାନ୍ତି। ଏପରିକି ସେଣ୍ଟ୍ରାଲ ଇନ୍‌ଫରମେଶନ କମିଶନ( ସିଆଇସି) ବା କେନ୍ଦ୍ରୀୟ ସୂଚନା କମିଶନରେ ଚଳିତ ଅଗଷ୍ଟରୁ ମୁଖ୍ୟ ନାହାନ୍ତି। ବିମଳ ଜୁଲକା ବହୁ କଷ୍ଟରେ ୬ ମାସ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ ଏବଂ ଆଇନ ନିର୍ଦ୍ଧାରିତ ବୟସ ସୀମା ଛୁଇଁବା ପରେ ପଦ ଛାଡିଦେଇଥିଲେ। କୋଭିଡ୍ ମହାମାରୀ ସମୟରେ୨୮ଟି କମିଶନ ମଧ୍ୟରୁ କେବଳ ୧୦ ଟି କାର୍ଯ୍ୟ କରି ଖୁବ୍ କମ୍ ଆବେଦନର ଶୁଣାଣି କଲେ। ଦେଶରେ ସ୍ୱଚ୍ଛତା ଆଣିବା ଲାଗି ଲାଗୁ କରାଯାଇଥିବା ଏହି ନିୟମ କେବଳ ପ୍ରଭାବିତ ହୋଇନି, ବରଂ ଅନ୍ୟ କେତେକ ପ୍ରମୁଖ ସଂଗଠନଗୁଡ଼ିକରେ ମଧ୍ୟ ପଦ ଖାଲି ରହିଛି। ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସିଲେକ୍ସନ ବୋର୍ଡ( ପିଏସ୍‌ଇବି)ର ମୁଖ୍ୟ ପଦ ପୂର୍ବତନ ଅର୍ଥ ସଚିବ ରାଜୀବ କୁମାର ଅଗଷ୍ଟ ଶେଷରେ ଛାଡିବା ପରେ ମାସକରୁ ଅଧିକ ସମୟ ହେବ ଏହା ଖାଲି ରହିଥିବା ଜଣାପଡିଛି। ଅଶୋକ ଲାଭାସାଙ୍କ ଜାଗାରେ ତାଙ୍କୁ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏହିପରି ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲର ୭ ମାସରୁ ଊର୍ଦ୍ଧ୍ୱ ହେବ କେହି ମୁଖିଆ ନାହାନ୍ତି। ଆହୁରି ଏମିତି ଅନେକ ପଦ ବି ଖାଲି ରହିଛି। ୬ଟି ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକରେ ବି ନିୟମିତ ସଚିବ ପଦ ପୂରଣ ହୋଇନାହିଁ। ବିଭିନ୍ନ ସେଣ୍ଟ୍ରାଲ ପବ୍ଲିକ ସେକ୍ଟର ୟୁନିଟ୍‌ଗୁଡ଼ିକରେ ମଧ୍ୟ ସଂଖ୍ୟାଧିକ ବୋର୍ଡ ଲେଭଲ ପଦବୀ ଫାଙ୍କା ପଡିଛି। ଏହା କେବେ ପୂରଣ ହେବ ତା'ର କୌଣସି ସୂଚନା ମଧ୍ୟ ମିଳୁନାହିଁ।

### ଆଦୌ ନ ହେବା ଅପେକ୍ଷା ଡେରିରେ ହେବା ଭଲ

ଅଧିକାରୀମାନଙ୍କର କାର୍ଯ୍ୟଧାରା ସମ୍ପର୍କିତ ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କ କାର୍ଯ୍ୟ ଦକ୍ଷତାର ମୂଲ୍ୟାଙ୍କନ କରି ନିଯୁକ୍ତି ପାଇଁ ମନୋନୟନ କରିବାର ପଦ୍ଧତି (୩୬୦ ଡିଗ୍ରୀ ମେଥଡ୍ ଅଫ୍ ଏମ୍ପାନେଲମେଣ୍ଟ)ମୋଦି ସରକାରଙ୍କର ଏକ ପ୍ରମୁଖ ପ୍ରଶାସନିକ ସଂସ୍କାର। ତେବେ ଏଥିରେ ସବୁ ଅଧିକାରୀ ଖୁସି ନାହାନ୍ତି। ଏହି ପଦ୍ଧତି ଅନେକଙ୍କ କ୍ୟାରିୟରରେ କ୍ଷତି ପହଞ୍ଚାଇ ଆସୁଛି ବୋଲି ଜଣାପଡିଛି। ୟୁଟି କ୍ୟାଡର ଆଇଏଏସ୍ ଅଫିସର ଜି. ନରେନ୍ଦ୍ର କୁମାରଙ୍କ କେସ୍‌କୁ ଅନେକ ସମୟରେ ୩୬୦ ଡିଗ୍ରୀ କମିଟିଗୁଡ଼ିକର ସୁପାରିସରଏକ ଦୃଷ୍ଟାନ୍ତ ଭାବେ ଉପସ୍ଥାପନ କରାଯାଉଛି। ୨୦୧୭ ସେପ୍ଟେମ୍ବରରେ କୁମାର ପୁଡୁଚେରୀରେ ଅବସ୍ଥାପିତ ହେବା ପରେ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ। ଘରୋଇ ମେଡିକାଲ କଲେଜଗୁଡ଼ିକରେ ନାମଲେଖାରେ ଅନିୟମିତତା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ଯଦିଓ ଏହି ଅଭିଯୋଗ ପରେ ଭିତ୍ତିହୀନ ଜଣାପଡ଼ିଲା, କିନ୍ତୁ କୁମାରଙ୍କ କ୍ୟାରିୟର ସେତେବେଳକୁ ନଷ୍ଟ ହୋଇଯାଇଥିଲା। କେବଳ ଗତ ମାସରେ ଜାରି କରାଯାଇଥିବା ରିଭ୍ୟୁ ଏମ୍ପାନେଲମେଣ୍ଟ (ଦକ୍ଷତା ଅନୁସାରେ ମନୋନୟନ) ଅର୍ଡରରେ ତାଙ୍କ ନାମ ସ୍ଥାନ ପାଇଛି। ତାଙ୍କ ବିରୋଧରେ କେସ୍ ରହିଥିବାରୁ ସେ ୨୦୧୮ର ଏମ୍ପାନେଲମେଣ୍ଟ ପାଇଁ ସୁଯୋଗ ହରାଇଥିଲେ। କୁମାର ସବୁଠୁ ଭଲ ଅଧିକାରୀ ବୋଲି ସବୁ ବାବୁମାନେ ମାନୁଛନ୍ତି କିନ୍ତୁ ସେ ପ୍ରଶାସନିକ ନେଟୱାର୍କର ଶିକାର ହେଲେ। ପୁଡୁଚେରିର ମୁଖ୍ୟମନ୍ତ୍ରୀ ଓ ଲ୍ୟୁଟନାଣ୍ଟ ଗଭର୍ନରଙ୍କ ରାଜନୈତିକ ଲଢେଇ ମଧ୍ୟରେ ଫସି ଯାଇ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡିଥିଲା। ପର୍ଯ୍ୟବେକ୍ଷକମାନଙ୍କ ମତରେ ସରକାରଙ୍କ ବିଳମ୍ବିତ ପଦକ୍ଷେପ ଏକ ବାର୍ତ୍ତା ଦେଇଛି କାର୍ଯ୍ୟଧାରାରେ ନିଷ୍ପକ୍ଷତା ପାଇଁ କିଛି ସମୟ ହୁଏତ ବିଳମ୍ବ ହୋଇପାରେ , କିନ୍ତୁ ସବୁ ଦିନ ପାଇଁ ନୁହେଁ।

### ନୂଆ ନିଯୁକ୍ତି ନୂଆ ବିଭାଗ

ନିକଟରେ ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ସବୁଠୁ ବରିଷ୍ଠ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ.ରାଜେଶ୍ୱର ରାଓଙ୍କୁ ଡେପୁଟି ଗଭର୍ନର ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ପରେ ୪ ଡେପୁଟି ଗଭର୍ନରଙ୍କ ମଧ୍ୟରେ ବିଭିନ୍ନ ବିଭାଗ ବଣ୍ଟନ କରାଯାଇଛି। ଏନ.ଏସ୍. ବିଶ୍ୱନାଥନଙ୍କ ସ୍ଥାନରେ ରାଓଙ୍କୁ ଅବସ୍ଥାପିତ କରାଯାଇଛି। ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ସେ ଏହି ପଦ ଛାଡିଛନ୍ତି। ରାଓ ଡିପାର୍ଟମେଣ୍ଟ ଅଫ୍ ରେଗୁଲେଶନସ୍ ଏବଂ ଡିପାର୍ଟମେଣ୍ଟ ଅଫ କମ୍ୟୁନିକେଶନ,ଏନ୍‌ଫୋର୍ସମେଣ୍ଟ, ଇନିସପେକ୍ସନ, ଲିଗାଲ ଏବଂ ରିସ୍କ ମିନିଟରିଂ ବିଭାଗର ବୁଝାଶୁଝା କରିବେ। ଆର୍‌ବିଆଇର ଅନ୍ୟ ତିନି ଡେପୁଟି ଗଭର୍ନର ହେଉଛନ୍ତି ବି.ପି.କାନୁନଗୋ. ଏମ୍.କେ.ଜୈନ ଏବଂ ମାଇକେଲ୍ ଦେବବ୍ରତ ପାତ୍ର। ପାତ୍ର ମନିଟାରୀ ପଲିସି ଡିପାର୍ଟମେଣ୍ଟ ଦାୟିତ୍ୱରେ ରହିବେ। ଜୈନ ସେଣ୍ଟ୍ରାଲ ସିକ୍ୟୁରିଟି ସେଲ, କର୍ପୋରେଟ ଷ୍ଟ୍ରାଟେଜି ଏବଂ ବଜେଟ ଡିପାର୍ଟମେଣ୍ଟ ଦାୟିତ୍ୱରେ ରହିବେ । କାନୁନ୍‌ଗୋ କୋର୍ଡିନେଶନ, କରେନ୍ସି ମ୍ୟାନେଜମେଣ୍ଟ ଏବଂ ବହିର୍ବ୍ୟାପାର ଇନ୍‌ଭେଷ୍ଟମେଣ୍ଟସ୍ ଓ ଅପରେଶନସ ବିଭାଗ ଦେଖାରଖା କରିବେ। ଚଳିତ ବର୍ଷ ଏପ୍ରିଲ୍‌ରେ ସରକାର କାନୁନ୍‌ଗୋଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢାଇ ଦେଇଛନ୍ତି। ଆର୍‌ବିଆଇର ଡେପୁଟି ଗଭର୍ନରମାନଙ୍କୁ ପ୍ରଥମେ ତିନି ବର୍ଷ ପାଇ ନିଯୁକ୍ତି ଦିଆଯାଏ ଏବଂ ପରେ ସେଥିରେ ପୁନଃ ନିଯୁକ୍ତି ବି ଦିଆଯାଇପାରେ।

Email: dilipcherian@gmail.com

# ସଙ୍କଟରେ ଉଚ୍ଚଶିକ୍ଷା



**ପ୍ରଫୁଲ୍ଲ ମହାପାତ୍ର**

ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ଥାନ ସ୍ୱତନ୍ତ୍ର। ମହାବିଦ୍ୟାଳୟଗୁଡ଼ିକ ଉଚ୍ଚଶିକ୍ଷା ଦାନକରି ବିଦ୍ୟାର୍ଥୀମାନଙ୍କୁ ବିଶ୍ୱବିଦ୍ୟାଳୟସ୍ତରରେ ଉଚ୍ଚତର ଶିକ୍ଷା ପାଇବା ପାଇଁ ପ୍ରସ୍ତୁତ କରନ୍ତି ଏବଂ ଏଥିପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକର ଦିଗ୍‌ଦର୍ଶନର ସାହାଯ୍ୟ ମଧ୍ୟ ନିଆଯାଇଥାଏ। ବିଶ୍ୱବିଦ୍ୟାଳୟସ୍ତରର ଶିକ୍ଷାକୁ ଏହି କାରଣରୁ ଉଚ୍ଚତର ଶିକ୍ଷା କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଶିକ୍ଷାଦାନ ସହ ଗବେଷଣା ଏବଂ ମୁକ୍ତ ଚିନ୍ତନ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱତନ୍ତ୍ର ପରିଚୟ। ବୁଦ୍ଧି ଓ ବିଚାର ଶକ୍ତି ବ୍ୟତିରେକେ ଅନ୍ୟ କୌଣସି ପ୍ରକାର ନିୟନ୍ତ୍ରଣ ବିଶ୍ୱବିଦ୍ୟାଳୟକୁ ସ୍ପର୍ଶ କରିବା ଅନୁଚିତ। କାରଣ ସ୍ୱାଧୀନ ଚିନ୍ତା ଓ ବୌଦ୍ଧିକ ସ୍ୱାତନ୍ତ୍ର୍ୟ ବିଶ୍ୱବିଦ୍ୟାଳୟ ପରିକଳ୍ପନାର ଏକ ଅପରିହାର୍ଯ୍ୟ ବିଭାବ। ଏହି ସ୍ୱତନ୍ତ୍ରତା ବଳରେ ସାରା ବିଶ୍ୱରେ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଆମ ଦେଶର ନାଳନ୍ଦା, ତକ୍ଷଶିଳା, ପୁଷ୍ପଗିରି ଆଦି ବିଶ୍ୱସ୍ତରୀୟ ଜ୍ଞାନପୀଠ ହେବାର ମର୍ଯ୍ୟାଦା ଲାଭ କରି ଦେଶ ବିଦେଶରୁ ପର୍ଯ୍ୟଟକ ଓ ବିଦ୍ୟାର୍ଥୀମାନଙ୍କୁ ଆକୃଷ୍ଟ କରୁଥିଲେ। ପ୍ରାଚୀନ ଭାରତରେ ଗୁରୁକୁଳଗୁଡ଼ିକରେ ରାଜପୁତ୍ରମାନେ ସାଧାରଣ ବିଦ୍ୟାର୍ଥୀଙ୍କ ସହ ବିଦ୍ୟା ଶିକ୍ଷା କରୁଥିଲେ। ରାଜାମହାରାଜାମାନେ ଏହି ପ୍ରକ୍ରିୟାରେ ହସ୍ତକ୍ଷେପ କରୁ ନ ଥିଲେ, ଅଧିକନ୍ତୁ ସେମାନେ ଗୁରୁକୁଳଗୁଡ଼ିକର ସୁରକ୍ଷା ଓ ସୁପରିଚାଳନାରେ ଯଥେଷ୍ଟ ପୃଷ୍ଠପୋଷକତା କରୁଥିଲେ। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅନୁରୂପ ଆଦର୍ଶରେ ଅନେକ ବିଶ୍ୱବିଦ୍ୟାଳୟ ଗଢ଼ି ଉଠିଥିଲା। ଯେଉଁ ଅନୁଷ୍ଠାନଗୁଡିକରେ ଶିକ୍ଷକ ଓ ଶିକ୍ଷାର୍ଥୀମାନେ ମୁକ୍ତଭାବରେ ସେମାନଙ୍କ ବୌଦ୍ଧିକ ଅନ୍ୱେଷଣରେ ବ୍ୟାପୃତ ହେଲେ, ଏଥିରେ କୌଣସି ରାଜକୀୟ ବା ରାଷ୍ଟ୍ରୀୟ ହସ୍ତକ୍ଷେପ ରହୁ ନ ଥିଲା। ଆମ ଦେଶରେ ଚରକ, ଆର୍ଯ୍ୟଭଟ୍ଟ ଓ ବରାହମିହିରଙ୍କୁ ଚିକିତ୍ସାବିଜ୍ଞାନ, ଗଣିତ ଓ ଜ୍ୟୋତିଷ ବିଦ୍ୟାରେ ତତ୍ତ୍ୱ ସବୁ ଉଦ୍ଭାବନ କରିବାକୁ କେହି ଆଦେଶ ବା ନିର୍ଦ୍ଦେଶ ଦେଇ ନ ଥିଲେ। ସେ ଦେଶଗୁଡ଼ିକରେ ମଧ୍ୟ ଆଇନଷ୍ଟାଇନ୍‌ଙ୍କୁ ଆପେକ୍ଷିତତା ତତ୍ତ୍ୱ ପ୍ରଣୟନ କରିବା ପାଇଁ କୌଣସି ସରକାରୀ ନିର୍ଦ୍ଦେଶ ଜାରି କରାଯାଇ ନଥିଲା। ନିଉଟନ୍‌ଙ୍କୁ ଗତିର ନିୟମ ଆବିଷ୍କାର କରିବାକୁ କେଉଁଠାରୁ ନିର୍ଦ୍ଦେଶ ନ ଥିଲା। ସେମାନେ ସମସ୍ତେ ସ୍ୱାଧୀନ ଭାବରେ ପ୍ରକୃତି ପର୍ଯ୍ୟବେକ୍ଷଣ ଓ ବୌଦ୍ଧିକ ଅନୁସନ୍ଧାନ କରିବାରେ ବ୍ୟାପୃତ ରହି ନିଜ ନିଜର ଲବ୍ଧଜ୍ଞାନ ବିତରଣ କରିଥିଲେ।

ବୌଦ୍ଧିକସ୍ୱାତନ୍ତ୍ର୍ୟ ଏବଂ ଶିକ୍ଷା ଓ ଗବେଷଣାରେ ପୂର୍ଣ୍ଣ ସ୍ୱାଧୀନତା ବିଶ୍ୱସାରା ବିଶ୍ୱବିଦ୍ୟାଳୟଗୁଡ଼ିକୁ ସେମାନଙ୍କ ପରିଚୟ ଓ ପ୍ରତିଷ୍ଠା ପ୍ରଦାନ କରିଛି। ଅକ୍ସଫୋର୍ଡ,କେମ୍ବ୍ରିଜ୍ ହେଉ କିମ୍ବା ହାର୍ଭାର୍ଡ, ପ୍ରିନ୍ସଟନ୍ ହେଉ ପୃଥିବୀର ସମସ୍ତ ନାଁ କରା ବିଶ୍ୱବିଦ୍ୟାଳୟ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ ଜ୍ଞାନ ସନ୍ଧାନ କରି ନିଜ ନିଜର ପରିଚୟ ସୃଷ୍ଟି କରିଛନ୍ତି।

ଏଥିପାଇଁ ଏମାନେ ସରକାରୀ ପ୍ରୋତ୍ସାହନ ପାଇଛନ୍ତି, ମାତ୍ର ସରକାରୀ ମାଲିକାନାରେ ଏମାନେ ନିୟନ୍ତ୍ରିତ ନୁହନ୍ତି। ଏସବୁ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ସମ୍ପୂର୍ଣ୍ଣ ବେସରକାରୀ ଶିକ୍ଷାନୁଷ୍ଠାନ । ଆମ ଦେଶରେ ଆଧୁନିକ ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରୋକ୍ତ ଆଦର୍ଶ ଓ ଢାଞ୍ଚାରେ ସୃଷ୍ଟି ହୋଇଛନ୍ତି। ଏମାନେ କିନ୍ତୁ ଶିକ୍ଷା ଗବେଷଣା କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପାଇବାରେ ଅନେକ ପଛରେ ରହି ଯାଉଛନ୍ତି। ଏଥିପାଇଁ ଭାରତରେ ପ୍ରଥମ ଶିକ୍ଷାକମିଶନର ଅଧ୍ୟକ୍ଷ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କ୍ଷୋଭ ପ୍ରକାଶ କରିଛନ୍ତି ଏବଂ ଏଥିପାଇଁ ବିଶ୍ୱବିଦ୍ୟାଳୟ ପରିଚାଳନାରେ ବିଭିନ୍ନ ସ୍ତରରେ ସରକାରୀ ହସ୍ତକ୍ଷେପକୁ ପରୋକ୍ଷରେ ଦାୟୀ କରିଛନ୍ତି। ତାଙ୍କ ମତରେ – Higher education is undoubtedly an obligation of the state, but state aid is not to be confused with state control over academic policies and practice... The pursuit and practice of truth, regardless of consequences has been the ambition of universities.

ରାଧାକ୍ରିଷ୍ଣନ୍‌ଙ୍କର ଏହି ମନ୍ତବ୍ୟର ସ୍ପଷ୍ଟ ପ୍ରତିଧ୍ୱନି ଦେଖିବାକୁ ମିଳେ ସଦ୍ୟ ପ୍ରଣୀତ ରାଷ୍ଟ୍ରୀୟ ଶିକ୍ଷାନୀତିରେ। ବହୁ ଦିଗରୁ ସାଫଲ୍ୟ ସୂଚକ ଏହି ନୂତନ ଶିକ୍ଷାନୀତିରେ ଗୁଣାତ୍ମକ ଓ ମୂଲ୍ୟବୋଧ ଭିତ୍ତିକ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯାଇଛି ଏବଂ ଉଚ୍ଚତର ଶିକ୍ଷା କ୍ଷେତ୍ରରେ ସରକାରୀ ହସ୍ତକ୍ଷେପ ନ ରହିବାକୁ ନିର୍ଦ୍ଦେଶ ରହିଛି, ଯାହା ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ରାଜ୍ୟପାଳମାନଙ୍କ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆଦର୍ଶ ବିଶ୍ୱବିଦ୍ୟାଳୟ ପାଇଁ ନୀତି ପ୍ରଣୟନ କରାଯିବ, ଯେଉଁଥିରେ ଲଘୁ ସରକାରୀ ନିୟନ୍ତ୍ରଣର ବ୍ୟବସ୍ଥା ରହିବ। ସେହି ନୂତନ ଶିକ୍ଷାନୀତି ଚୂଡାନ୍ତ ହେବାକୁ ଅପେକ୍ଷା ନ କରି ଆମ ରାଜ୍ୟ ସରକାର ଅଚାନକ ଭାବରେ ଏକ ଅଧ୍ୟାଦେଶ ଜାରିକରି ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟକୁ ନିଜର ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇଗଲେ। ୧୯୮୯ର ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନକୁ ବାତିଲ କରି ଏହି ଅଧ୍ୟାଦେଶ କୁଳାଧିପତି ଓ କୁଳପତିମାନଙ୍କର କ୍ଷମତାକୁ ମେରୀରାୟ ନୀତିରେ ବସ୍ତୁତଃ ଉଚ୍ଛେଦ କରି ଦିଆଗଲା। ଏହି ଅଧ୍ୟାଦେଶ ଦ୍ୱାରା ସରକାର କି କି ପରିବର୍ତ୍ତନ ଆଣିବାକୁ ଚାହିଁଲେ ?

୧. କୁଳପତି ଚୟନରେ କୁଳାଧିପତି ତାଙ୍କର ମନୋନୀତ ସଭ୍ୟ ଦେଇପାରିବେ ନାହିଁ। ଏହା ପରିବର୍ତ୍ତେ ସରକାର ଜଣେ ଅବସରପ୍ରାପ୍ତ ମୁଖ୍ୟ ସଚିବ ପାହ୍ୟାର ଅମଲାଙ୍କୁ ମନୋନୀତ କରିବେ, ଯିଏ ଏହି ଚୟନ କମିଟିର ଅଧ୍ୟକ୍ଷ ରହିବେ। ଏହି କମିଟିରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ଦ୍ୱାରା ମନୋନୀତ ବ୍ୟକ୍ତି ରହିବେ ନାହିଁ, ଏହା ବଦଳରେ ଏକାଧିକ ସରକାରୀ ଅଧିକାରୀ ଏଥିରେ ସଭ୍ୟ ରହିବେ।

୨. ବିଶ୍ୱବିଦ୍ୟାଳୟଗୁଡ଼ିକରେ ସେନେଟ୍ ଆଉ ରହିବ ନାହିଁ। ଯେଉଁ ସିନେଟ୍‌ରେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ରହି ବିଶ୍ୱବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ପରିଚାଳନା ନୀତିର ସମୀକ୍ଷା କରୁଥିଲେ ତାହା ଏବେ ଅଦରକାରୀ ବୋଲି ସରକାର ଭାବିଲେ।

୩. ସିଣ୍ଡିକେଟକୁ 'ସଶକ୍ତ' କରି ଏହାର ସଭ୍ୟ ସଂଖ୍ୟା ୨୫ କୁ ବୃଦ୍ଧି କରାଗଲା, ଯେଉଁମାନଙ୍କ ଭିତରେ ୧୧ ଜଣ ସରକାରୀ ସଭ୍ୟ ରହିବେ। ଏହା ଅମଲାତାନ୍ତ୍ରିକ ନିୟନ୍ତ୍ରଣକୁ ବହୁଗୁଣିତ କରିବ।


୪.କୁଳପତିମାନଙ୍କର କାର୍ଯ୍ୟକାଳ ୪ ବର୍ଷକୁ ବୃଦ୍ଧି କରାଗଲା ସତ,ମାତ୍ର ସେମାନଙ୍କୁ ଯଥେଷ୍ଟ ଶକ୍ତିହୀନ କରିଦିଆଗଲା। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିୟମକୁ ନଗ୍ନ ଉଲ୍ଲଂଘନ କରି ଏମାନଙ୍କୁ ଚୟନ କମିଟିର ଅଧ୍ୟକ୍ଷ ହେବାରୁ ବଞ୍ଚିତ କରାଗଲା। ବିଶ୍ୱବିଦ୍ୟାଳୟ ଶିକ୍ଷକ ଚୟନର କ୍ଷମତା ରାଜ୍ୟ ଲୋକସେବା ଆୟୋଗ (opsc)କୁ ହସ୍ତାନ୍ତର କରାଗଲା।

ଏବେ ପ୍ରଶ୍ନ ହେଲା, ସାମ୍ବିଧାନିକ ବ୍ୟବସ୍ଥା ଓ ୟୁଜିସି ନିୟମର ଉଲ୍ଲଂଘନ କରି ଏପରି ବ୍ୟବସ୍ଥା କାହିଁକି କରାଗଲା ? ଉଚ୍ଚଶିକ୍ଷାର ଉନ୍ନତି ପାଇଁ କେଉଁ ପ୍ରକାର ଦୂରଦୃଷ୍ଟି ଓ ଭିଜନ୍ ଆଧାରରେ ଏପରି ଅଧ୍ୟାଦେଶ ଅଣାଗଲା ? ଅବଶ୍ୟ ସମାଜର ବିଶେଷକରି ଉଚ୍ଚ ଶିକ୍ଷାର ଉନ୍ନତି ପାଇଁ କୌଣସି ପ୍ରଚଳିତ ନିୟମ ପରିବର୍ତ୍ତନ କରାଯାଇପାରେ, କିନ୍ତୁ ଏଥିପାଇଁ ବିଭିନ୍ନ ମଞ୍ଚରେ ବିଶେଷକରି ବିଧାନସଭାରେ ବିସ୍ତୃତ ଆଲୋଚନାର ଆବଶ୍ୟକତା ଥିଲା। ହେଲେ ବିଧାନସଭା ଆହୂତ ହେବାର ଠିକ୍ ପୂର୍ବରୁ ଏହି ଅଧ୍ୟାଦେଶଟି ତରବରିଆ ଭାବରେ ଅଣାଗଲା।

ଏହା କୁହାଯାଉଛି ଯେ, ଗତ କିଛିଦିନ ଧରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅନେକ ଅବ୍ୟବସ୍ଥା ଓ ଦୁର୍ନୀତି ଲାଗି ରହିଛି। ଶିକ୍ଷକ ନିଯୁକ୍ତି ହୋଇପାରୁନାହିଁ, ଯେବେ ହେଉଛି ସେଥିରେ ସ୍ୱଚ୍ଛତା ରହୁନାହିଁ ଏବଂ ପ୍ରିୟାପ୍ରୀତିତୋଷଣ ଓ ଅନ୍ୟାନ୍ୟ ଦୁର୍ନୀତି ପରିଲକ୍ଷିତ ହେଉଛି ଇତ୍ୟାଦି ଇତ୍ୟାଦି। ତେବେ ସରକାରୀ ଅମଲାମାନେ ଦାୟିତ୍ୱ ନେଲେ ସ୍ୱଚ୍ଛତା ରହିବ ଏବଂ ଦୁର୍ନୀତି ଦୂର ହେବ– ଏ ଗ୍ୟାରେଣ୍ଟି କିଏ ଦେବ? ଲୋକ ଚରିତ୍ର ବଦଳିଲେ ଏସବୁ ଦୂର ହୋଇପାରିବ, ମାତ୍ର ଏହା ତ ଆକାଶକଇଆଁ ଚିଲିକା ମାଛ ! କେବଳ ଓଡ଼ିଶାରେ କାହିଁକି, ଦେଶ ସାରା କୌଣସି କୌଣସି କ୍ଷେତ୍ରରେ ଏଭଳି ସମସ୍ୟା ରହିଛି ଏବଂ ଏହା ମାତ୍ରାଧିକ ହେଲେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ଶାସନଭାର ସାମୟିକ ଭାବରେ ସରକାର ନିଜ ନିୟନ୍ତ୍ରଣକୁ ନେଇ ସଜାଡ଼ିବାର ବ୍ୟବସ୍ଥା ପ୍ରଚଳିତ ନିୟମରେ ରହିଛି। ତା' ନ କରି ଧୁଆଁମୂଳା ଅଧୁଆମୂଳା ନିର୍ବିଶେଷରେ ସବୁ ବିଶ୍ୱବିଦ୍ୟାଳୟକୁ ସବୁଦିନ ପାଇଁ ସରକାରୀ ନିୟନ୍ତ୍ରଣକୁ ନେଇଯିବା କେଉଁଭଳି ବିଜ୍ଞତାର କାର୍ଯ୍ୟ ? ପକ୍ଷାନ୍ତରେ କେତେକ ବିଶ୍ୱବିଦ୍ୟାଳୟରେ ଯେଉଁ ଅବ୍ୟବସ୍ଥାର ଆରୋପ କରାଯାଉଛି, ସେଥିପାଇଁ ସରକାରୀ ହସ୍ତକ୍ଷେପ ଅନେକାଂଶରେ ଦାୟୀ ବୋଲି କହିବାର ଯଥେଷ୍ଟ କାରଣ ରହିଛି। ଗତ କିଛି ବର୍ଷ ଧରି କେତେକ ବିଶ୍ୱବିଦ୍ୟାଳୟରେ ସରକାରୀ ହସ୍ତକ୍ଷେପ ଲାଗି ରହିଛି। ୟୁଜିସି ଦ୍ୱାରା ପ୍ରଦତ୍ତ ଅନେକ ଶିକ୍ଷକ ପଦବୀକୁ ମନମୁଖି ଭାବେ ଉଚ୍ଛେଦ କରାଯାଇଛି, ଯେତକ ପଦବୀ ରହିଯାଇଛି ସେସବୁ ପୂରଣ କରିବା ପାଇଁ କୁଳପତିମାନଙ୍କୁ ସରକାରୀ ନିର୍ଦ୍ଦେଶକୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ଏସବୁ ବିଶ୍ୱବିଦ୍ୟାଳୟରେ ବହୁ ଶିକ୍ଷକ ପଦବୀ ଖାଲି ପଡ଼ିରହୁଛି ଏବଂ ଠିକା ଶିକ୍ଷକ ରଖି ଯେନତେନ ପ୍ରକାରେଣ ଶିକ୍ଷାଦାନ ଚାଲିଛି। ତା'ଛଡ଼ା କୋର୍ଟ କେସ୍ ଯୋଗୁ କେତେକ ବିଶ୍ୱବିଦ୍ୟାଳୟ ଶହ ଶହ ଶିକ୍ଷକ ପଦ ଖାଲି ରଖିବାକୁ ବାଧ୍ୟ ହେଉଛନ୍ତି। ସରକାରଙ୍କର ଅସ୍ପଷ୍ଟ ସଂରକ୍ଷଣ ନୀତି ଯୋଗୁ ଏପରି ଘଟୁଛି। ଏସବୁର ସୁଧାର ପାଇଁ କିଛି ସରକାରୀ ପଦକ୍ଷେପ ନିଆଯାଇଛି କି ? ନିଜେ ଅସୁବିଧା ସୃଷ୍ଟି କରି ସେହି ଅସୁବିଧା ପାଇଁ ବିଶ୍ୱବିଦ୍ୟାଳୟକୁ ଦାୟୀ କରିବା କି ପ୍ରକାର ନ୍ୟାୟ ? ଜନସ୍ୱାର୍ଥ ଦୃଷ୍ଟିରୁ ଜନମଙ୍ଗଳକାରୀ ସରକାରଙ୍କର ନୈତିକ କର୍ତ୍ତବ୍ୟ ହେଉଛି ଶିକ୍ଷାନୁଷ୍ଠାନଗୁଡ଼ିକୁ ପର୍ଯ୍ୟାପ୍ତ ସମ୍ବଳ ଯୋଗାଇଦେବା। କିନ୍ତୁ ଏଥିପାଇଁ ମାଲିକାନା ଜାହିର କରିବା ଉଚ୍ଚଶିକ୍ଷାର ହିତରେ ନୁହେଁ କି ସମାଜର ହିତରେ ନୁହେଁ। ଏବେ ମଧ୍ୟ ସମୟ ଅଛି। ଉକ୍ତ ବିଲ୍‌ଟି ଆଇନରେ ପରିଣତ ହେବା ପୂର୍ବରୁ ଏହାର ସୁଧାର ଦିଗରେ ଯଥୋଚିତ ପଦକ୍ଷେପ ନେଇ ଉଚ୍ଚଶିକ୍ଷାର ସ୍ୱାର୍ଥ ଓ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ରକ୍ଷା କରିବେ ବୋଲି ଆମେ ତଥାପି ଆଶା ରଖୁଛୁ।

ପ୍ରାକ୍ତନ୍ ପ୍ରଫେସର(ଦର୍ଶନ), ଉତ୍କଳ ବିଶ୍ୱବିଦ୍ୟାଳୟ,ମୋ: ୯୪୩୭୦୧୦୫୧୧

# ଘର କେତେ ଭଲ



**ଅଲେଖ ଚନ୍ଦ୍ର ମିଶ୍ର**

ଦିଗନ୍ତବିସ୍ତାରୀ ପ୍ରଶାନ୍ତ ମହାସାଗରର ପୂର୍ବଭାଗରେ ଗଭୀର ଜଳରାଶିର ଏକ ଦୁର୍ଗମ ଅଞ୍ଚଳରେ ଥିଲା ଏକ ଅଜଣାଅଶୁଣା ନିର୍ଜନ ଦ୍ୱୀପ। ଦ୍ୱୀପଟିର ଚତୁଃପାର୍ଶ୍ୱରେ ଛଅଶହ ମାଇଲ ପର୍ଯ୍ୟନ୍ତ ଜନବସତି ନ ଥିଲା। ଥରେ ଜଣେ ଅଭିଜ୍ଞ ନାବିକକୁ ତା'ର ସାମାନ୍ୟ ଭୁଲ୍ ପାଇଁ (କପ୍ତାନଙ୍କ ସହ ମତଭେଦ) ଦଣ୍ଡବିଧାନ ସ୍ୱରୂପ ସେହି ଦ୍ୱୀପରେ ଜୋରଦ୍‌ଜବରଦସ୍ତି ଛାଡିଦିଆଗଲା। ନାବିକଟିର ଅନୁତାପ, କ୍ଷମାଭିକ୍ଷା ଓ ଆକୁଳ କ୍ରନ୍ଦନକୁ କର୍ଣ୍ଣପାତ ନ କରି ନିଷ୍ଠୁର କପ୍ତାନ ଜାହାଜକୁ ନେଇ ଚାଲିଗଲା। କର୍ମକୁ ଆଦରି ଲୋକଟି ସେଇ ଦ୍ୱୀପ ଭିତରକୁ ପାଦ ବଢେଇଲା। ମାତ୍ର ଯାହା ଦେଖିଲା ଭୟରେ ତା'ର ଦେହ ଶିହରି ଉଠିଲା। ଭୀଷଣାକୃତି ଜଳଜୀବ, ବିଷଧର ସରୀସୃପ, ଭୟଙ୍କର ହିଂସ୍ରଜନ୍ତୁ, ଅଦ୍ଭୁତ ମାଂସାଶୀ ବିହଙ୍ଗ ସମସ୍ତେ ସେଠାରେ ଅବାଧରେ ବିଚରଣ କରୁଥିଲେ। କ୍ରମେ ସେ ଜାଣିଗଲା ଆଗ୍ନେୟଗିରିର ଜ୍ୱାଳାମୁଖି, ଝଡବତାସର କର୍କଶ ସ୍ୱର, ଘନ ବନାନୀ ଓ ହିଂସ୍ର ଜନ୍ତୁଙ୍କର ଭୟଙ୍କର ଗର୍ଜନ ହିଁ ଥିଲା ଦ୍ୱୀପଟିର ପ୍ରାକୃତିକ ଦୃଶ୍ୟପଟ। ଦିନରେ ନରକ, ରାତିରେ ପ୍ରେତପୁରୀ। ସେଥିପାଇଁ ସେଠାରେ ଜଣେ ବି ମଣିଷ ନ ଥିଲା। କିନ୍ତୁ ସେଇଠାରେ ହିଁ ସେ ରହିବାକୁ ବାଧ୍ୟ ହୋଇଥିଲା।

ଏଇ ବିଭୀଷିକା ଭିତରେ କେତେଦିନ ସେ ରହିବ ? କେବେ ହୁଏତ ମୁକ୍ତି ପାଇବ କି ନାହିଁ? କିମ୍ବା ଏଇ ଅବକାଶରେ ତା'ର ଜୀବନଦୀପ ଲିଭିଯିବ ? ଏଇଭଳି ଆଶଙ୍କା ମଧ୍ୟରେ ଛଟପଟ ହୋଇ ଲୋକଟି ଉପକୂଳ ନିକଟରେ ବସିରହି ସତୃଷ୍ଣନୟନରେ ଚାହିଁ ରହେ। ଦୂରରେ ବସ୍ତୁଟିଏ ଦେଖିଲେ ସାହାଯ୍ୟ ପାଇଁ ଚିତ୍କାର କରେ। ଆକାଶରେ ଉଡିଯାଉଥିବା ବ୍ୟୋମଯାନକୁ ହାତଠାରି ଡାକେ। ତା'ର ବାର୍ତ୍ତା ତା'ର ପ୍ରିୟଜନଙ୍କ ପାଖରେ ପହଞ୍ଚାଇ ଦେବା ପାଇଁ ବାୟୁକୁ ଅନୁନୟ କରେ। କିନ୍ତୁ ତା'ର ସବୁ ଚେଷ୍ଟା ବିଫଳ ହୁଏ। ଦ୍ୱୀପଟି ଅବାଟରେ ଥିବାରୁ କୌଣସି ଜାହାଜ ବି ସେ ଦିଗରେ ଆସେନା। ଦିନ ଗଣୁ ଗଣୁ ଦେଢହଜାର ଦିନ (୪ବର୍ଷ) ବିତିଗଲା। ହଠାତ୍ ଦିନେ ତା'ର ଭାଗ୍ୟୋଦୟ ହେଲା। ଏକ ସ୍ପେନିସ ଜାହାଜ ବାଟ ଭୁଲି ସେହି ଦ୍ୱୀପ ନିକଟରେ ଯାଉଥିଲା। ତାକୁ ଦେଖି ଲୋକଟି ଯେମିତି କୋଟିନିଧି ପାଇଗଲା। କାଳବିଳମ୍ବ ନ କରି ଏକ ଛୋଟ ଡାଳରେ ନିଆଁ ଲଗେଇ ତାକୁ ମଶାଲ ଭଳି ଦେଖେଇ ଡାକ ପକେଇଲା, "ଉଦ୍ଧାର କର, ଉଦ୍ଧାର କର।" ତା'ର ଚିତ୍କାର ଜାହାଜରେ ଥିବା ଲୋକଙ୍କ କାନରେ ପଡିଲା। ହେଲେ ତା'ର ଦୀର୍ଘ ରୁକ୍ଷ, ନିଶ, ଦାଢି, କେଶ, ବେଶ, ପୋଷାକ ଓ ଶୁଷ୍କ ଦେହକୁ ଦେଖି ତାକୁ ଏକ ବନ୍ୟପଶୁ ଭାବି ସେମାନେ ଚାଲିଯାଉଥିଲେ। କିନ୍ତୁ ଲୋକଟି ତା'ର ସମସ୍ତ ଶକ୍ତି ସଞ୍ଚୟ କରି ଶେଷ ଚେଷ୍ଟା କଲା, ବୁଡିଯାଉଥିବା ଜାହାଜରୁ ରକ୍ଷା ପାଇଥିବା ମୁଁ ଜଣେ ମଣିଷ। ଦୟାକରି ମତେ ଏଠାରୁ ଉଦ୍ଧାର କର। ଏଥରକ ସେମାନେ ଜାହାଜକୁ କୂଳରେ ଲଗେଇଲେ ଏବଂ ଲୋକଟିକୁ ଉଠେଇ ନେଲେ। ଜାହାଜରେ ଆଶ୍ରୟ ଦେଇ ତା' ଦେଶରେ ଛାଡିଦେଲେ। ଲୋକଟି ଯେମିତି ପୁନର୍ଜନ୍ମ ପାଇଲା। ନିଜର ପ୍ରିୟଜନଙ୍କ ଆଗରେ ଲୋକଟି ଯେତେବେଳେ ତା'ର ମୃତବତ୍ ଜୀବନ କାହାଣୀକୁ ବର୍ଣ୍ଣନା କଲା ଚାରିଆଡୁ ସମବେଦନାର ସୁଅ ଛୁଟିଲା। ସେଇ ଲୋକଟି ଥିଲେ ବିଖ୍ୟାତ ନାବିକ ଆଲେକ୍‌ଜାଣ୍ଡାର ସେଲ୍‌କାର୍କ। ଯେଉଁ ଜାହାଜରୁ ସେ ନିର୍ବାସିତ ହୋଇଥିଲେ ତା'ର ନାମ ଥିଲା 'ସିନ୍‌କ୍ୟୁ ପୋର୍ଟସ' ଏବଂ ତା'ର କ୍ୟାପ୍‌ଟେନ ଥିଲେ ଷ୍ଟ୍ରାଡ୍‌ଲିଂ। ସମ୍ପୃକ୍ତ ଦ୍ୱୀପଟିର ନାମ ଥିଲା, ଜୁଆନ ଫର୍ନାଡେଜ୍ ଏବଂ ଘଟଣାଟି ଘଟିଥିଲା ୧୭୦୪ ମସିହାରେ। ଏହି କାହାଣୀଟି ହିଁ ଥିଲା ୧୭୦୯ ମସିହାରେ ପ୍ରଖ୍ୟାତ ଇଂଲିଶ କବି ଉଇଲିୟମ କାଓପରଙ୍କ ଦ୍ୱାରା ରଚିତ କାଳଜୟୀ କବିତା 'ଦି ସଲିଟ୍ୟୁଡ୍ ଅଫ୍ ଆଲେକ୍‌ଜାଣ୍ଡାର ସେଲ୍‌କାର୍କ'ର ପଛଭୂମି। ଏହି କବିତାଟି ଏତେ ଲୋକପ୍ରିୟ ହୋଇଥିଲା ଯେ ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଥିଲା।

ସେଥିରେ ଅନୁପ୍ରାଣିତ ହୋଇ ୧୭୧୯ ମସିହାରେ ସ୍ୱନାମଧନ୍ୟ ବ୍ରିଟିଶ୍ ଔପନ୍ୟାସିକ ଡାନିଏଲ୍ ଡିଫୋ ରଚନା କଲେ ବିଖ୍ୟାତ ଉପନ୍ୟାସ 'ରବିନ୍‌ସନ୍ କ୍ରୁସୋ' ଯାହା ବିଶ୍ୱ ସାରସ୍ୱତ ଦରବାରରେ ଅଦ୍ୟାବଧି ଏକ ଅମୂଲ୍ୟରତ୍ନ ହୋଇ ରହିଛି। ପୃଥିବୀର ପ୍ରାୟ ସମସ୍ତ ପ୍ରମୁଖ ଭାଷାରେ ଅନୂଦିତ ଏହି କାହାଣୀକୁ ଓଡିଆ ଭାଷାରେ ରୂପାନ୍ତରିତ କରିଥିଲେ ଭକ୍ତକବି ମଧୁସୂଦନ ରାଓ (ନିର୍ବାସିତର ବିଳାପ), ଯାହାର ଶଂସିତ ଅଂଶକୁ ଆବଶ୍ୟକ ସ୍ଥଳେ ସ୍ଥାନିତ କରାଯାଇଛି। ଏହି କାହାଣୀଟିରେ ସନ୍ନିବିଷ୍ଟ ବାର୍ତ୍ତା ହେଲା, ଏଭଳି ଭୟଙ୍କର ସ୍ଥାନରେ ରାଜାହେବା ଅପେକ୍ଷା ସମାଜରେ ଭୟ ଓ ଆଶଙ୍କାରେ ଦିନ କାଟିବା ଭଲ। (ବେଟର ଡ୍ୱେଲ୍ ଇନ୍ ଦ ମିଡ୍‌ଷ୍ଟ ଅଫ୍ ଆଲାର୍ମସ୍ ଦାନ୍ ରେନ୍ ଇନ୍ ଦିସ୍ ହରିବଲ୍ ପ୍ଲେସ୍.)। (ବରଂ ନିବାସ ଭଲ ରଣକ୍ଷେତ୍ରରେ.... ଅଧମ ଗତି)।

ଏହାର ବହୁକାଳ ପୂର୍ବରୁ ମହାକବି କାଳିଦାସ ତାଙ୍କର ଅମରକୃତି 'ମେଘଦୂତମ୍' କାବ୍ୟରେ ଅଳକାପୁରୀରୁ ବିଚ୍ୟୁତ ଶାପଗ୍ରସ୍ତ ଯକ୍ଷର ମର୍ତ୍ତ୍ୟର ରାମଗିରିରେ ଅବସ୍ଥାନଜନିତ ବିଳାପକୁ ଆଧାର କରି ଅନୁରୂପ କାହାଣୀ ବର୍ଣ୍ଣନା କରିଯାଇଛନ୍ତି।

ଏକୁଟିଆ ଜୀବନ କେତେ ଦୁର୍ବିଷହ ଏଥିରୁ ଅନୁମେୟ। ଯେଉଁ ପ୍ରିୟଜନଙ୍କର ସାନ୍ନିଧ୍ୟକୁ ମଣିଷ ହେୟଜ୍ଞାନ କରେ ସେମାନଙ୍କର ଅବର୍ତ୍ତମାନରେ ତାଙ୍କୁ ଖୁଣ୍ଟିହୁଏ। ନିରୋଳା ଜୀବନ ଏକ ଅଭିଶାପ। ଏକାକୀ ରହିବା ଏକ ଦଣ୍ଡ। ସେଥିପାଇଁ କେଉଁ ଅନାଦିକାଳରୁ ନିର୍ବାସନ, ଦେଶାନ୍ତର ଦଣ୍ଡବିଧିର ଏକ ଅଂଶ ଭାବରେ ପ୍ରଚଳିତ। ଶତ୍ରୁ କବଳରୁ ବଞ୍ଚିବା ପାଇଁ ମଧ୍ୟ ମଣିଷ ଆତ୍ମନିର୍ବାସନ ବରଣ କରେ। ସେ ପୁରାଣର ସୁଗ୍ରୀବ ହୁଅନ୍ତୁ ଅଥବା ଇତିହାସର ନେପୋଲିୟନ। କାରାଗାରରେ ବନ୍ଦୀ ଜୀବନ ଏହାର ଅନ୍ୟ ଏକ ଦୃଷ୍ଟାନ୍ତ। ସମାଜରେ ଥାଇ ବି କିଛି ଲୋକଙ୍କୁ ଏକଘରିଆ, ବାସନ୍ଦ, ନିଆଁପାଣି ବନ୍ଦ ଭଳି କଠୋର ଶାସ୍ତିବିଧାନ କରାଯାଏ। କିଛିଲୋକ ଭରପୂର ପରିବାରର ଆପଣା ଲୋକଙ୍କୁ ପର କରି ଅଣୁ ପରିବାରକୁ ଆପଣାନ୍ତି। କାଳକ୍ରମେ ଯେତେବେଳେ ସେଇ କ୍ଷୁଦ୍ର ପରିବାର ତାଙ୍କଠାରୁ ଦୂରକୁ ଚାଲିଯାଏ ସେ ସମ୍ପୂର୍ଣ୍ଣ ଏକା ହୋଇଯାନ୍ତି ଏବଂ ତାଙ୍କର ଆଗକୁ ପଛକୁ କେହି ନ ଥାନ୍ତି। ଜୀବନର ଅନ୍ତିମ ପର୍ଯ୍ୟାୟ ଅସହ୍ୟ ହୋଇପଡେ। ପ୍ରାଚୁର୍ଯ୍ୟର ସ୍ତୂପ ଉପରେ ଉପବିଷ୍ଟ ଥାଇ ବି ସେମାନେ ଅଭାବଗ୍ରସ୍ତ ହୋଇଥାନ୍ତି। ସେମାନେ ବଞ୍ଚି ରହନ୍ତି କାରଣ ମରି ନ ଥାନ୍ତି। ଶେଷରେ ବଞ୍ଚିତର ଗ୍ଲାନି ଓ ଅସହାୟତାର ଅବସାଦ ଭିତରେ କେତେକ ଦୁର୍ବଳମନା ଲୋକ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଅନ୍ତି।

ସମ୍ପ୍ରତି ବିଶ୍ୱରେ ଏହି ପ୍ରସଙ୍ଗ ଆଲୋଚନାର ବିଷୟ ପାଲଟିଛି। ୧୪୮ଟି ଦେଶର ୩.୪ ନିୟୁତ ଲୋକଙ୍କ ଉପରେ ଅଧ୍ୟୟନ କରି ଆମେରିକାର ବ୍ରିଗ୍‌ହାମ୍ ୟଙ୍ଗ ୟୁନିଭରସିଟିର ପ୍ରଫେସର ଜୁଲିଆନେ ହୋଲ୍‌ଟ ଲୁନ୍‌ଷ୍ଟାଡ୍ କହନ୍ତି ପୃଥିବୀରେ ଆତ୍ମହତ୍ୟାକାରୀଙ୍କର ଶତକଡା ୫୦ଭାଗ ଏକା ରହୁଥିବା ଲୋକ। ଅନ୍ୟମାନଙ୍କ ସହିତ ମିଳିମିଶି ରହିଲେ ଯେଉଁ ଖୁସି ମିଳେ ତାହା ମଣିଷକୁ ଅଧିକ ଦିନ ବଞ୍ଚେଇ ରଖେ। ଅତଏବ ଏକୁଟିଆ ଜୀବନକୁ ଏଡାଇବା ସମସ୍ତଙ୍କର ଧ୍ୟେୟ ହେବା ଉଚିତ। ହୋମ୍ ସ୍ୱିଟ୍ ହୋମ୍। ଦେୟାର ଇଜ୍ ନୋ ପ୍ଲେସ୍ ଲାଇକ୍ ହୋମ୍। (ଘର କେତେ ଭଲ, ତା'ଭଳି ଭଲ ସ୍ଥାନ ଆଉ ନାହିଁ)।

ସାରଦାଶ୍ରୀ,୯୦୪, ଶାସ୍ତ୍ରୀନଗର, ୟୁନିଟ ୪, ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଦେଶର ଏବେ ବି ଅନେକ ସ୍ଥାନରେ ମହିଳାମାନେ ପାଣି ପାଇଁ ମାଇଲ ମାଇଲ ଯାଉଛନ୍ତି। ହେଲେ ମଧ୍ୟପ୍ରଦେଶର ଜଣେ ମହିଳା ସରପଞ୍ଚ ତାଙ୍କ ଗାଁ ଘଟଗରାରୁ ଏଭଳି ସମସ୍ୟା ଦୂର କରିପାରିଛନ୍ତି। ଧର୍ ଜିଲା ବଡନାୱର ବ୍ଲକ ଅନ୍ତର୍ଗତ ଘଟଗରା ପଞ୍ଚାୟତର ପ୍ରଥମ ମହିଳା ସରପଞ୍ଚ ମାୟା ମୌସରିୟା ଏବେ ସବୁ ଘରକୁ ଟ୍ୟାପ୍ ପାଣି ଯୋଗାଇ ଦେଇଛନ୍ତି। ପ୍ରତିଟି ଘରେ କୁଅ ଖୋଳିଛନ୍ତି ଓ ପାଇଖାନା ନିର୍ମାଣ କରିଛନ୍ତି । ଏହାବାଦ ଗାଁରେ ଏକ କମ୍ୟୁନିଟି ୱାଟର ଟ୍ୟାଙ୍କ୍ ନିର୍ମାଣ କରିଛନ୍ତି। ଘଟଗରା ଗାଁର ମହିଳାମାନେ ପାଣି ଆଣିବାରେ ସେମାନଙ୍କ ଦିନର ଅଧା ସମୟ ଅତିବାହିତ କରୁଥିଲେ। ସେମାନେ ଭୋର୍ ୫ଟାରୁ ଉଠି ପାଣି ପାଇଁ ଚାଲି ଚାଲି ଯାଆନ୍ତି ଓ ଅପରାହ୍ନରେ ଫେରନ୍ତି। ମାୟା ଦଶମ ଶ୍ରେଣୀ ଯାଏ ପଢିଛନ୍ତି ଓ ସେ ତାଙ୍କ ଗାଁର ବଡ ପାଠୁଆ। ମହିଳାମାନଙ୍କୁ ସେ ଜଳ ସଂରକ୍ଷଣ ଉପରେ ପ୍ରଶିକ୍ଷଣ ଦେଉଛନ୍ତି। ସେ ମଧ୍ୟ ଗାଁରୁ ପରଦା ପ୍ରଥା ଦୂର କରିପାରିଛନ୍ତି। ଝିଅମାନେ ଉଚ୍ଚଶିକ୍ଷା ପାଇବା ଲାଗି ଅନ୍ୟ ଗାଁକୁ ଯିବାକୁ ପଡୁଥିବାରୁ ସେମାନେ ଖୁବ ବେଶିରେ ଅଷ୍ଟମ ଶ୍ରେଣୀ ଯାଏ ପଢୁଥିଲେ। ଏବେ କିନ୍ତୁ ଉଚ୍ଚଶିକ୍ଷା ଲାଗି ଅନ୍ୟ ସ୍କୁଲକୁ ଯିବା ପାଇଁ ବସ୍ ବ୍ୟବସ୍ଥା କରିଛନ୍ତି ମାୟା। ୩୪ ବର୍ଷୀୟା ମାୟା ୨୦୧୫ରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଅକ୍ଟୋବର ୧୯୯୫**

- ଅପରାଧ ଓ ସନ୍ତ୍ରାସବାଦର ମୁକାବିଲା ତଥା ବିଜ୍ଞାନ, ପ୍ରଯୁକ୍ତି ଓ ସୂଚନା ସେବା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଭାରତ ଓ ଇଜିପ୍ଟ ମଧ୍ୟରେ ୩ଟି ଚୁକ୍ତି ସ୍ୱାକ୍ଷରିତ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୈକୁଣ୍ଠନାଥ ମହାନ୍ତିଙ୍କର ୬୯ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ତାହାରି ସୀମନ୍ତ ଗାର
ଦିଶେ ଚକ୍ରବାଳେ
ଚିତା ସମ ଜୁଏ ତାର
ରବିଶଶି ଭାଲେ -(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | 3 | | 7 | | B | | 9 | 4 | | E | | | 2 |
| 7 | | E | | | | | | | | | 8 | B | | C |
| | 4 | | A | | | | | | 1 | D | 6 | | | |
| | C | | | 2 | 4 | A | | | | | | | D | |
| | 1 | | | 9 | 6 | | | E | B | | | | | |
| | | 5 | | | 1 | | E | 0 | | 2 | | | | |
| 1 | 2 | | | C | 9 | 8 | 6 | D | 3 | | | | A | |
| | 0 | | | E | D | C | 9 | | | | A | | | |
| | 8 | | | 4 | | 7 | | A | | | | | | |
| | | | | 8 | | | 1 | | 0 | | | | | 5 |
| B | 6 | | 3 | D | | | C | | | | 4 | | 2 | E |
| | E | 1 | | | 0 | | | 2 | | 8 | | | | 3 |
| 3 | | C | | A | | 9 | | | | 1 | | | 5 | |
| | | | 2 | | | | 3 | | | | | | | |
| | | | | | | D | | | | E | | 7 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 8 | 3 | E | B | D | 5 | 9 | A | 6 | 7 | 4 | 0 | 1 | C |
| D | 4 | E | 6 | 1 | 9 | B | 7 | C | 0 | A | 2 | 3 | 5 | 8 |
| C | 7 | 6 | 3 | 5 | 0 | 1 | 2 | 8 | 9 | B | D | 4 | A | E |
| A | B | 9 | C | 4 | 8 | 3 | 6 | 0 | 5 | 1 | E | D | 2 | 7 |
| 0 | 5 | 1 | 7 | A | 2 | D | 4 | E | 8 | C | 3 | B | 6 | 9 |
| 3 | 0 | D | 5 | 2 | A | E | C | B | 7 | 9 | 1 | 8 | 4 | 6 |
| 1 | E | 7 | B | 9 | 4 | 0 | 8 | 2 | A | 6 | C | 5 | 3 | D |
| 4 | 6 | C | 8 | E | 1 | 9 | D | 5 | 2 | 3 | 0 | 7 | B | A |
| 5 | A | B | 0 | C | 6 | 7 | 1 | 3 | D | 4 | 8 | 9 | E | 2 |
| 8 | 9 | 2 | D | 7 | 3 | 4 | A | 6 | B | E | 5 | C | 0 | 1 |
| 7 | C | 0 | 9 | 6 | E | A | 5 | 4 | 1 | D | B | 2 | 8 | 3 |
| 9 | 2 | A | 1 | 8 | 5 | C | B | D | 3 | 0 | 6 | E | 7 | 4 |
| E | 1 | 5 | 4 | 0 | 7 | 8 | 3 | 9 | C | 2 | A | 6 | D | B |
| 6 | D | 4 | A | 3 | B | 2 | 0 | 7 | E | 8 | 9 | 1 | C | 5 |
| B | 3 | 8 | 2 | D | C | 6 | E | 1 | 4 | 5 | 7 | A | 9 | 0 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ପାରିବାରିକ ରାଜନୀତି

ମହାଶୟ,

ଦୁଃଖ ଏବଂ ପରିତାପର ବିଷୟ ଏହିକି ଆମ ଓଡ଼ିଶାରେ ବହୁ ସମାଜସେବୀ ଏବଂ ସାଧୁ ପ୍ରକୃତିର ଯୋଗ୍ୟ ଲୋକ ଥିଲେ ବି ସେମାନଙ୍କୁ ସାଂସଦ ଅଥବା ବିଧାୟକ ହେବାର ସୁଯୋଗ ନ ଦେଇ ୬/୮ ଥର ସାଂସଦ ଅଥବା ବିଧାୟକ ହୋଇଥିବା ଲୋକଟିର ସ୍ତ୍ରୀ, କନ୍ୟା ଅଥବା ପୁତ୍ରକୁ ସାଂସଦ ଅଥବା ବିଧାୟକ ହେବାର ସୁଯୋଗ ଦିଆଯାଉଛି। ଏପରି ଘଟଣା ସବୁ ଜାତୀୟ ଏବଂ ଆଞ୍ଚଳିକ ଦଳଗୁଡିକରେ ମଧ୍ୟ ଦୃଶ୍ୟମାନ ହେଉଛି। ପରିବାରରୁ ଯେଉଁମାନଙ୍କୁ ରାଜନୀତିକୁ ଅଣାଯାଉଛି ସେମାନଙ୍କର ସେବା ମନୋବୃତ୍ତି ଅଛି କି? ଭାରତ ବର୍ଷକୁ ଅତ୍ୟାଚାରୀ ଇଂରେଜ ଶାସନ କବଳରୁ ମୁକ୍ତ କରିଥିବା ମହାତ୍ମା ଗାନ୍ଧୀ ଚାହିଁଥିଲେ, ନିର୍ବିବାଦରେ ଭାରତର ପ୍ରଧାନମନ୍ତ୍ରୀ ହୋଇପାରିଥାନ୍ତେ ; କିନ୍ତୁ ତାଙ୍କର ଆଦୌ କ୍ଷମତାଲିପ୍ସା ନ ଥିଲା। ବର୍ତ୍ତମାନ ପାରିବାରିକ ରାଜନୀତି କରୁଥିବା କ୍ଷମତା ପାଗଳ ନେତାମାନେ ଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ଗ୍ରହଣ କରୁନାହାନ୍ତି କାହିଁକି ? ଏମାନଙ୍କ ପାଇଁ ରାଜନୀତି ହେଉଛି ଏକ ସର୍ବାଧିକ ଲାଭଜନକ ବ୍ୟବସାୟ।

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସିବିଆଇ ଜାଲରେ ପୋଷ୍ଟାଲ ଆକାଉଣ୍ଟସ୍ ଅଫିସର

**ବାରିପଦା ଅଫିସ:** ବିଲ୍ ପାସ୍ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶୁକ୍ରବାର ମୟୂରଭଞ୍ଜ ଜିଲା ବାରିପଦା ମୁଖ୍ୟ ଡାକଘର ଆକାଉଣ୍ଟସ୍ ଅଫିସର ମନୋଜ ମହାନ୍ତି ସିବିଆଇ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ଭଞ୍ଜପୁର ସ୍ଥିତ ତାଙ୍କ ବାସଭବନରେ ସିବିଆଇ ଚଢ଼ାଉ ଜାରି ରଖିଛି। ସୂଚନା ଅନୁଯାୟୀ, ମୁଖ୍ୟ ଡାକଘରେ ଚାକିରି କରୁଥିବା କର୍ମଚାରୀ ହରିହର ମାଝୀଙ୍କ ଏକ ବିଲ୍ ପାସ କରିବା ପାଇଁ ମନୋଜ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ହରିହର ସିବିଆଇରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ମନୋଜ ଲାଞ୍ଚ ଟଙ୍କା ନେଉଥିବା ବେଳେ ସିବିଆଇ ହାତରେ ଧରାପଡ଼ିଥିଲେ।

### ସଂକ୍ଷେପରେ

## ଛତର ଯାତ୍ରାରେ ପଶୁବଳି ମାମଲା ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ

**ଧର୍ମଗଡ଼/ଭବାନୀପାଟଣା, ୧୬।୧୦ (ଡି.ଏନ୍.ଏ.):** କଳାହାଣ୍ଡି ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରାରେ ପଶୁ ବଳିକୁ ନେଇ ଓଡ଼ିଶା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଗତ ଜାନୁୟାରୀ ୬ରେ ହାଇକୋର୍ଟରେ କଟକର ଜଣେ ମହିଳା ମାଣିକେଶ୍ୱରୀଙ୍କ ଛତର ଯାତ୍ରାରେ ପଶୁବଳି ବନ୍ଦ କରିବା ପାଇଁ ଆବେଦନ କରିଥିଲେ। ସେହି ଆବେଦନକୁ ଗ୍ରହଣ କରି ହାଇକୋର୍ଟ ପଶୁବଳି ବନ୍ଦ କରିବା ସହ ଏଥିପାଇଁ ବ୍ୟକ୍ତିଗତ ଭାବେ ପ୍ରଶାସନିକ ଅଧିକାରୀମାନେ ଦାୟୀ ରହିବେ ବୋଲି କୋର୍ଟ କହିଥିଲେ। ଏହାକୁ ବିରୋଧ କରି କଳାହାଣ୍ଡିର ଭବାନୀ ଶଙ୍କର ନିଆଲ ସେପ୍ଟେମ୍ବର ୧ରେ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ଶୁକ୍ରବାର ଏହି ମାମଲାର ବିଚାର କରି ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଆବେଦନକାରୀ ନିଆଲଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଯୁବ ଆଇନଜୀବୀ କିରଣ କୁମାର ପାତ୍ର ଏହି ମାମଲାର ପରିଚାଳନା କରୁଛନ୍ତି।

# ଅଦିନିଆ ରଥଯାତ୍ରାକୁ ବିରୋଧ

**ପୁରୀ ଅଫିସ,୧୬।୧୦**



### ଆମେରିକାରେ ଇସ୍କନ ପକ୍ଷରୁ ପାଳିତ

■ ସିଂହଦ୍ୱାର ଥାନାରେ ଯୁବ ଅଧିବକ୍ତା ସଂଘର ଏତଲା

ଅଦିନରେ ପୁଣି ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଗତ ୧୦ ତାରିଖରେ ଆମେରିକାର ମେରିଲ୍ୟାଣ୍ଡ ଅନ୍ତର୍ଗତ ବାଲ୍ଟିମୋରଠାରେ ଏହି ରଥଯାତ୍ରା ହୋଇଥିଲା। ସେଠାକାର ଇସ୍କନ ପକ୍ଷରୁ ଉକ୍ତ ରଥଯାତ୍ରାକୁ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଦିନିଆ ରଥଯାତ୍ରାକୁ ଚତୁର୍ଦ୍ଧାବିଗ୍ରହଙ୍କ ଲୀଳାସ୍ଥଳ ଶ୍ରୀକ୍ଷେତ୍ରରେ ଘୋର ବିରୋଧ କରାଯାଇଛି। ଇସ୍କନ ବାରମ୍ବାର ଏଭଳି ଆଚରଣ ଦେଖାଇ ବିଧି ପରମ୍ପରାକୁ ବେଖାତିର କରୁଥିବାରୁ ଶ୍ରୀମନ୍ଦିର ସେବାୟତ, ଭକ୍ତ, ବୁଦ୍ଧିଜୀବୀ ସମସ୍ତେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ଏହା ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ଆମେରିକାର ଇସ୍କନ ପକ୍ଷରୁ ପୋଷ୍ଟ ହୋଇଥିବା ଭିଡିଓରେ ଦାରୁ ବିଗ୍ରହମାନଙ୍କୁ ଦାମୀ କାର୍‌ରେ ବସାଇ ରଥଯାତ୍ରା ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ବହୁସଂଖ୍ୟକ ଭାରତୀୟ ଓ ଆମେରିକୀୟ ଏଥିରେ ସାମିଲ ହୋଇଥିଲେ। ସମ୍ମୁଖ ଭାଗରେ ଭାରତର ଜାତୀୟପତାକା ଉଡୁଥିବା ଭିଡିଓରୁ ସ୍ପଷ୍ଟ ଜଣାପଡୁଛି। ତେଣୁ ଏଭଳି ଅସମୟରେ ରଥଯାତ୍ରା ଆୟୋଜନ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଶକ୍ତ ଆଘାତ ଦେଇଛି ବୋଲି ଅଭିଯୋଗ କରି ସିଂହଦ୍ୱାର ଥାନାରେ ଯୁବ ଅଧିବକ୍ତା ସଂଘର ଆବାହକ ଅନିଲ କୁମାର ସାହୁ ଏତଲା ଦେଇଛନ୍ତି। ଏହି ରଥଯାତ୍ରା ଆୟୋଜନ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସେ ଅନୁରୋଧ କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ପରମ୍ପରା ଅନୁଯାୟୀ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ବିଶ୍ୱବ୍ୟାପୀ କୌଣସି ଜାଗାରେ ଯେପରି ଅସମୟରେ ରଥଯାତ୍ରା ହେବ ନାହିଁ ସେଥିଲାଗି ଗବେଷକ, ବୁଦ୍ଧିଜୀବୀ ପ୍ରମୁଖଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏ ସଂକ୍ରାନ୍ତରେ ଆଲୋଚନା ପରେ ବିଭିନ୍ନ ସଙ୍ଗଠନଙ୍କୁ ଅବଗତ କରାଯାଇଥିଲା। ତେଣୁ ପରମ୍ପରା ବିରୋଧୀ କାମ ନ କରିବାକୁ ଉନ୍ନୟନ ପ୍ରଶାସକ ପରାମର୍ଶ ଦେଇଛନ୍ତି।

## ଭିଜିଲାନ୍ସ ହାତରେ ଫରେଷ୍ଟର

**ଖୋର୍ଦ୍ଧା ଅଫିସ,୧୬।୧୦**

୫ହଜାର ଟଙ୍କା ଲାଞ୍ଚ ନେବା ବେଳେ ବେଗୁନିଆରେ କାର୍ଯ୍ୟରତ ଫରେଷ୍ଟର ଅକ୍ଷୟ ମୁଦୁଲି ଏବଂ ଫରେଷ୍ଟ ଗାର୍ଡ ଦୁର୍ଗାଚରଣ ପଣ୍ଡା ଖୋର୍ଦ୍ଧା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ବେଗୁନିଆ ବ୍ଲକ କୋଠିଆଖାଲ ଅଞ୍ଚଳର କାଠମିସ୍ତ୍ରି ଚୈତନ୍ୟ ମହାରଣାଙ୍କ ଘରକୁ ୧୦ଦିନ ପୂର୍ବେ ଫରେଷ୍ଟର ଅକ୍ଷୟ ଯାଞ୍ଚ କରିବାକୁ ଯାଇଥିଲେ। ବେଆଇନ ଭାବେ କାଠ ଗଚ୍ଛିତ ରଖିଥିବା କହି ମିଥ୍ୟା କେଶ୍‌ରେ ଜେଲ ପଠାଇଦେବାକୁ ଧମକ ଦେଇଥିଲେ। ଏନେଇ ସେ ଚୈତନ୍ୟଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମ୍ପୃକ୍ତ ଫରେଷ୍ଟର ତାଙ୍କୁ ହଇରାଣ କରିବାରୁ ଚୈତନ୍ୟ ୫ହଜାର ଟଙ୍କା ଦେବା ପାଇଁ ରାଜି ହୋଇଥିଲେ। ଚୈତନ୍ୟ ଏ ସମ୍ପର୍କରେ ଖୋର୍ଦ୍ଧା ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ଶୁକ୍ରବାର ସନ୍ଧ୍ୟା ୫ଟା ୪୫ରେ ସିକୋ ଫରେଷ୍ଟ ବିଟ୍ ହାଉସରେ ଚୈତନ୍ୟ ପହଞ୍ଚିଥିଲେ। ଫରେଷ୍ଟରଙ୍କ ନିର୍ଦ୍ଦେଶକ୍ରମେ ଦୁର୍ଗାଚରଣ କାଠମିସ୍ତ୍ରିଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରି ଅକ୍ଷୟଙ୍କୁ ଦେଇଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ସେମାନଙ୍କୁ କାବୁ କରିବା ସହ ରଙ୍ଗପ୍ରଲେପ ଦିଆ ଟଙ୍କା ଜବତ କରିଥିଲେ। ଖୋର୍ଦ୍ଧା ଭିଜିଲାନ୍ସ ଇନ୍ସପେକ୍ଟର ଏମ୍.ଆର. ପାଇକାରାଙ୍କ ଅଭିଯୋଗକ୍ରମେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୯/୨୦)ରୁଜୁ ହୋଇଛି।

**APPOINTMENT**
A Construction Company needs District wise **MARKETING EXECUTIVES / AGENTS** for Building Construction Project Work.
**Call: 9777251369**

**ଆବଶ୍ୟକ**
Bridge କାମ ପାଇଁ Experienced ଇଞ୍ଜିନିୟର, ସୁପରଭାଇଜର, ସାଇଟ୍ ଇନ୍‌ଚାର୍ଜ, ଷ୍ଟୋରକିପର, ଆକାଉଣ୍ଟାଣ୍ଟ, ରୋଷେୟା, ଇଲେକ୍ଟ୍ରିସିଆନ୍, ମେଶିନାରି ମ୍ୟାନେଜର ଏବଂ ଅଫିସିଆଲି ଷ୍ଟାଫ୍ ଆବଶ୍ୟକ।
Ph.No.- 9937199625 9937786969

REQUIRED
**Data Entry Operator**
ଓଡିଶାରେ ଥିବା ସମସ୍ତ ଜିଲ୍ଲାରେ ଲେବର ଓ ଏଜୁକେଶନ ଡିର୍ପାଟମେଣ୍ଟ ରେ କଣ୍ଟ୍ରାକ୍ଟୁଆଲ, ଡାଟାଏଣ୍ଟ୍ରି ଅପରେଟର ଆବଶ୍ୟକତା ଅଛି।
Qualification : +3 and Basic Computer, Word, Excel ରେ knowledge ଥିବା ଆବଶ୍ୟକ।
9178912298, 9040666007

Recruitment for the Post of LIC Agent as an Insurance Advisor.
Join India's No.1 - LIC of India
Sushree Sangeeta Nayak (DO LIC)
Contact: 9337286709, 7653067426

**APPOINTMENT**
Urgent required Billing Executive for Pharma Distributor with experience B.Com. Send your CV
shreemahaveerpharmatech@gmail.com
7064402525

Required experience **DRIVER** for Private Vehicle (For family purpose).
7008563697
9437168187

**WANTED**
କାରଖାନାରେ ରହି କାମ କରିବା ପାଇଁ ମହିଳା ଶ୍ରମିକ ଆବଶ୍ୟକ । ରହିବା ଏବଂ ଖାଇବା ମାଗଣା । ଦରମା- ୫,୦୦୦/-, ବୟସ- ୨୦ ରୁ ୩୫ ବର୍ଷ।
ଯୋଗାଯୋଗ- ୭୯୭୮୫୫୦୬୮୪

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Air Hostess, Ground Staffs, Supervisors, Checkers, Loaders, Drivers, Guards & Helpers
Quali : ୨୦ ପଢ଼ିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9984845594, 7381891254

## ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର/ନୂଆଦିଲ୍ଲୀ, ୧୬।୧୦(ପି.ଟି.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୭୫ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ସାରା ଦେଶରୁ ତାଙ୍କ ପାଇଁ ଶୁଭେଚ୍ଛାର ସୁଅ ଛୁଟିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ଅଭିନନ୍ଦନ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ଟୁଇଟ୍ କରି ମଧ୍ୟ ବିଜେଡି ସଭାପତିଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ନୀତିନ ଗଡ଼କରୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶ ଯେ, କୋଭିଡ୍-୧୯ ସଙ୍କଟକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥର ନିଜ ଜନ୍ମଦିନ ପାଳନ କରିନାହାନ୍ତି। ଏହା ପରିବର୍ତ୍ତେ ତାଙ୍କ ଜନ୍ମଦିନରେ ଅଭାବୀ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସେ ଦଳୀୟ ନେତା ଓ ଶୁଭଚିନ୍ତକଙ୍କୁ ଗୁରୁବାର ପରାମର୍ଶ ଦେଇଥିଲେ।

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୨ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଉ ଦୁଇଟି ନୂଆ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବ। ବଲାଙ୍ଗୀର ଓ କୋରାପୁଟ ଜିଲାରେ ଏହା ପ୍ରତିଷ୍ଠା ହେବ ବୋଲି ଶୁକ୍ରବାର ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ବଲାଙ୍ଗୀର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଓ ନୂଆପଡ଼ା ଜିଲା ରହିବ। ସେହିଭଳି କୋରାପୁଟର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲା ରହିବ। ଏ ବାବଦ ବ୍ୟୟ ରାଜ୍ୟ ବଜେଟ୍‌ରୁ ଭରଣା କରାଯିବ ନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ଖର୍ଚ୍ଚକୁ ନିଜସ୍ୱ ସମ୍ବଳରୁ ତୁଲାଇବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାଛଡ଼ା ସେ ଗଜପତି (ପାରଳାଖେମୁଣ୍ଡି)ଠାରେ ଏକ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପ୍ରସ୍ତାବ ଦେଇଥିଲେ। ଗଜପତି ଓ କନ୍ଧମାଳ ଜିଲା ଏହି ନୂତନ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ରହିବା ପାଇଁ ପ୍ରସ୍ତାବରେ ଉଲ୍ଲେଖ ଥିଲା। ମାତ୍ର ଦୂରତ୍ୱକୁ ଦୃଷ୍ଟିରେ ରଖି ଗଜପତି ଜିଲା ରାୟଗଡ଼ା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ଅଧୀନରେ ଓ କନ୍ଧମାଳ ଜିଲା ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟର କର୍ତ୍ତୃତ୍ୱାଧୀନ ରହିବ ବୋଲି ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ବର୍ତ୍ତମାନ ରାଜ୍ୟର ରାଉରକେଲା, କଟକ, ସମ୍ବଲପୁର, ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କେନ୍ଦୁଝର ଓ ରାୟଗଡ଼ାରେ ୯ଟି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ପୂର୍ବରୁ ମଧ୍ୟ ପାରାଦୀପ, କଳିଙ୍ଗନଗର ଓ ଝାରସୁଗୁଡ଼ାଠାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ସ୍ୱୀକୃତି ମିଳିସାରିଛି। ବଲାଙ୍ଗୀର ଓ କୋରାପୁଟକୁ ମିଶାଇଲେ ରାଜ୍ୟରେ ମୋଟ ୧୪ଟି ଆଞ୍ଚଳିକ କାର୍ଯ୍ୟାଳୟ କାର୍ଯ୍ୟ କରିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## 'କରୋନା ମୁକାବିଲା ପାଇଁ କେନ୍ଦ୍ର ଓଡ଼ିଶାକୁ ଦେଇଛି ୨୨,୨୬୭ କୋଟି'



**ନୂଆଦିଲ୍ଲୀ, ୧୬।୧୦**

ରାଜ୍ୟରେ ମହାମାରୀ କରୋନାର ମୁକାବିଲା ଲାଗି କେନ୍ଦ୍ର ସରକାର ଓଡ଼ିଶାକୁ ୨୨,୨୬୭.୬୬ କୋଟି ଟଙ୍କା ପ୍ରଦାନ କରିଛି ବୋଲି ଶୁକ୍ରବାର କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୋଟ ୧୯,୦୪୨ କୋଟି ଟଙ୍କାର ଆର୍ଥିକ ସହାୟତା ସହ ୭,୫୧,୯୩୦ ଟନ୍‌ର ଚାଉଳ, ୪୪,୧୩୦ ଟନ୍ ଡାଲି, ୬୮.୭୯ ଲକ୍ଷ ଏଲ୍‌ପିଜି ସିଲିଣ୍ଡର ଓଡ଼ିଶାକୁ ଦିଆଯାଇଛି। ପାଖାପାଖି ୩.୧୭ କୋଟି ଉପଭୋକ୍ତାଙ୍କୁ ମାସିକ ୫ କେ.ଜି. ଚାଉଳ, ୯୨.୮୫ ଲକ୍ଷ ଉପଭୋକ୍ତାଙ୍କୁ ମାସିକ ୧ କିଲୋ ଡାଲି ଦିଆଯାଇଛି ବୋଲି ପ୍ରଧାନ ପ୍ରକାଶ କରିଛନ୍ତି। ଜନଧନ ଯୋଜନାରେ ପ୍ରତି ମହିଳାଙ୍କୁ ୧୫ଶହ ଟଙ୍କା ପ୍ରଦାନ କରାଯାଇଥିବାବେଳେ ମୋଟ ୮୫.୨୦ ଲକ୍ଷ ମହିଳା ଉପକୃତ ହୋଇଛନ୍ତି। ପିଏମ୍ କିଷାନ୍ ଉପଭୋକ୍ତାଙ୍କୁ ମାସିକ ୨ ହଜାର ଟଙ୍କା ହିସାବରେ ମୋଟ ୨୦.୩ ଲକ୍ଷ ଲୋକ ଉପକୃତ ହୋଇଛନ୍ତି। ସେହିଭଳି ୨୦.୮୩ ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ଜଣକ ପିଛା ୧୫ଶହ ଟଙ୍କା କେନ୍ଦ୍ର ସରକାର ପ୍ରଦାନ କରିଥିବା ସେ ମତ ଦେଇଛନ୍ତି।

## ଏମ୍‌ଡି, ମ୍ୟାନେଜରଙ୍କୁ ୧୦ବର୍ଷ ଜେଲ

### ଚିଟ୍‌ଫଣ୍ଡ ଠକେଇ ମାମଲା

**ବ୍ରହ୍ମପୁର ଅଫିସ,୧୬।୧୦**

ରାମକ୍ରିଷ୍ଣା ଇଲେକ୍ଟ୍ରୋ କଣ୍ଟ୍ରୋଲ୍ସ ଲିମିଟେଡ୍ ନାମକ ଏକ ଚିଟଫଣ୍ଡ କମ୍ପାନୀ ଏମ୍‌ଡି ଓ ମ୍ୟାନେଜରଙ୍କୁ ଟଙ୍କା ଠକେଇ ଅଭିଯୋଗରେ ସ୍ୱତନ୍ତ୍ର ଚିଟଫଣ୍ଡ (ଓପିଆଇଡି) କୋର୍ଟ ବିଚାରପତି ଦେବାଶିଷ ପଣ୍ଡା ଶୁକ୍ରବାର ଦଣ୍ଡିତ କରିଛନ୍ତି। ଆବଶ୍ୟକ ସାକ୍ଷ୍ୟ ପ୍ରମାଣରୁ କମ୍ପାନୀ ଏମ୍‌ଡି ଚନ୍ଦ୍ରକାନ୍ତ ଭାର୍ଗବ ଗୋଲେ ଏବଂ ବ୍ରହ୍ମପୁର ଶାଖା ମ୍ୟାନେଜର ସୁରେଶ ଚନ୍ଦ୍ର ପାଢ଼ୀଙ୍କୁ ୧୦ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଇଛନ୍ତି। ଏହା ସହିତ ୨୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ଚୂଡ଼ାନ୍ତ ରାୟ ଦେଇଥିବା ସ୍ୱତନ୍ତ୍ର ପିପି ବିଜୟ ପ୍ରଧାନ ସୂଚନା ଦେଇଛନ୍ତି।

୨୦୦୮-୦୯ରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜନାନା ହସ୍ପିଟାଲ୍ ରୋଡ଼ରେ ଇଲେକ୍ଟ୍ରୋ କଣ୍ଟ୍ରୋଲ ଲିମିଟେଡ୍ ନାମକ ଏକ କମ୍ପାନୀ ଏଠାରେ କାର୍ଯ୍ୟାଳୟ ଖୋଲିଥିଲା। କମ୍ପାନୀରେ ଟଙ୍କା ଜମା କଲେ ଅଧିକ ହାରରେ ସୁଧ ମିଳିବ ବୋଲି ଏମ୍‌ଡି (ପରିଚାଳନା ନିର୍ଦ୍ଦେଶକ) ଗୋଲେ ଜମାକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଏହାର ଶାଖା କାର୍ଯ୍ୟାଳୟ ଖୋଲା ଯାଇଥିଲା। ସୁରେଶ ବ୍ରହ୍ମପୁର ଶାଖାରେ ମ୍ୟାନେଜର ଭାବେ କାମ କରୁଥିଲେ। ଶତାଧିକ ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରି ହଠାତ୍ ଏହି କମ୍ପାନୀ ବନ୍ଦ ହୋଇଯାଇଥିଲା। ଜମାକାରୀ ତାଙ୍କ ଟଙ୍କା ଫେରି ନ ପାଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଅଧିକାରୀ ଅଜୟ ମିଶ୍ର ଘଟଣାର ତଦନ୍ତ କରି କମ୍ପାନୀ ଏମ୍‌ଡି ଓ ମ୍ୟାନେଜରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।




## ଉପନିର୍ବାଚନ ପାଇଁ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶିତ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ବାଲେଶ୍ୱର ଓ ତିର୍ତ୍ତୋଲ ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନର ନାମାଙ୍କନ ଦାଖଲ ସମୟ ଶୁକ୍ରବାର ଶେଷ ହୋଇଯାଇଛି। ସବୁ ଦଳ ପକ୍ଷରୁ ମଧ୍ୟ ପ୍ରଚାର କାର୍ଯ୍ୟ ଜୋର୍‌ଦାର କରାଯାଇଛି। ଏହାରି ମଧ୍ୟରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପକ୍ଷରୁ ଷ୍ଟାର ପ୍ରଚାର ତାଲିକା ଦୁଇ ଉପନିର୍ବାଚନ ଆସନ ଲାଗି ପ୍ରକାଶ ପାଇଛି। ବିଜେଡି ପ୍ରକାଶ କରିଥିବା ତାଲିକାରେ ୩୦ଜଣଙ୍କ ନାମ ରଖାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ଅନନ୍ତ ଦାସ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲିକ, ଅତନୁ ସବ୍ୟସାଚୀ ନାୟକ, ଅରୁଣ କୁମାର ସାହୁ, ପ୍ରତାପ ଜେନା, ନବ କିଶୋର ଦାସ, ସୁଶାନ୍ତ ସିଂହ, ରାଜଶ୍ରୀ ମଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ କେଶରୀ ଦେବ, ନିରଞ୍ଜନ ପୂଜାରୀ, ସମୀର ରଞ୍ଜନ ଦାଶ, ପ୍ରେମାନନ୍ଦ ନାୟକ, ଦେବାଶିଷ ସାମନ୍ତରାୟ, ଦିବ୍ୟ ଶଙ୍କର ମିଶ୍ର, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରବୀନ୍ଦ୍ର ଜେନା, ପ୍ରଶାନ୍ତ କୁମାର ମୁଦୁଲି, ରଘୁନନ୍ଦନ ଦାସ, ସୁଦାମ ମାର୍ଣ୍ଡି, ଜୀବନ ପ୍ରଦୀପ ଦାସ, ମୁଜିବୁଲ୍ଲା ଖାନ, ଆକାଶ ଦାସ ନାଏକ, ଅରିନ୍ଦମ ରାୟ ଏବଂ କୁନା ତ୍ରିପାଠୀଙ୍କୁ ରଖାଯାଇଛି।

ଭାଜପା ପକ୍ଷରୁ ଘୋଷଣା କରାଯାଇଥିବା ତାଲିକାରେ ଓଡ଼ିଶାର ଦୁଇ କେନ୍ଦ୍ରମନ୍ତ୍ରୀ ଏବଂ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି କେନ୍ଦ୍ରୀୟ ନେତା ସାମିଲ ନାହାନ୍ତି। ଏଥିରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ଜୁଏଲ ଓରାମ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ରାଷ୍ଟ୍ରୀୟ ଯୁଗ୍ମ ସାଧାରଣ ସମ୍ପାଦକ ସୌଦାନ ସିଂ, ଅରୁଣ ସିଂ, ବୈଜୟନ୍ତ ପଣ୍ଡା, ସୁରେଶ ପୂଜାରୀ, କେ.ଭି. ସିଂହଦେଓ ଏବଂ ମନମୋହନ ସାମଲ ଅଛନ୍ତି। ସେହିପରି ବିଶ୍ୱେଶ୍ୱର ଟୁଡୁ, ସମ୍ବିତ ପାତ୍ର, ଅପରାଜିତା ଷଡ଼ଙ୍ଗୀ, ଅଶ୍ୱିନୀ ବୈଷ୍ଣବ, ବିଷ୍ଣୁ ସେଠୀ, ବିଜୟ ମହାପାତ୍ର, ଖାରବେଳ ସ୍ୱାଇଁ, ପ୍ରକାଶ ମିଶ୍ର, ମୋହନ ଚରଣ ମାଝି, ସୁକାନ୍ତ ନାଏକ, ରଘୁନାଥ ମହାନ୍ତି, ପଦ୍ମଲୋଚନ ପଣ୍ଡା, ଜୟନାରାୟଣ ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ବିଭୁ ତରାଇ ପ୍ରମୁଖ ସାମିଲ ହୋଇଛନ୍ତି ।

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଶୁକ୍ରବାର ୩୦ ଜଣିଆ ଷ୍ଟାର କ୍ୟାମ୍ପେନ ତାଲିକା ପ୍ରକାଶ ପାଇଛି। ଓଡିଶା ପ୍ରଭାରୀ ଏ.ଚେଲ୍ଲାକୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପ୍ରଭାରୀ ଜିତେନ୍ଦ୍ର ସିଂହ, ଜିତିନ ପ୍ରସାଦ, ଭକ୍ତ ଚରଣ ଦାସ, ଅନୀଲ ଚୌଧୁରୀ, ବିଧାୟକ ଦଳ ନେତା ନରସିଂହ ମିଶ୍ର, ଚିରଞ୍ଜୀବ ବିଶ୍ୱାଳ, ପ୍ରଦୀପ ମାଝୀ, ଜି.ରୁଦ୍ର ରାଜୁ, ଶରତ ରାଉତ, ବିଶ୍ୱ ରଞ୍ଜନ ମହାନ୍ତି, ରାଗିନୀ ନାୟକ, ସୁସ୍ମିତା ଦେବ, ରାମଚନ୍ଦ୍ର ଖୁଣ୍ଟିଆ, ସୁଶିଳା ତିରିଆ ଏହି ତାଲିକାରେ ଅଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଅଭିଜିତ ମୁଖାର୍ଜୀ, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଏମ୍‌ପି ସପ୍ତଗିରି ଉଲାକା, ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ, ରଞ୍ଜୀବ ବିଶ୍ୱାଳ, ଇମ୍ରାନ ପ୍ରତାପଗର୍ହି, ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ହମିଦ ହୁସେନ ଏବଂ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା ଏହି ତାଲିକାରେ ଅଛନ୍ତି।



**ପ୍ରବାସୀ ମଜଦୁରଙ୍କୁ ଜୀବିକା ଯୋଗାଇବାକୁ ବିକ୍ଷୋଭ**

**ନୟାଗଡ଼ ଅଫିସ:** ପ୍ରବାସୀ ମଜଦୁରଙ୍କୁ ଜୀବିକା ଯୋଗାଇବା ଉଦ୍ଦେଶ୍ୟରେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରାଯାଇଛି। ଭାରତୀୟ ମଜଦୁର ସଂଘ ନୟାଗଡ଼ ଜିଲା ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ଦ୍ୱାରା ଚେତାବନୀ ସପ୍ତାହର ସମାପନୀ ଉତ୍ସବରେ ଏହି ବିକ୍ଷୋଭ ହୋଇଥିଲା। ମଜଦୁର ସଂଘର ପୁରୀ ବିଭାଗ ପ୍ରମୁଖ ବିଜୟ ପାତ୍ରଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲା ସମ୍ପାଦିକା ଶାନ୍ତିଲତା ସେଠୀ, ନୟାଗଡ ଜିଲା ସମ୍ପାଦକ ସୁକାନ୍ତ ମହାପାତ୍ର, ଜିଲା କୋଷାଧ୍ୟକ୍ଷ ରାମଚନ୍ଦ୍ର ଭଞ୍ଜ, କୋଠାବାଡି ମଜଦୁର ସଂଘ ସଭାପତି ମମତା ନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମ ବିଲ୍‌କୁ ସମାଲୋଚନା କରିଥିଲେ। ଶେଷରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିଲେ।

## ସଂକ୍ଷେପରେ

### ନୀଳମାଧବ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ



**ଖଣ୍ଡପଡ଼ା,୧୬।୧୦(ସ୍ୱ.ପ୍ର.):** ଶାରଦୀୟ ପୂଜା ଅବସରରେ ଶୁକ୍ରବାରଠାରୁ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ମା' ବିମଳାଙ୍କୁ ରାଜ ରାଜେଶ୍ୱରୀ ବେଶରେ ସଜ୍ଜିତ କରାଯାଇଥିଲା। ମୁଖ୍ୟ ପୁରୋଧା ଭାବେ ଶ୍ରୀକାନ୍ତ କୁମାର ମିଶ୍ର ଯଜ୍ଞ ପରିଚାଳନା କରିଥିବା ବେଳେ ମନୋଜ କୁମାର ମିଶ୍ର, ଶ୍ରବଣରାମ ମିଶ୍ର, ନୀଳମାଧବ ମିଶ୍ର, ଦୟାନିଧି ମିଶ୍ର, ଦିଲୀପ କୁମାର ମିଶ୍ର, ମନୋରଞ୍ଜନ ମିଶ୍ର ପ୍ରମୁଖ ଚଣ୍ଡୀପାଠ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ମଦ ଜବତ, ୨ ଗିରଫ

**ଖଣ୍ଡପଡ଼ା,୧୬।୧୦(ସ୍ୱ.ପ୍ର.):** ଖଣ୍ଡପଡ଼ା ପୋଲିସ ଖଳିସାହି ଓ ବଡବୋଦଶା ଗ୍ରାମରେ ଶୁକ୍ରବାର ଚଢ଼ାଉ କରି ୪୦ ଲିଟର ଦେଶୀମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଖଳିସାହିର ସନ୍ତୋଷ ବେହେରା ଓ ବଡବୋଦଶାର ବାସୁଦେବ ଖୁଣ୍ଟିଆଙ୍କୁ ଗିରଫ କରାଯାଇଛି। ସନ୍ତୋଷଙ୍କ ଘରୁ ୧୦ ଲିଟର ଓ ବାସୁଦେବଙ୍କ ଘରୁ ୩୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ। ଏ ନେଇ ଥାନାରେ ୨୫୮ ଓ ୨୫୯/୨୦ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ୪୪୦ ଲିଟର ଚୋରା ମଦ ଜବତ

**ଚଣ୍ଡିଖୋଲ, ୧୬।୧୦ (ଡି.ଏନ୍.ଏ.):** ବଡ଼ଚଣା ପୋଲିସ ଶୁକ୍ରବାର ୨ଟି ସ୍ଥାନରେ ଚଢ଼ାଉ କରି ୪୪୦ ଲିଟର ଦେଶୀମଦ ଜବତ କରିଛି। ତେବେ ଚଢ଼ାଉ ପୂର୍ବରୁ ଏ ସମ୍ପର୍କରେ ସୁରାକ ପାଇଁ ଚୋରା ବ୍ୟବସାୟୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ପୋଲିସ କାହାରିକୁ ଗିରଫ କରିପାରିନାହିଁ। ଥାନାଧିକାରୀ ପ୍ରିୟବ୍ରତ ରାଉତଙ୍କ ନିର୍ଦ୍ଦେଶରେ କର୍ମଚାରୀ ଜ୍ୟୋତିରଞ୍ଜନ ମହାପାତ୍ର ଓ ପି.କେ. କାନୁନ୍‌ଗୋ ସିହା ପଞ୍ଚାୟତ ଅଧୀନ ମଙ୍ଗରାଜପୁର ନିକଟରେ ଥିବା ଏକ ଧାନ ବିଲରୁ ଚଢ଼ାଉ କରି ୪୪୦ ଲିଟର ଦେଶି ମଦ ଜବତ କରିଥିଲେ। ଚୋରା ବ୍ୟବସାୟୀମାନେ ପୋଲିସ ଆସୁଥିବା ଜାଣିପାରି ସେଠାରୁ ଫେରାର ହୋଇଯାଇଥିବା ଗ୍ରାମବାସୀ କହିଛନ୍ତି।

### ଯୁବକଙ୍କୁ ହତ୍ୟା ଘଟଣା, ସମ୍ପର୍କୀୟ ଭାଇ ଗିରଫ

**ଚଣ୍ଡିଖୋଲ, ୧୬।୧୦ (ଡି.ଏନ୍.ଏ.):** ବାଲିଚନ୍ଦ୍ରପୁର ଥାନା ଅଧୀନ ବନମାଳିପୁର ଗ୍ରାମର ଉତ୍ସବ ସେଠୀଙ୍କୁ ହତ୍ୟା ଘଟଣାରେ ପୋଲିସ ତାଙ୍କ ବଡ଼ବାପାଙ୍କ ପୁଅ ଭାଇ ସେହି ଗ୍ରାମର ପ୍ରଶାନ୍ତ ସେଠୀଙ୍କୁ ଗିରଫ କରିଛି। ବୁଧବାର ସନ୍ଧ୍ୟାରେ ବନମାଳିପୁର-କଦମପାଳ ରାସ୍ତାରେ ଉତ୍ସବଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏ ନେଇ ତାଙ୍କ ଭାଇ ଧ୍ରୁବ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଗୁରୁବାର ଗିରଫ କରିଥିଲା। ପୂର୍ବ ଶତ୍ରୁତାରୁ ଉତ୍ସବଙ୍କୁ ପ୍ରଶାନ୍ତ ହତ୍ୟା କରିଥିବା ଏସ୍‌ଡିପିଓ ଚିନ୍ମୟ ନାୟକ ସୂଚନା ଦେଇଛନ୍ତି।

# ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଅପେକ୍ଷାରେ

## ଶକ୍ତିପୀଠ ରାମଚଣ୍ଡୀ ମନ୍ଦିର

**କେନ୍ଦ୍ରାପଡ଼ା ଅଫିସ, ୧୬।୧୦**

କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ଶକ୍ତିପୀଠ ମହାକାଳପଡ଼ା ବ୍ଲକ ରାମନଗରସ୍ଥ ରାମଚଣ୍ଡୀ ମନ୍ଦିର ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଅପେକ୍ଷାରେ ରହିଛି। ୨୦୧୭ରୁ ଏ ସମ୍ପର୍କରେ ସମସ୍ତ ତଥ୍ୟ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ଜିଲା କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ ହୋଇଥିଲା। ଏହା ଶେଷ ପର୍ଯ୍ୟାୟରେ ଅଛି ବୋଲି ସୂଚନା ମିଳିଛି। ତେବେ ଏହି ପୀଠର ବିଭିନ୍ନ ସମସ୍ୟା ସମାଧାନ ଜରୁରୀ ହୋଇପଡିଛି ବୋଲି ସ୍ଥାନୀୟ ଅଧିବାସୀ ମତ ଦେଇଛନ୍ତି।

ମା' ରାମଚଣ୍ଡୀ ସେନା କାର୍ଯ୍ୟକର୍ତ୍ତା ସୁବାସ ସ୍ୱାଇଁ କହିଛନ୍ତି, ମା'ଙ୍କ ରୀତିନୀତି ପରିଚାଳନା ପାଇଁ ତତ୍କାଳୀନ କୁଜଙ୍ଗ ରାଜା ରାମନଗର, ପେଟଛେଲା, ଭୋପାଳ, ବାରଡାଙ୍ଗ ଆଦି ମୌଜାରେ ଜମି ଦାନ କରିଥିଲେ। ତେବେ ଏହି ଜମି ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ସେହିପରି ୨୦୧୬ରୁ ମନ୍ଦିର ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଏହାର ନବୀକରଣ ହୋଇନାହିଁ। ବିଭିନ୍ନ ସମୟରେ ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲାପାଳ ସମର୍ଥ ବର୍ମା ମଧ୍ୟ ସମସ୍ୟା ଅନୁଧ୍ୟାନ ପାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅଦ୍ୟାବଧି ଏହାର ସୁଫଳ ମିଳିନାହିଁ। ସେନାର କର୍ମକର୍ତ୍ତା ଲକ୍ଷ୍ମୀଧର ସ୍ୱାଇଁ କହନ୍ତି, ମା'ଙ୍କ ପୀଠ ଦେଇ ପର୍ଯ୍ୟଟନ କ୍ଷେତ୍ର ହୁକିଟୋଲା ଓ ବଡିଘରକୁ ପର୍ଯ୍ୟଟକମାନେ ଯାଇଥାନ୍ତି। ଏଥିପାଇଁ ୧୯୯୭-୯୮ ଆର୍ଥିକ ବର୍ଷରେ ପୀଠ ପରିସରରେ ପାନ୍ଥଶାଳା ନିର୍ମାଣ ହୋଇଥିଲା। ଏହା ଏବେ ଜରାଜୀର୍ଣ୍ଣ ହୋଇପଡିଥିବାରୁ ପର୍ଯ୍ୟଟକଙ୍କ କାମରେ ଆସୁନାହିଁ। ସେହିପରି ମା'ଙ୍କ ପ୍ରସିଦ୍ଧ ପର୍ବ ଝାମୁଯାତ୍ରାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହି ସମୟରେ ଆଦାୟ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। ମହାକାଳପଡ଼ା ୟୁଥ୍ କ୍ଲବ ସଭାପତି ସୁନୀଲ ଗୋଛାୟତ କହିଛନ୍ତି, ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଲେ ଏଠାକୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁଅ ଛୁଟିବ। ଏଥିସହିତ ଝାମୁଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦୃଷ୍ଟିରୁ ପୀଠ ପରିସରର ବୃଦ୍ଧି ଆବଶ୍ୟକ। ଏହି ସ୍ଥାନରେ ଏବେ ନିର୍ମାଣାଧୀନ ପାଣିଟାଙ୍କି ଆଗାମୀ ଦିନରେ ଅସୁବିଧା ସୃଷ୍ଟି କରିବ। ପୂର୍ବରୁ ଦୁଇଥର ଏହି ପୀଠରୁ ଅଳଙ୍କାର ଚୋରି ହୋଇଥିବାରୁ ପୋଲିସ ପାଟ୍ରୋଲିଂର ଆବଶ୍ୟକତା ଅଛି। ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ସମସ୍ୟା ସମାଧାନ ପାଇଁ ପୀଠସ୍ଥଳକୁ ଯାଇ ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି।

## ୧୨ ଦିନରେ ଠିକାଦାରଙ୍କ ଧାରଣା



ଠିକାଦାରମାନେ ଧାରଣାରେ ବସିଛନ୍ତି।

### ବକେୟା ପ୍ରାପ୍ୟ ମିଳୁନି

**ପାରାଦୀପ,୧୬।୧୦(ସ୍ୱ.ପ୍ର.)**

ପାରାଦୀପ ତୈଳବିଶୋଧନାଗାର ସମ୍ମୁଖରେ ଗତ ୫ ତାରିଖରୁ ୩୫ ଜଣ ଠିକାଦାର ବକେୟା ପ୍ରଦାନ ଦାବିରେ ଧାରଣାରେ ବସିଛନ୍ତି। ତୈଳବିଶୋଧନାଗାରରେ ଠିକାକମ୍ପାନୀ ଭାବେ କାମ କରୁଥିବା ପୁଞ୍ଜିଲଏଡ ସେମାନଙ୍କ ୧୨ କୋଟି ଟଙ୍କା ଦେଇ ନ ଥିବାରୁ ଏପରି ଧାରଣାଚାଲିଛି। ଅପରପକ୍ଷରେ ଏହାକୁ ସମାଧାନ କରିବାକୁ ଏକାଧିକ ଥର ପ୍ରଶାସନିକ ଆଲୋଚନା ହୋଇଥିଲେ ହେଁ ନିଷ୍କର୍ଷ ବାହାରିନାହିଁ। ଏହାକୁ ନେଇ ଠିକାଦାରମାନେ ଅତିଷ୍ଠ ହେଲେଣି। ଆସନ୍ତା ୨୦ ତାରିଖ ମଧ୍ୟରେ ଏହାର ସମାଧାନ ନ ହେଲେ ଆମରଣ ଅନଶନ କରିବେ ବୋଲି ଠିକାଦାର ମନୋଜ ସ୍ୱାଇଁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ କମ୍ପାନୀ ଅଧାରୁ କାମ ବନ୍ଦ କରିଥିଲା। ପରେ ତୈଳବିଶୋଧନାଗାର କର୍ତ୍ତୃପକ୍ଷ ବାକି ଥିବା କାମ କରିବା ପାଇଁ ଠିକାଦାରମାନଙ୍କୁ କହିଥିଲେ। ଫଳରେ କାମ ଚାଲିଥିଲା ଏବଂ ଠିକାଦାରଙ୍କୁ ଆଇଓସିଏଲ କିଛିକିଛି ଟଙ୍କା ଦେଉଥିଲା। ମାତ୍ର ସମ୍ପୃକ୍ତ କମ୍ପାନୀ ଦେବାଳିଆ ହେବା ଘଟଣା ଏନ୍‌ସିଏଲଟି(ନ୍ୟାଶନାଲ କମ୍ପାନୀ ଲ'ଟ୍ରିବ୍ୟୁନାଲ)କୁ ଯିବାପରେ ବକେୟା ଅର୍ଥ ଦେବା ଉପରେ ଆଇନଗତ କଟକଣା ରହିଛି ବୋଲି ବିଶୋଧନାଗାର କର୍ତ୍ତୃପକ୍ଷ କହିଛନ୍ତି।

## ବାପା, ସାନପୁଅ ମାଡ଼ରେ ବଡ଼ପୁଅ ମୃତ

**କେନ୍ଦ୍ରାପଡ଼ା ଅଫିସ/ପାଟକୁରା (ଡି.ଏନ.ଏ.), ୧୬।୧୦**

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଧଡନାପାରି ଗ୍ରାମରେ ପାଣି ଟ୍ୟାପ ଖୋଲାକୁ ନେଇ ଆରମ୍ଭ ହୋଇଥିବା ଘରୋଇ କଳି ଗୁରୁବାର ରାତିରେ ଭୟଙ୍କର ରୂପ ନେଇଛି। ଗ୍ରାମର କାମିନୀକାନ୍ତ ମିଶ୍ର ଓ ସାନପୁଅ ଲୋକନାଥଙ୍କ କାଠଫାଳିଆ ମାଡ଼ରେ ବଡପୁଅ ଉମାକାନ୍ତଙ୍କ ମୃତ୍ୟୁ ଘଟିଛି। ଏ ନେଇ ଉମାକାନ୍ତଙ୍କ ସ୍ତ୍ରୀ ଅନସୂୟା ଥାନାରେ ଅଭିଯୋଗ କରିବା ପରେ ବାପା ଓ ସାନପୁଅଙ୍କୁ ଅଟକ ରଖାଯାଇଛି। ଅନସୂୟାଙ୍କ ଅଭିଯୋଗ ଅନୁଯାୟୀ, ଘରେ ପାଣିଟ୍ୟାପ ଖୋଲା ଛାଡି ଦେଇଥିବା ନେଇ ଉମାକାନ୍ତ ପରିବାର ସଦସ୍ୟଙ୍କ ଉପରେ ବିରକ୍ତ ହୋଇଥିଲେ। ତେବେ ଏଥିରେ ଉତ୍କ୍ଷିପ୍ତ ହୋଇ ଲୋକନାଥ ଓ କାମିନୀକାନ୍ତ ତାଙ୍କୁ କାଠଫାଳିଆରେ ମାଡ଼ ମାରିଥିଲେ। ଏହି ସମୟରେ ଅନୁସୂୟା ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଉଭୟଙ୍କ ମାଡ଼ରେ କ୍ଷତାକ୍ତ ହୋଇଥିଲେ। ତେବେ ସ୍ଥାନୀୟ ଲୋକେ ଏମାନଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ୍ୟ ଡାକ୍ତର ଉମାକାନ୍ତଙ୍କୁ ମୃତ ଘୋଷଣା କରିଥିଲେ।

## ସଡ଼କ ଦୁର୍ଘଟଣାରେ ବ୍ୟବସାୟୀ ମୃତ

**ରସୁଲପୁର, ୧୬।୧୦ (ଡି.ଏନ୍.ଏ.)**

କୁଆଖିଆ ଥାନା ଅଧୀନ ଗନ୍ଧନ ପଞ୍ଚାୟତର ବାବାଜୀ ବେହେରାଙ୍କ ପୁଅ ବସନ୍ତ(୪୦)ଙ୍କର ପଶ୍ଚିମବଙ୍ଗ ମେଦିନାପୁର ନିକଟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏଥିସହ ତାଙ୍କ ସହଯୋଗୀ ତଥା ଗ୍ୟାରେଜ ମିସ୍ତ୍ରି ପ୍ରଶାନ୍ତ ସ୍ୱାଇଁ ଗୁରୁତର ହୋଇଛନ୍ତି। ବସନ୍ତ, ପ୍ରଶାନ୍ତଙ୍କ ସମେତ ୩ଜଣ ଗୁରୁବାର ରାତିରୁ ଗାଡ଼ି ଯନ୍ତ୍ରାଂଶ କିଣିବା ପାଇଁ ଏକ କ୍ୱାଲିସରେ କଲିକତା ଅଭିମୁଖେ ଯାଇଥିଲେ। ମେଦିନାପୁର ନିକଟରେ ଏକ ଟ୍ରକ ସେମାନଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବସନ୍ତଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଶ୍ରମ ଆୟୁକ୍ତଙ୍କ ବିରୋଧରେ ଲଣ୍ଠନ ଶୋଭାଯାତ୍ରା




ଶ୍ରମିକ ସଂଘର ଶୋଭାଯାତ୍ରା।

**ନୟାଗଡ଼ ଅଫିସ,୧୬।୧୦**

ଶ୍ରମ ଆୟୁକ୍ତଙ୍କ ବିରୋଧରେ ନୟାଗଡ଼ ଜିଲା ଶ୍ରମିକ ମହାସଂଘ ଓ କଳିଙ୍ଗ ନିର୍ମାଣ ମଞ୍ଚ ପକ୍ଷରୁ ଶୁକ୍ରବାର ଲଣ୍ଠନ ଶୋଭାଯାତ୍ରା କରାଯାଇଥିଲା। ପରେ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ଜିଲା ସଭାପତି ଶୂନ୍ୟଜୟୀ ମିଶ୍ର, ରମେଶ ବେହେରା, ଭଗବାନ ବେହେରା, ପ୍ରଫୁଲ୍ଲ ମହରଣାଙ୍କ ନେତୃତ୍ୱରେ ସହାକାରୀ ଶ୍ରମ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କର୍ମକର୍ତ୍ତାଙ୍କ ଅଭିଯୋଗ ଅନୁସାରେ, ଶ୍ରମ ଆୟୁକ୍ତଙ୍କ ଅସହଯାଗରୁ ନିର୍ମାଣ ଶ୍ରମିକମାନେ ୪ବର୍ଷ ହେଲା ହଇରାଣ ହେଉଛନ୍ତି। ଜିଲାର ୮ ବ୍ଲକ, ୧ ମ୍ୟୁନିସିପାଲିଟି, ୪ ଏନ୍‌ଏସିରୁ ୨୦୧୬ରେ ୨୦ ହଜାର ନିର୍ମାଣଶ୍ରମିକ ପରିଚୟପତ୍ର ପାଇଁ ଆବେଦନ କରିଥିଲେ। ତେବେ ମାତ୍ର ୭୦୦ ପରିଚୟପତ୍ର ପାଇଛନ୍ତି। ସହରାଞ୍ଚଳ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ଦିଆଯାଉନାହିଁ। ୧୫ ଦିନ ଭିତରେ ୭ଦଫା ଦାବି ପୂରଣ ନ ହେଲେ ପୁଣି ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ନୟାଗଡ଼ ଏସ୍‌ପିଙ୍କୁ ଓଏଚ୍‌ଆରସିଙ୍କ ନୋଟିସ

### ନାବାଳିକା ଅପହରଣ, ମୃତ୍ୟୁ ମାମଲାରେ କଂଗ୍ରେସର ପିଟିଶନ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ନୟାଗଡ଼ ଜିଲା ଯଦୁପୁର ଅଞ୍ଚଳର ଜଣେ ୫ ବର୍ଷୀୟା ନାବାଳିକାଙ୍କୁ ଗତ ଜୁଲାଇ ୧୪ରେ ଖେଳୁଥିବା ସମୟରେ ଅପହରଣ କରାଯାଇଥିଲା। ଠିକ୍ ସେହି ମାସ ୨୩ ତାରିଖରେ ତାଙ୍କ ଘର ନିକଟରେ ଥିବା ପୋଖରୀରୁ ଏକ ବ୍ୟାଗ୍ ଭିତରେ ବନ୍ଧାହୋଇ ତାଙ୍କ ଗଳିତ ମୃତଦେହ ମିଳିଥିଲା। ନୟାଗଡ଼ ସଦର ଥାନାରେ ଏନେଇ ନାବାଳିକାଙ୍କ ବାପା ଅଭିଯୋଗ କରିଥିଲେ ମଧ୍ୟ ଘଟଣା ଘଟିବାର ୩ ମାସ ପରେ ବି ପୋଲିସ ଅପରାଧୀଙ୍କୁ ଧରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲା। ଏହାକୁ ବିରୋଧକରି ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆରସି)ଙ୍କ ନିକଟରେ ଏକ ପିଟିଶନ ଦାଖଲ କରିଥିଲେ। କମିଶନ ଏହାକୁ ଗୁରୁତ୍ୱର ସହ ନେଇ ନୟାଗଡ଼ ଏସ୍‌ପିଙ୍କୁ ନୋଟିସ ଜାରି କରିବା ସହିତ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଘଟଣାରେ କେଉଁସବୁ ପଦକ୍ଷେପ ନିଆଯାଇଛି ୩ ସପ୍ତାହ ମଧ୍ୟରେ ଜଣାଇବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

## ୧୯ରୁ ଭିତରକନିକାରେ ବୁଲିବେ ପର୍ଯ୍ୟଟକ

**ରାଜନଗର, ୧୬।୧୦(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଅକ୍ଟୋବର ୧୯ରୁ ପର୍ଯ୍ୟଟକମାନେ ବୁଲିପାରିବେ। ଏ ନେଇ ଶୁକ୍ରବାର ରାଜନଗର ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାତ୍ର କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଦୈନିକ କେବଳ ୫୦୦ ପର୍ଯ୍ୟଟକଙ୍କୁ ବୁଲିବାକୁ ଅନୁମତି ମିଳିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଜାତୀୟଉଦ୍ୟାନକୁ ଡାଙ୍ଗମାଳଠାରୁ ସ୍ଥଳପଥରେ ଗୁପ୍ତି ଦେଇଯାଇହେବ। ଏହାଛଡ଼ା ଖୋଲା ଓ ଚାନ୍ଦବାଲି ଜେଟିରୁ ବୋଟ ଯୋଗେ ଭିତରକନିକା ଯାଇହେବ ବୋଲି ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ କହିଛନ୍ତି। ପ୍ରବେଶ ପଥରେ ପର୍ଯ୍ୟଟକମାନଙ୍କୁ ଥର୍ମାଲ ସ୍କ୍ରିନିଂ କରାଯିବା ପରେ ଭିତରକୁ ଛଡ଼ାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଅଭିଯୋଗ

### ସ୍ୱାଇଁଖଣ୍ଡ ପଞ୍ଚାୟତ

■ଜିଲାପାଳଙ୍କୁ ଭେଟି ଅଭିଯୋଗ କଲେ ଲୋକେ

**ବରୀ, ୧୬।୧୦ (ଡି.ଏନ୍.ଏ.)**

ବରୀ ବ୍ଲକ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା ସରକାରୀ ଅନୁଦାନ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଚତୁର୍ଦ୍ଦଶ ଅର୍ଥ କମିଶନ, ଚତୁର୍ଥ ଓ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁର ହୋଇଥିବା ଅନୁଦାନ ହଡ଼ପ କରାଯାଇଥିବା ସ୍ୱାଇଁଖଣ୍ଡ ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

୨୦୧୯-୨୦ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପ୍ରଧାନମନ୍ତ୍ରୀ ସଡ଼କଠାରୁ ଗ୍ରାମର ସୁବାସ ଜେନାଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ରାସ୍ତାକୁ ମେଟାଲିଂ କରାଯିବା ପରିବର୍ତ୍ତେ କେବଳ ମୋରମ ପକାଯାଇଥିଲା। ଏହି ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷରେ ସେହି ଗ୍ରାମର ମହାଦେବ ଛକଠାରେ ଥିବା ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନାମରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଇ ସରକାରୀ ଅର୍ଥକୁ ଚଳୁ କରାଯାଇଛି। ପ୍ରଧାନମନ୍ତ୍ରୀ ସଡ଼କଠାରୁ ଅକ୍ଷୟ ମଲ୍ଲିକଙ୍କ ଘର ପର୍ଯ୍ୟନ୍ତ ମାଟି ରାସ୍ତା ଓ ପୋଲ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କାରେ ଆସିଥିଲା। ମାତ୍ର ଅକ୍ଷୟ ତାଙ୍କ ବ୍ୟକ୍ତିଗତ ଜାଗାରେ ପକାଇଥିବା ମାଟିକୁ ସରକାରୀ କାର୍ଯ୍ୟ ଦର୍ଶାଯାଇ ଅର୍ଥ ହଡ଼ପ କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏତଦ୍‌ବ୍ୟତୀତ ସରକାରଙ୍କ ଚତୁର୍ଥ ଓ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ଗ୍ରାମ୍ୟ ଆଲୋକୀକରଣ ଓ ପାନୀୟ ଜଳ ପ୍ରକଳ୍ପ ମରାମତି ନାମରେ ଆସିଥିବା ଅର୍ଥ ବେଆଇନ ଭାବେ ବିନିଯୋଗ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଶେଷକରି ସ୍ୱାଇଁଖଣ୍ଡ ରାଜସ୍ୱ ଗ୍ରାମର ୯ ନଂ. ୱାର୍ଡରେ ଅଙ୍ଗନୱାଡି ଗୃହ ନିର୍ମାଣ ନିମନ୍ତେ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ହେଁ ସେହି ଗୃହ କାର୍ଯ୍ୟ ଅଧାପନ୍ତରିଆ ରହିଛି। ଗ୍ରାମବାସୀ ଏ ନେଇ ଯାଜପୁର ଜିଲାପାଳ ଓ ବରୀ ବିଡିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏ ବିଷୟରେ ସ୍ୱାଇଁଖଣ୍ଡ ପଞ୍ଚାୟତ ସରପଞ୍ଚ କିରଣବାଳା ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ବି ତାଙ୍କ ଫୋନ୍ ବନ୍ଦ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।



## ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର
## ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ ନିର୍ମାଣ), ବିଭାଜନ, ସୋନପୁର

ପତ୍ର ସଂଖ୍ୟା ୩୨୦୮ | ତାରିଖ: ୧୨।୧୦।୨୦୨୦

No. XXXIV-01:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଉଛି ଯେ, ସୋନପୁର ସହର ସ୍ଥିତ ମହାନଦୀଠାରୁ କୁଞ୍ଜ ଡ଼ାବା ପର୍ଯ୍ୟନ୍ତ ଚାରିଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ନିମନ୍ତେ ସୋନପୁର ତହସିଲ ଅନ୍ତର୍ଭୁକ୍ତ ୟୁନିଟ୍ ନଂ. ୧, ୨ ଏବଂ ୩ ମୌଜାର ବେସରକାରୀ ଜମି ଅଧିଗ୍ରହଣ କରିବା ପାଇଁ ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା ୧୦୧୪୧/ତା୩୧।୦୩।୨୦୧୪ରେ ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ପୂର୍ତ୍ତ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା) ବିଭାଜନ, ସୋନପୁର ନିମ୍ନଲିଖିତ ଜମି ମାଲିକଙ୍କଠାରୁ ସିଧାସଳଖ ଜମି କ୍ରୟ କରାଯିବ। ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମି ସମ୍ବନ୍ଧେ ଯଦି କୌଣସି ବ୍ୟକ୍ତିଙ୍କର ଆପତ୍ତି ଅଭିଯୋଗ ରହିଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେ ପ୍ରକାରର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇପାରିବେ।

୧. ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା) ବିଭାଜନ, ସୋନପୁର।
୨. ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା) ଉପ-ବିଭାଜନ, ସୋନପୁର

### ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର
### ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ ନିର୍ମାଣ), ବିଭାଜନ, ସୋନପୁର

| କ୍ର. ସଂ. | ଜମି ମାଲିକଙ୍କ ନାମ | ଖାତା ନଂ. | ସର୍ଭେ/ ପ୍ଲଟ୍ ନଂ. | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୌଜା - ୟୁନିଟ୍ ନଂ. ୧, ତହସିଲ- ସୋନପୁର | | | | | | | |
| ୧ | ଶ୍ରୀ ଗୋକର୍ଣ୍ଣେଶ୍ୱର ମହାଦେବ, ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ | ୧୯୧ | ୧୫୫୮ | ବେର୍ଣ୍ଣା ଅଣ-ଜଳସେଚିତ | ୦.୦୧୦ | ୦.୦୧୦ | |
| | | | ୧୫୬୨ | ଆଟ | ୦.୧୨୨ | ୦.୦୨୧ | |
| | | | ୧୫୫୭ | ବେର୍ଣ୍ଣା ଅଣ-ଜଳସେଚିତ | ୦.୨୬୦ | ୦.୦୬୧ | |
| | | | ୧୫୬୯ | ବେର୍ଣ୍ଣା ଅଣ-ଜଳସେଚିତ | ୦.୧୭୦ | ୦.୦୬୯ | |
| ୨ | ଶ୍ରୀ ଗୋକର୍ଣ୍ଣେଶ୍ୱର ମହାଦେବ, ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ | ୩୬୩ | ୧୫୭୦ | ବେର୍ଣ୍ଣା ଅଣ-ଜଳସେଚିତ | ୦.୩୭୦ | ୦.୦୪୧ | |
| | | | ୧୫୭୧ | ବେର୍ଣ୍ଣା ଅଣ-ଜଳସେଚିତ | ୦.୯୨୦ | ୦.୦୫୬ | |
| | | | ୧୫୭୪ | ବେର୍ଣ୍ଣା ଅଣ-ଜଳସେଚିତ | ୦.୫୬୦ | ୦.୦୪୧ | |
| | | | ୧୬୩୪ | ବେର୍ଣ୍ଣା ଅଣ-ଜଳସେଚିତ | ୨.୫୭୨ | ୦.୧୫୩ | |
| ୩ | ମନୋଜ କୁମାର ପାଣିଗ୍ରାହୀ, ମାନସ ରଞ୍ଜନ ପାଣିଗ୍ରାହୀ, ପିତା- ଗଣେଶ୍ୱର ପାଣିଗ୍ରାହୀ, ଜାତି- ବ୍ରାହ୍ମଣ, ବା- ନିଜଗାଁ | ୪୫୬ | ୧୫୯୯/ ୨୭୮୬ | ଘରବାରି | ୦.୧୦୦ | ୦.୦୪୦ | |
| ୪ | ରତନଲାଲ ଅଗ୍ରୱାଲ, ପିତା- ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ଜାତି- ମାରୱାଡ଼ି, ବା- ତରଭା | ୫୦୬ | ୧୫୯୯/ ୨୭୮୭ | ଘରବାରି | ୦.୦୯୦ | ୦.୦୧୬ | |
| ୫ | ଜଗରମଲ ଅଗ୍ରୱାଲ, ପିତା- ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ଜାତି- ମାରୱାଡ଼ି, ବା- ସୋନପୁର ଟାଉନ, ବଡ଼ବଜାର | ୨୫୮ | ୧୮୧୬ | ମାଳ ଅଣ-ଜଳସେଚିତ | ୦.୪୪୦ | ୦.୦୪୭ | |
| ୬ | ଶ୍ରୀ ଗୋକର୍ଣ୍ଣେଶ୍ୱର ମହାଦେବ, ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ | ୫୩୭ | ୧୫୬୩ | ଆଟ | ୦.୦୬୦ | ୦.୦୧୬ | |
| | | | ୧୫୬୪ | ଆଟ | ୦.୧୮୮ | ୦.୦୪୮ | |
| | | | ୧୫୫୪ | ଆଟ | ୦.୦୯୦ | ୦.୦୨୧ | |
| | | | ୧୫୫୫ | ଆଟ | ୦.୦୮୪ | ୦.୦୧୩ | |
| | | | ୧୫୫୯ | ଆଟ | ୦.୦୫୨ | ୦.୦୨୧ | |
| ୭ | ଯୋଗେଶ ରଞ୍ଜନ ମିଶ୍ର, ପିତା- ଘାସିରାମ ମିଶ୍ର, ଜାତି- ବ୍ରାହ୍ମଣ, ବା- ନିଜଗାଁ | ୪୯୭ | ୮୭୭ | ପଡିତ | ୦.୦୮୦ | ୦.୦୪୩ | |
| ୮ | ଯଜ୍ଞେଶ୍ୱର ପୂଜାହାରୀ, ପିତା- ତାଇଗୌରୀ ଚରଣ ପୂଜାହାରୀ, ଜାତି- ବ୍ରାହ୍ମଣ, ବା- ନିଜଗାଁ | ୪୮୮ | ୧୫୬୯/ ୨୭୮୫ | ମାଳ ଅଣ-ଜଳସେଚିତ | ୦.୧୦୦ | ୦.୦୧୮ | |
| ୯ | ହରିହର ସାହୁ, ରତ୍ନାକର ସାହୁ, ପିତା- ଧନେଶ୍ୱର ସାହୁ, ପୁରନ୍ଦର ସାହୁ, ପିତା- ସିଦ୍ଧେଶ୍ୱର ସାହୁ | ୭୬୧ | ୧୫୭୨ | ଆଟ | ୦.୦୬୦ | ୦.୦୦୬ | |
| | | | ୧୫୭୩ | ଆଟ | ୦.୦୯୪ | ୦.୦୧୪ | |
| ୧୦ | ଜୟଦେବ ମେହେର, ଶେଷଦେବ ମେହେର, ପିତା- ହରି ମେହେର, ଜାତି- ଭୁଲିଆ, ବା- ନିଜଗାଁ | ୧୭୧ | ୧୫୮୮ | ମାଳ ଅଣ-ଜଳସେଚିତ | ୦.୨୨୦ | ୦.୦୦୫ | |
| ୧୧ | ଶତ୍ରୁଘନ ପୃଷ୍ଟି, ପିତା- ବିକଳ ପୃଷ୍ଟି, ଜାତି- ପାଟରା, ବା- ବଡ଼ମାଳ, ଥା- ତରଭା | ୫୮୧ | ୧୫୯୯ | ଘରବାରି | ୦.୧୦୦ | ୦.୦୪୪ | |
| ୧୨ | ବାସୁଦେବ ମେହେର, ପିତା- ହରି ମେହେର, ଜାତି- ଭୁଲିଆ, ବା- ସୋନପୁର ଟାଉନ | ୩୮୪ | ୧୫୮୯ | ମାଳ ଅଣ-ଜଳସେଚିତ | ୦.୩୫୦ | ୦.୦୩୪ | |
| | | | ୧୫୮୬ | ମାଳ ଅଣ-ଜଳସେଚିତ | ୦.୫୦୦ | ୦.୦୦୪ | |
| ୧୩ | ରୂପେଶ କୁମାର ଅଗ୍ରୱାଲ, ରାଜେଶ କୁମାର ଅଗ୍ରୱାଲ, ପିତା- ବ୍ରଜମୋହନ ଅଗ୍ରୱାଲ, ଜାତି- ମାରୱାଡ଼ି | ୭୭୭/ ୨୩୫ | ୧୫୮୯/ ୩୦୭୨ | ମାଳ ଅଣ-ଜଳସେଚିତ | ୦.୨୫୫ | ୦.୦୨୨ | |
| ମୌଜା- ୟୁନିଟ୍ ନଂ. ୨, ତହସିଲ - ସୋନପୁର | | | | | | | |
| ୧ | ଶାନ୍ତିଲତା ବହିଦାର, ପିତା- ବିରଂଚି ନାରାୟଣ ବହିଦାର, ଜାତି- କରଣ, ବା- ନିଜଗାଁ | ୭୪୯ | ୨୩୪୯ | ଘରବାରି | ୦.୦୯୫ | ୦.୦୨୯ | |
| ୨ | ଲକ୍ଷ୍ମୀପ୍ରସାଦ ସାହୁ, ପିତା- ଗୋବିନ୍ଦ ସାହୁ, ଜାତି- ମାଳି, ବା- ନିଜଗାଁ | ୭୧୧ | ୨୩୫୨ | ଘରବାରି | ୦.୦୮୦ | ୦.୦୧୭ | |
| ୩ | ରିଲୁ କୁମାର ମେହେର, ପିତା- ପିତବାସ ମେହେର, ଜାତି- ଭୁଲିଆ, ବା- ତରଭା | ୯୬୪/ ୩ | ୨୩୫୩ | ଘରବାରି | ୦.୦୬୫ | ୦.୦୧୫ | |
| ୪ | ସନ୍ତୋଷିନୀ ତ୍ରିପାଠୀ, ପିତା- ନିରଞ୍ଜନ ତ୍ରିପାଠୀ, ଜାତି- ବ୍ରାହ୍ମଣ, ବା- ନିଜଗାଁ | ୮୩୪ | ୨୩୫୬ | ଘରବାରି | ୦.୧୦୦ | ୦.୦୦୧ | |
| ୫ | ପଂଚାନନ ବାବୁ, ସୋମନାଥ ବାବୁ, ଜାତି- ବ୍ରାହ୍ମଣ, ବା- ଭୁମରପାଲି | ୩୮୧ | ୨୩୫୭ | ଘରବାରି | ୦.୦୩୫ | ୦.୦୩୧ | |
| ୬ | ଅନନ୍ତରାମ ମିଶ୍ର, ପିତା- କାମପାଳ ମିଶ୍ର, ଜାତି- ବ୍ରାହ୍ମଣ, ବା- ନିଜଗାଁ, ମଝିପଡ଼ା | ୨୫ | ୨୩୮୫ | ଘରବାରି | ୦.୦୯୩ | ୦.୦୨୮ | |
| ୭ | କମଳିନୀ ପଣ୍ଡା, ସ୍ୱାମୀ: ଶାନ୍ତନୁ କୁମାର ମହାପାତ୍ର, ଜାତି: ବ୍ରାହ୍ମଣ, ବା: ସୋନପୁର | ୯୬୪/ ୪୨ | ୨୩୮୬ | ଘରବାରି | ୦.୦୩୮ | ୦.୦୦୩ | |
| | | | ୨୩୮୭/ ୨୭୭୦ | ଘରବାରି | ୦୧୮୦ | ୦.୦୨୫ | |
| ୮ | ଚନ୍ଦ୍ରଶେଖର ସାହୁ, ପିତା: ଅର୍ଜୁନ ସାହୁ, ଜାତି: କଂସାରୀ, ବା: ସୋନପୁର, ୟୁନିଟ୍-୪ | ୨୨୪ | ୨୨୭୯ | ଘରବାରି | ୧.୫୮୦ | ୦.୨୩୫ | |
| ୯ | ସୋମନାଥ ସାହୁ, ପିତା: ବାମଦେବ ସାହୁ, ଜାତି: କଂସାରୀ, ବା: ସୋନପୁର, ୟୁନିଟ୍-୪ | ୯୩୪ | ୨୨୮୧ | ଘରବାରି | ୧.୦୩୦ | ୦.୦୯୨ | |
| ୧୦ | ମାନସୀ ସାହୁ, ପ୍ରୀତିରାଣୀ ସାହୁ, ନିଲିପ୍ତା ସାହୁ, ପିତା: ହରିବନ୍ଧୁ ସାହୁ, ଜାତି: କଂସାରୀ | ୬୦୮ | ୨୨୮୨ | ଘରବାରି | ୧.୧୩୩ | ୦.୦୬୦ | |
| ୧୧ | ଶିବପ୍ରସାଦ ସାହୁ, ପିତା: କାମଦେବ ସାହୁ, ଜାତି: କଂସାରୀ, ବା: ସୋନପୁର | ୭୬୫ | ୨୩୪୬ | ଘରବାରି | ୦.୧୭୫ | ୦.୦୩୬ | |
| | | | ୨୩୪୫ | ଘରବାରି | ୦.୦୮୨ | ୦.୦୫୪ | |
| ୧୨ | ରାମକୃଷ୍ଣ ଅଗ୍ରୱାଲ ଏଣ୍ଡ ସନ୍ସ ତରଫରୁ, ପିତା: ରୂପରାମ ଅଗ୍ରୱାଲ, ଜାତି: ମାରୱାଡ଼ି, ବା: ରାଉରକେଲା | ୬୭୭ | ୨୩୪୭ | ଘରବାରି | ୦.୦୮୫ | ୦.୦୦୩ | |
| | | | ୨୩୪୮ | ଘରବାରି | ୦.୦୪୫ | ୦.୦୨୨ | |
| ୧୩ | ନାରାୟଣ ସାହୁ, ପିତା: ଯୁଧେଷ୍ଠି ସାହୁ, ଜାତି: ତେଲି, ବା: ନିଜଗାଁ | ୩୬୪ | ୨୩୮୮ | ଘରବାରି | ୦.୦୫୦ | ୦.୦୨୬ | |
| | | | ୨୩୮୯ | ଘରବାରି | ୦.୦୫୬ | ୦.୦୦୬ | |
| | | | ୨୫୩୮ | ପଡିତ | ୦.୦୬୦ | ୦.୦୨୩ | |
| ୧୪ | ଅରୁନ୍ଧତୀ ମହାପାତ୍ର, ପିତା: ସନ୍ତୋଷ କୁମାର ପାଢ଼ୀ, ଜାତି: ବ୍ରାହ୍ମଣ, ବା: ନିଜଗାଁ | ୪୬ | ୨୩୯୦ | ଘରବାରି | ୦.୨୦୦ | ୦.୦୨୦ | |
| ୧୫ | ରାମଗୋପାଳ ପଣ୍ଡା, ପିତା: ନାରାୟଣ ପଣ୍ଡା, ଜାତି: ବ୍ରାହ୍ମଣ, ବା: ନିଜଗାଁ | ୬୬୧ | ୨୫୪୧ | ଘରବାରି | ୦.୧୦୦ | ୦.୦୦୮ | |
| ୧୬ | ସୁଦାମ ଚରଣ ବିଶିରି, ସୁବଳ ବିଶିରି, ପିତା: ନିରଞ୍ଜନ ବିଶିରି, ଜାତି: ମାଳି, ବା: ନିଜଗାଁ | ୮୬୮ | ୨୫୪୨ | ଘରବାରି | ୦.୦୭୦ | ୦.୦୨୨ | |
| ୧୭ | ନୃପ ଜଇରା, ପିତା: ଲୋଚନ ଜଇରା, ଜାତି: ହରିଜନ, ବା: ସୋନପୁର | ୩୬୮ | ୨୫୪୬ | ଘରବାରି | ୦.୬୮୫ | ୦.୦୭୯ | |
| ୧୮ | ଶ୍ରୀ ମାଣିକେଶ୍ୱରୀ ଦେବୀ, ମାର୍ଫତ୍: ଦେବୋତ୍ତର ବିଭାଗ | ୧୪ | ୨୫୪୭ | ଆଟ | ୩.୫୩୩ | ୦.୧୦୧ | |
| ୧୯ | ଈଶ୍ୱର ଚନ୍ଦ୍ର ସାହୁ, ପିତା: ହରିଶ ଚନ୍ଦ୍ର ସାହୁ, ଜାତି: ତେଲି, ବା: ସୋନପୁର | ୭୭ | ୨୫୪୭/ ୨୬୮୬ | ଆଟ | ୦.୦୪୮ | ୦.୦୨୨ | |
| ୨୦ | ଶ୍ରୀ ସୁବର୍ଣ୍ଣମେରୁ ମହାଦେବ, ନିର୍ବାହୀ ଅଧିକାରୀ, ମାର୍ଫତ୍: ଦେବୋତ୍ତର ବିଭାଗ | ୩୨୬ | ୨୫୭୮ | ବେର୍ଣ୍ଣା ଅଣ-ଜଳସେଚିତ | ୦.୭୪୦ | ୦.୧୯୩ | |
| | | | ୨୫୭୬ | ବେର୍ଣ୍ଣା ଅଣ-ଜଳସେଚିତ | ୧.୨୦୫ | ୦.୧୨୬ | |
| | | | ୨୫୭୫ | ବେର୍ଣ୍ଣା ଅଣ-ଜଳସେଚିତ | ୧.୦୦୦ | ୦.୧୨୪ | |
| | | | ୨୫୭୦ | ଆଟ | ୦.୪୩୬ | ୦.୦୨୯ | |
| ୨୧ | ଧନେଶ୍ୱର ବେହେରା, ପିତା: ହାଡ଼ିବନ୍ଧୁ ବେହେରା, ବା: ନିଜଗାଁ | ୩୨୯ | ୨୫୪୭/ ୨୭୪୪ | ଘରବାରି | ୦.୦୫୭ | ୦.୦୪୬ | |
| ୨୨ | ଗିରିଗୋବର୍ଦ୍ଧନ ଥନାପତି, କୋଦଣ୍ଡରାମ ଥନାପତି, ସୁରଜ ଥନାପତି, ଗୁଣନିଧି ଥନାପତି, ପିତା: କୁଞ୍ଜବିହାରୀ ଥନାପତି, କାଦମ୍ବିନୀ ଥନାପତି, ସ୍ୱାମୀ: କୁଞ୍ଜବିହାରୀ ଥନାପତି, ଜାତି: ଥନାପତି, ବା: ନିଜଗାଁ | ୧୮୬/ ୧୫୬ | ୨୫୬୮ | ଆଟ | ୦.୧୫୫ | ୦.୦୧୯ | |
| ୨୩ | ସୌଦାମିନୀ ନାୟକ, ସ୍ୱାମୀ: ଗୋପୀନାଥ ପୂଜାହାରୀ, ଜାତି: ବ୍ରାହ୍ମଣ, ବା: ସୋନପୁର | ୯୬୪/ ୩୪ | ୨୫୬୯/ ୨୮୦୪ | ଆଟ | ୦.୧୦୦ | ୦.୦୦୮ | |
| ୨୪ | କମଳ ଲୋଚନ ମହାରଣା, ପିତା: ବନମାଳି ମହାରଣା, ଜାତି: ମହାରଣା, ବା: ନିଜଗାଁ | ୧୧୨ | ୨୩୫୮ | ପଡିତ | ୦.୦୪୪ | ୦.୦୦୯ | |
| ୨୫ | ରାକେଶ କୁମାର ଅଗ୍ରୱାଲ, ପିତା: ଶଙ୍କରଲାଲ ଅଗ୍ରୱାଲ, ଜାତି: ମାରୱାଡ଼ି, ବା: ନିଜଗାଁ | ୬୬୬ | ୨୩୮୮/ ୨୭୨୯ | ଘରବାରି | ୦.୨୦୦ | ୦.୦୨୦ | |
| ମୌଜା: ୟୁନିଟ୍ ନଂ. ୩, ତହସିଲ: ସୋନପୁର | | | | | | | |
| ୧ | ମାନସୀ ସାହୁ, ପ୍ରୀତିରାଣୀ ସାହୁ, ନିର୍ଲିପ୍ତା ସାହୁ, ପିତା: ହରିବନ୍ଧୁ ସାହୁ, ଶୈବାଳିନୀ ସାହୁ, ସ୍ୱାମୀ: ହରିବନ୍ଧୁ ସାହୁ, ଜାତି: କଂସାରୀ, ବା: ୟୁନିଟ୍ -୪, ବଡ଼ବଜାର | ୧୨୬ | ୧୭୩ | ମାଳ ଅଣ-ଜଳସେଚିତ | ୦.୪୬୦ | ୦.୦୯୭ | |
| ୨ | ଶିବପ୍ରସାଦ ସାହୁ, ପିତା: ବାମଦେବ ସାହୁ, ଜାତି: କଂସାରୀ, ବା: ୟୁନିଟ୍-୪, ବଡ଼ବଜାର, ବା: ୟୁନିଟ୍-୪, ବଡ଼ବଜାର | ୧୬୬ | ୧୭୪ | ମାଳ ଅଣ-ଜଳସେଚିତ | ୦.୪୧୦ | ୦.୦୪୫ | |
| ୩ | ଶିବପ୍ରସାଦ ପାତ୍ର, ପିତା: ବାଣୀ ସେଠୀ, ହରି ପାତ୍ର, ଜାତି: ଡେରା, ସୁବର୍ଣ୍ଣପୁର, ୟୁନିଟ୍-୪, ଡେରାପଡ଼ା | ୧୬୭ | ୧୬୬/ ୧୨୩୬ | ଘରବାରି | ୦.୨୭୦ | ୦.୦୪୫ | |
| ୪ | ଶ୍ରୀ ସୁବର୍ଣ୍ଣମେରୁ ମହାଦେବ, ନିର୍ବାହୀ ଅଧିକାରୀ, ମାର୍ଫତ୍ ଦେବୋତ୍ତର ବିଭାଗ, ବା: ୟୁନିଟ୍-୪, ବଡ଼ବଜାର | ୧୩୩ | ୫୬୪ | ଆଟ | ୦.୬୯୦ | ୦.୦୩୦ | |
| | | | ୫୫୯ | ଆଟ | ୦.୧୬୦ | ୦.୦୦୭ | |
| ୫ | ସିଦ୍ଧାନ୍ତ କୁମାର ମେହେର, ପିତା: ଘନଶ୍ୟାମ ମେହେର, ଜାତି: ଭୁଲିଆ, ବା: ବୈଦ୍ୟନାଥ | ୧୬୪ | ୧୬୬/ ୧୨୪୨ | ଘରବାରି | ୦.୦୯୦ | ୦.୦୨୮ | |
| ୬ | ନାରାୟଣ ପ୍ରସାଦ ସାହୁ, ପିତା: ବାସୁଦେବ ସାହୁ, ଜାତି: କଂସାରୀ, ବା: ୟୁନିଟ୍-୪, ବଡ଼ବଜାର | ୭୪ | ୧୭୫ | ମାଳ ଅଣ-ଜଳସେଚିତ | ୦.୪୨୦ | ୦.୦୩୪ | |
| ୭ | ଦିଲ୍ଲିପ କୁମାର ମେହେର, ପିତା: ପଦ୍ମନାଭ ମେହେର, ଜାତି: ଭୁଲିଆ, ବା: ବୈଦ୍ୟନାଥ | ୫୫ | ୧୬୬/ ୧୨୪୩ | ଘରବାରି | ୦.୦୯୦ | ୦.୦୧୪ | |
| ୮ | ପୁରନ୍ଦର ବାରିକ, ପିତା: ଶିନ୍ଧ ବାରିକ, ଜାତି: ଗଣ୍ଡା, ବା: ୟୁନିଟ୍-୩, ସୋନପୁର ହରିଜନପଡ଼ା | ୧୦୧ | ୪୫୮ | ଆଟ | ୦.୨୮୫ | ୦.୧୩୩ | |
| | | | ୫୦୩ | ଆଟ | ୦.୧୮୦ | ୦.୧୨୦ | |
| ୯ | ପଦ୍ମନାଭ ମେହେର, ପିତା: ବୃନ୍ଦାବନ ମେହେର, ଜାତି: ଭୁଲିଆ, ବା: ପର୍ଥଲା, ନୂଆପଡ଼ା, ପୋ: ଗଡଯୋର | ୮୨ | ୧୬୬/ ୧୨୩୯ | ଘରବାରି-୨ | ୦.୦୪୫ | ୦.୦୧୩ | |
| ୧୦ | ବାନ ସେଠୀ ମୁଣ୍ଡିଆଲ୍ଲ, ପିତା: ବାନି ସେଠୀ ହରିପାତ୍ର, ଜାତି: ଡେରା, ବା: ନିଜଗାଁ | ୧୦୮ | ୧୬୬ | ମାଳ ଅଣ-ଜଳସେଚିତ | ୧.୬୨୩ | ୦.୦୬୬ | |
| ୧୧ | ବଇକୁ ମେହେର, ପିତା: ଗିରିଧାରୀ ମେହେର, ଜାତି: ଭୁଲିଆ, ବା: ଗଡଯୋର, ପୋ: ଗଡଯୋର, ଥା: ମନମୁଣ୍ଡା, ଜି: ବୌଦ୍ଧ | ୧୧୫ | ୧୬୬/ ୧୨୪୦ | ଘରବାରି | ୦.୦୪୫ | ୦.୦୧୬ | |
| ୧୨ | ସୁରେଶ କୁମାର ମେହେର, ପିତା: ରାଧେଶ୍ୟାମ ମେହେର, ଜାତି: ଭୁଲିଆ, ବା: ବୈଦ୍ୟନାଥ | ୧୭୬ | ୧୬୬/ ୧୨୪୧ | ଘରବାରି | ୦.୦୯୦ | ୦.୦୩୫ | |
| ୧୩ | ଯୋଗେଶ୍ୱର ମେହେର, ପିତା: ଲକ୍ଷ୍ମଣ ମେହେର, ଜାତି: ଭୁଲିଆ, ବା: ନିମ୍ନା, ଥା: ସିଣ୍ଡୋଲ, ଜି: ସୁବର୍ଣ୍ଣପୁର | ୧୮୬/ ୨୩ | ୧୧୬/ ୧୨୩୮ | ଘରବାରି | ୦.୦୩୦ | ୦.୦୨୦ | |

ସ୍ୱା./- ଉପ-ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ସୋନପୁର

ସ୍ୱା./- ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ସୋନପୁର

OIPR-34081/14/0003/2021

# ‘ସମୟ ଧାରାରେ କ୍ରିକେଟ’ ୱେବିନାର

**ଭୁବନେଶ୍ୱର, ୧୬।୧୦(ସ୍ପୋର୍ଟସ୍ ବ୍ୟୁରୋ)**

ଭାରତର ପୂର୍ବତନ ପ୍ରତିଷ୍ଠିତ କ୍ରିକେଟରଙ୍କୁ ନେଇ ‘ସମୟ ଧାରାରେ କ୍ରିକେଟ’ ଶୀର୍ଷକରେ ଏକ ୱେବିନାର ଟାଟା ଷ୍ଟିଲ୍ ପକ୍ଷରୁ ନିକଟରେ ଆୟୋଜିତ ହୋଇଛି। ଆଧୁନିକ କ୍ରିକେଟର ଗତି ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନାରେ ଭାଗ ନେଇଥିବା ପ୍ୟାନେଲିଷ୍ଟମାନେ ହେଲେ ରୋଜର ବିନ୍ନି, ଅଶୋକ ମାଲହୋତ୍ରା, ଚନ୍ଦ୍ରକାନ୍ତ ପଣ୍ଡିତ, ଚେତନ ଶର୍ମା ଓ ସଲିଲ ଆଙ୍କୋଲା। ନାଭାଲ ଟାଟା ହକି ଏକାଡେମୀ (ଏନ୍‌ଟିଏଚ୍‌ଏ) ଓଡ଼ିଶାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟର ରାଜୀବ ସେଠ ଓ ମାଇଁ ସିଟି ଲିଙ୍କ ପତ୍ରିକାର କନସଲଟିଂ ସିନିୟର ଆସୋସିଏଟ ଏଡିଟର ଦୀକ୍ଷା ତିୱାରୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ସମୟ ଅନୁସାରେ କ୍ରିକେଟର ପରିବର୍ତ୍ତନ ସମ୍ପର୍କରେ ବିଶେଷ କରି ଆଲୋଚନା ହୋଇଥିଲା। ଭାରତ ୧୯୮୩ରେ ବିଶ୍ୱ କପ୍ ଚାମ୍ପିୟନ ହେବା ପରେ ଦେଶରେ କିଭଳି ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଥିଲା ଏବଂ କ୍ରିକେଟ୍‌କୁ ନେଇ ଆଭିମୁଖ୍ୟରେ କିପରି ପରିବର୍ତ୍ତନ ହୋଇଥିଲା ତା’ ଉପରେ ଆଲୋକପାତ କରାଯାଇଥିଲା। କ୍ରିକେଟ୍ ଦୀର୍ଘ ପଥ ଦେଇ ଆସିଛି ଏବଂ ଅନେକ ସଫଳତା ହାସଲ କରିଛି। କପିଳ ଦେବଙ୍କ ନେତୃତ୍ୱରେ ୧୯୮୩ ବିଶ୍ୱକପ୍ ହେଉ କିମ୍ବା ମହେନ୍ଦ୍ର ସିଂ ଧୋନୀଙ୍କ ଅଧିନାୟକତ୍ୱରେ ୨୦୧୧ର ବିଶ୍ୱକପ୍ ବିଜୟ, ତାହା ଭାରତକୁ ଗର୍ବିତ କରିଥିଲା। ସ୍ଥାନୀୟ ପ୍ରତିଭାଙ୍କୁ ଉତ୍ସାହିତ କରି ସେମାନଙ୍କୁ ପେସାଦାର କ୍ରିକେଟରରେ ପରିଣତ କରିବା ଲାଗି ଆବଶ୍ୟକ ଭିତ୍ତିଭୂମି ଉପରେ ଏହି ଆଲୋଚନା ପର୍ଯ୍ୟବସିତ ଥିଲା।

“୧୯୮୩ ବିଶ୍ୱକପ୍ ମୋ ପାଇଁ ଭାରତୀୟ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନର ସମୟ ଥିଲା। ଆମେ ସମସ୍ତେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚାହୁଁଥିଲୁ। ଦେଶ ପାଇଁ ଗୌରବ ଆଣିବା ଆମର ଏକମାତ୍ର ଲକ୍ଷ୍ୟ ଥିଲା। ଆମର କୌଶଳ, ଦକ୍ଷତା ଏବଂ ପାରଙ୍ଗମତା ଅପରିପକ୍ୱ ଥିଲା। ଆମ ତୁଳନାରେ ଆଜିର ଖେଳାଳିମାନେ ବିଭିନ୍ନ ଚ୍ୟାଲେଞ୍ଜ ପାଇଁ ଅଧିକ ପ୍ରସ୍ତୁତ” ବୋଲି ରୋଜର ବିନ୍ନି କହିଛନ୍ତି। ସେହିପରି ଅଶୋକ ମାଲହୋତ୍ରା କହିଛନ୍ତି ଯେ, “ମୋ ମତରେ ଗତ ଦଶନ୍ଧିରେ କ୍ରିକେଟରେ ଅନେକ ପରିବର୍ତ୍ତନ ଆସିଛି। ଆଇପିଏଲ୍‌ର ଶୁଭାରମ୍ଭ ଖେଳାଳିମାନଙ୍କ ପ୍ରଦର୍ଶନକୁ ପ୍ରଭାବିତ କରିଛି। ଏହି ନୂତନ ଫର୍ମାଟ ଦର୍ଶକଙ୍କୁ ବାନ୍ଧି ରଖିପାରିଛି ଏବଂ ଜଣେ ଖେଳାଳି କେବଳ ବ୍ୟାଟ୍ସମ୍ୟାନ କିମ୍ବା ବୋଲର ନ ହୋଇ ଅଲରାଉଣ୍ଡର୍ ହେବାକୁ ଚାହୁଁଛି”। ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ମତରେ “ଖେଳକୁ ଯେଭଳି ଖେଳା ଯାଉଥିଲା କିମ୍ବା ଦେଖା ଯାଉଥିଲା ତାହାକୁ ଟି୨୦ କ୍ରିକେଟ୍ ବଦଳାଇ ଦେଇଛି। ଆମ ସମୟରେ କ୍ରିକେଟ୍ ନୂଆ ଥିଲା ଏବଂ ଅନୁଗାମୀ ମଧ୍ୟ ଏତେ ଅଧିକ ନ ଥିଲେ। ଏହା ଏବେ ବିଶ୍ୱସ୍ତରରେ ଲୋକପ୍ରିୟ ଏବଂ ଖେଳାଳିମାନେ ଏବେ ଅଧିକ ଦର୍ଶକଙ୍କ ପାଖରେ ପହଞ୍ଚି ପାରୁଛନ୍ତି। ମ୍ୟାଚର ସଂଖ୍ୟା ବହୁତ ବଢ଼ିଯାଇଛି, ତେଣୁ ଅଧିକ ପରିଶ୍ରମ ଦ୍ୱାରା ଯେପରି ନିଜର ପ୍ରଦର୍ଶନ ପ୍ରଭାବିତ ନ ହୁଏ ସେଥିପ୍ରତି ଖେଳାଳିଙ୍କୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ”। ଚେତନ ଶର୍ମା କହିଛନ୍ତି ଯେ, “ତାହା ଏକ ଚମତ୍କାର ସମୟ ଥିଲା। ମୋତେ ମାତ୍ର ୨୦ ବର୍ଷ ହୋଇଥିଲେ ହେଁ କପିଳ ଦେବଙ୍କ ପରି ଅଧିନାୟକ ମୋ ଉପରେ ଆସ୍ଥା ପ୍ରକଟ କରିଥିଲେ। ଏହାର ଅନୁଭବ ଅନନ୍ୟ ଥିଲା। କ୍ରିକେଟରେ ଉତଥାନ ଓ ପତନ ରହିଛି ଏବଂ ଏଥିରୁ ଅନେକ କିଛି ଶିଖିବାର ଅଛି ବୋଲି ଏଥିରୁ ପ୍ରମାଣ ମିଳୁଛି”। ଏଭଳି ଏକ ପ୍ୟାନେଲ୍ ଆଲୋଚନାରେ ଅଂଶଗ୍ରହଣ କରିଥିବାରୁ ବହୁତ ଖୁସି ଲାଗୁଛି ବୋଲି ସଲିଲ ଅଙ୍କୋଲା କହିଛନ୍ତି। “ଆଲୋଚନାରୁ ଅନେକ ନିର୍ଯ୍ୟାସ ବାହାରିଛି। କ୍ରିକେଟ୍‌ରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି ଏବଂ ପ୍ରଦର୍ଶନ ଅନୁସାରେ ଖେଳାଳିଙ୍କ ଚାହିଦା ବଢ଼ୁଛି। ଫଳରେ ସାମ୍ପ୍ରତିକ ସମୟରେ କ୍ରିକେଟ ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଓ ପେସାଦାର ହୋଇପାରିଛି” ବୋଲି ଆଙ୍କୋଲା କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଟାଟା ଷ୍ଟିଲ୍ ଏହାର ଏକାଡେମୀ ଓ ତୃଣମୂଳ ସ୍ତରର ଫିଡର୍ କେନ୍ଦ୍ରଗୁଡ଼ିକ ଜରିଆରେ ପେସାଦାର କ୍ରୀଡ଼ାବିତ ସୃଷ୍ଟି କରିବା ଏବଂ ସେମାନଙ୍କୁ ବିକଶିତ କରିବାରେ ନିରନ୍ତର ଉଦ୍ୟମ ଜାରି ରଖିଛି।



ୱେବିନାରରେ ଭାଗ ନେଇଥିବା ବ୍ୟକ୍ତିମାନେ।

# କାର୍ତ୍ତିକ ଓହରିଲେ: ମୋର୍ଗାନ ଅଧିନାୟକ

**ଆବୁଧାବି, ୧୬।୧୦(ପି.ଟି.)**

ଉଇକେଟକିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକ ଶୁକ୍ରବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ କୋଲକାତା ନାଇଟ ରାଇଡର୍ସ ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ଇଂଲଣ୍ଡ ସୀମିତ ଓଭର ଅଧିନାୟକ ଇଅନ ମୋର୍ଗାନଙ୍କୁ ସେ ନେତୃତ୍ୱ ହସ୍ତାନ୍ତର କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଆରମ୍ଭ ହେବାର ଠିକ୍ ପୂର୍ବରୁ କାର୍ତ୍ତିକ ମୋର୍ଗାନଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି। ବ୍ୟାଟିଂ ଉପରେ ମନୋନିବେଶ କରିବାକୁ ଚାହୁଁଛି ଓ ଏ ନେଇ ମ୍ୟାନେଜମେଣ୍ଟକୁ ଅବଗତ କରାଇଛି ବୋଲି କାର୍ତ୍ତିକ ତାଙ୍କ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି। ଟିମ୍ ପ୍ରତି ଅଧିକ ଯୋଗଦାନ କରିବାକୁ ଚାହୁଁଛି ବୋଲି ସେ କହିଛନ୍ତି। ୨୦୧୮ରେ ୩୫ ବର୍ଷୀୟ କାର୍ତ୍ତିକ କୋଲକାତାର ଅଧିନାୟକ ନିଯୁକ୍ତ ହୋଇଥିଲେ ଓ ଦଳ ପାଇଁ ସେ ୩୭ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଥିଲେ। ସେତେବେଳେ ସେ ଗୌତମ ଗମ୍ଭୀରଙ୍କଠାରୁ ନେତୃତ୍ୱ ଗ୍ରହଣ କରିଥିଲେ। କାର୍ତ୍ତିକଙ୍କ ଭଳି ଅଧିନାୟକ ପାଇ ଆମେ ବେଶ୍ ଭାଗ୍ୟବାନ ମନେ କରୁଛୁ। ଏଭଳି ସାହସିକ ନିଷ୍ପତ୍ତି ନେଇଥିବାରୁ ସେ ପ୍ରଶଂସାର ପାତ୍ର ବୋଲି କୋଲକାତା ସିଇଓ ଭେଙ୍କି ମହୀଶୂର କହିଛନ୍ତି। ତାଙ୍କର ଏହି ନିଷ୍ପତ୍ତିକୁ ନେଇ ଆମେ ଚକିତ। ତେବେ ତାଙ୍କର ଇଚ୍ଛାକୁ ଆମେ ସମ୍ମାନ ଦେଉଛୁ ବୋଲି ସେ କହିଛନ୍ତି। ଚଳିତ ଆଇପିଏଲ୍‌ରେ କୋଲକାତା ଏପର୍ଯ୍ୟନ୍ତ ୪ଟି ବିଜୟ ଓ ୩ଟି ପରାଜୟ ସହ ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଉଲ୍ଲେଖଥାଉ କି, ଦଳର ଦୁର୍ବଳ ପ୍ରଦର୍ଶନ ପାଇଁ କାର୍ତ୍ତିକଙ୍କ ନେତୃତ୍ୱକୁ ନେଇ ଚର୍ଚ୍ଚା ଚାଲିଥିଲା ଓ ସମାଲୋଚନାର ଶିକାର ହୋଇଥିଲେ। କାର୍ତ୍ତିକଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ମଧ୍ୟ ଭଲ ନ ଥିଲା।


ଦୀନେଶ କାର୍ତ୍ତିକ ଓ ଇଅନ ମୋର୍ଗାନ।

# ଆଇପିଏଲ୍ କମେଣ୍ଟ୍ରି ପ୍ୟାନେଲ ଛାଡ଼ିଲେ ପିଟରସନ

**ଦୁବାଇ, ୧୬।୧୦ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) କମେଣ୍ଟ୍ରି ପ୍ୟାନେଲର ଅନ୍ୟତମ ସଦସ୍ୟ ତଥା ପୂର୍ବତନ ଇଂଲଣ୍ଡ ଅଧିନାୟକ ଶୁକ୍ରବାର ଘରବାହୁଡ଼ା କରିଛନ୍ତି। ବର୍ତ୍ତମାନ ସେ ତାଙ୍କ ପିଲାମାନଙ୍କ ସହ ସମୟ ଅତିବାହିତ କରିବାକୁ ଚାହୁଁଛନ୍ତି। କମେଣ୍ଟେଟର ହେବା ପୂର୍ବରୁ ପିଟରସନ ଆଗରୁ ୪ଟି ପୃଥକ୍ ପୃଥକ୍ ଟିମ୍‌ରୁ ଖେଳିଛନ୍ତି। ବର୍ତ୍ତମାନ ସେ ଲଣ୍ଡନରେ ପହଞ୍ଚିସାରିଛନ୍ତି। ଚଳିତବର୍ଷ ଏକ ଅଦ୍ଭୁତ ବର୍ଷ। କୋଭିଡ୍ ଯୋଗୁ ସ୍କୁଲ ବନ୍ଦ ଥିବାରୁ ପିଲାମାନଙ୍କୁ ପୂରା ସମୟ ଘରେ ଅତିବାହିତ କରିବାକୁ ହେଉଛି। ତେଣୁ ସେ ତାଙ୍କୁ ସମୟ ଦେବାକୁ ଚାହୁଁଛନ୍ତି। ପିଟରସନଙ୍କ ସ୍ତ୍ରୀ ଜେସିକା ଟେଲର ଜଣେ କଣ୍ଠଶିଳ୍ପୀ। ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି। ଦୁବାଇରୁ ଲଣ୍ଡନ ଯାତ୍ରାର ଏକ ସଂକ୍ଷିପ୍ତ ଭିଡିଓ କ୍ଲିପ ସେ ତାଙ୍କ ଟୁଇଟରରେ ପୋଷ୍ଟ କରିଛନ୍ତି। ଗୁରୁବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଆଇପିଏଲ୍ ମ୍ୟାଚ ଖେଳାଯାଇଥିଲା। କମେଣ୍ଟେଟର ଭାବେ ଚଳିତ ସିଜନରେ ଏହାଥିଲା ତାଙ୍କର ଅନ୍ତିମ ମ୍ୟାଚ୍।

# ରୟାଲ-ରୟାଲ୍ସ ଲଢ଼େଇ


ଷ୍ଟିଭ୍ ସ୍ମିଥ୍ ଓ ବିରାଟ କୋହଲି।

**ଦୁବାଇ, ୧୬।୧୦(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୩ତମ ମ୍ୟାଚ୍‌ରେ ଶନିବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ରାଜସ୍ଥାନ ରୟାଲ୍ସ ପରସ୍ପରକୁ ଭେଟିବେ। ଗତ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍ ପରାଜୟରେ ଦଳ ନେଇଥିବା କେତୋଟି ଅବାସ୍ତବ ନିଷ୍ପତ୍ତିକୁ ନେଇ ବାଙ୍ଗାଲୋର ତର୍ଜମା କରିବ ଓ ନୂଆ ରଣନୀତି ସହ ପଡିଆକୁ ଓହ୍ଲାଇବ ବୋଲି ଆଶା କରାଯାଉଛି। ବିରାଟ କୋହଲିଙ୍କ ବାଙ୍ଗାଲୋର ଦଳ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୫ ବିଜୟ, ୩ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି।

ଅପରପକ୍ଷରେ ରାଜସ୍ଥାନ ଏକାଧିକ ସମସ୍ୟାର ପଡି ଆଶାନୁରୂପ ପ୍ରଦର୍ଶନ କରିପାରି ନାହିଁ। ଦଳ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୩ ବିଜୟ, ୫ ପରାଜୟ ସହ ୬ ପଏଣ୍ଟ ହାସଲ କରି ସପ୍ତମ ସ୍ଥାନରେ ରହିଛି। ଟପ୍ ଅର୍ଡର ବିପର୍ଯ୍ୟୟ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଜୋଶ ବଟଲର, ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍ ଓ ସଞ୍ଜୁ ସାମସନ ସ୍ଥିର ପ୍ରଦର୍ଶନ କରି ନ ପାରିବା ଫଳରେ ଦଳ କେତୋଟି ମ୍ୟାଚ୍‌ରେ ଫେଲ୍ ମାରିଛି। ପରାଜୟରୁ ବାଙ୍ଗାଲୋର ଶିକ୍ଷା ଲାଭ କରିବାକୁ ପ୍ରୟାସ କରିବ। ବେନ୍ ଷ୍ଟୋକ୍ସ ଦଳକୁ ଫେରିବା ପରେ ଦଳର ପ୍ରଦର୍ଶନରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ସ୍ପିନ୍ ଯୋଡି ରାହୁଲ ଟେୱାଟିଆ ଓ ଶ୍ରେୟାସ ଆୟାରଙ୍କୁ ନେଇ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ବୋଲିଂରେ ଦାୟିତ୍ୱକୁ ସଫଳତାର ସହ ସମ୍ଭାଳିଛନ୍ତି। ଉଭୟ ତ୍ରୁଟି ସମ୍ଭାଳିବାକୁ ପ୍ରୟାସ କରିବେ ଓ ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

# ଦିଲ୍ଲୀ ଚ୍ୟାଲେଞ୍ଜ ପାଇଁ ଚେନ୍ନାଇ ପ୍ରସ୍ତୁତ

**ଶାରଜା, ୧୬।୧୦(ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୪ତମ ମୁକାବିଲାରେ ଶନିବାର ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଓ ଯୁବ ଅଧିନାୟକ ଶ୍ରେୟାସ ଆୟରଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ମୁହାଁମୁହିଁ ହେବେ। ଚେନ୍ନାଇ ଏବେ ଟ୍ରାକ୍‌କୁ ଫେରିଛି। ଏହି ମ୍ୟାଚ୍‌ରେ ଦିଲ୍ଲୀ ତରଫରୁ ଚେନ୍ନାଇ କଡ଼ା ଚ୍ୟାଲେଞ୍ଜ ରହିଛି। ତେବେ ଏଥିପାଇଁ ଚେନ୍ନାଇ ପ୍ରସ୍ତୁତ ରହିଛି। ଚେନ୍ନାଇ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୩ ବିଜୟ, ୫ ପରାଜୟ ସହ ୬ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଗତ ସନ୍ ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ଧୋନୀଙ୍କ ସବୁ ରଣନୀତି କାମରେ ଅସିଥିଲା। ଏବେ ଏହାକୁ ବଜାୟ ରଖିବାକୁ ଧୋନୀ ଓ ତାଙ୍କ ଦଳ ପ୍ରୟାସ କରିବେ ବୋଲି ଆଶା କରାଯାଉଛି। ୩ଥର ଟାଇଟଲ ଜିତିଥିବା ଚେନ୍ନାଇର ପ୍ରଦର୍ଶନ ଏଥର ଆଶାନୁରୂପ ହୋଇପାରି ନାହିଁ। ଦୁଇ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର କାଗିସୋ ରାବାଡା ଓ ଏନରିଚ୍ ନୋର୍ଜେ ରାଜସ୍ଥାନ ବିପକ୍ଷରେ ଘଣ୍ଟାପ୍ରତି ୧୫୬.୨ ବେଗରେ ବୋଲିଂ କରୁଛନ୍ତି ଓ ଚେନ୍ନାଇ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବେ।

ଅପରପକ୍ଷରେ ଦିଲ୍ଲୀ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୬ ବିଜୟ ଓ ୨ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଛି। ଫଳରେ ଦିଲ୍ଲୀ ଆତ୍ମବିଶ୍ୱାସ ବେଶ୍ ଦୃଢ଼ ରହିଛି। ଯୁବ ଖେଳାଳିଙ୍କୁ ନେଇ କୋଚ୍ ରିକି ପଣ୍ଟିଂଙ୍କ ତତ୍ତ୍ୱାବଧାନରେ ଦଳ ବ୍ୟାଟିଂ ଓ ବୋଲିଂରେ ବେଶ୍ ସନ୍ତୁଳିତ ମନେ ହେଉଛି। ତେବେ ଦଳ ପାଇଁ କେତୋଟି ଫିଟ୍‌ନେସ୍ ସମସ୍ୟା ରହିଛି। ଆହତ ହୋଇ ରିଷଭ ପନ୍ତ ଦଳରୁ ବାଦ୍ ପଡିଛନ୍ତି। ଯୁବ ଓପନର ପୃଥ୍ୱୀ ଶ ସ୍ଥିର ପ୍ରଦର୍ଶନ କରିବେ ଓ ଅଭିଜ୍ଞ ଶିଖର ଧାୱନ ଦକ୍ଷତା ଅନୁରୂପ ଖେଳିବେ ବୋଲି ଆଶା କରାଯାଉଛି।

**ଆଇପିଏଲ୍**
(ଶନିବାର ମ୍ୟାଚ୍)

| ରାଜସ୍ଥାନ ରୟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ |
|---|---|
| **ସ୍ଥାନ:** ଦୁବାଇ, **ସମୟ:** ଅପରାହ୍ନ ୩ଟା ୩୦ | **ସ୍ଥାନ:** ଶାରଜା, **ସମୟ:** ରାତି ୭ଟା ୩୦ |

**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

# ଆଇ-ଲିଗ୍‌କୁ ଫେରିଲା ମହମ୍ମଡାନ ସ୍ପୋର୍ଟିଂ


ଖୁସି ମୁହୂର୍ତ୍ତରେ ମହମ୍ମଡାନ ସ୍ପୋର୍ଟିଂର ଖେଳାଳିମାନେ।

**କଲ୍ୟାଣୀ, ୧୬।୧୦ (ପି.ଟି.):** ଏଠାରେ ଶୁକ୍ରବାର ଅନୁଷ୍ଠିତ କ୍ୱାଲିଫାୟର୍ସରେ ଭବାନୀପୁର ଏଫ୍‌ସିକୁ ୨-୦ ଗୋଲରେ ପରାସ୍ତ କରିବା ପରେ ମହମ୍ମଡାନ ସ୍ପୋର୍ଟିଂ ୭ ବର୍ଷ ପରେ ଆଇ-ଲିଗ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ଦଳ ପକ୍ଷରୁ ଭାନ୍‌ଲାଲ୍‌ବା ଚାଙ୍ଗ୍‌ଟେ (୨୮ତମ ମିନିଟ୍) ଓ ଗାନି ଅହମ୍ମଦ ନିଗମ୍ (୬୭ତମ) ଗୋଲ ସ୍କୋର କରିଥିଲେ। କ୍ରମାଗତ ୩ଟି ବିଜୟ ସହ ୯ ପଏଣ୍ଟ ଅର୍ଜନ କର ଗୋଟିଏ ରାଉଣ୍ଡ ଖେଳ ବାକିଥାଇ ଯୋଗ୍ୟତା ଭିତ୍ତିରେ ଏକମାତ୍ର ଆଇ-ଲିଗ୍ ସ୍ଥାନ ହାସଲ କରିନେଇଛି। ଘଟଣାକ୍ରମେ ଅକ୍ଟୋବର ୧୯ରେ ଫାଇନାଲ ରାଉଣ୍ଡ ଖେଳ ହେବ। ସେଦିନ ମହମ୍ମଡାନ ସ୍ପୋର୍ଟିଂ ଏଫ୍‌ସି ବେଙ୍ଗାଲୁରୁ ୟୁନାଇଟେଡ୍ ସହ ମୁକାବିଲା କରିବାକୁ ଥିବାବେଳେ ଅନ୍ୟ ଏକ ମ୍ୟାଚ୍ ଆରା ଏଫ୍‌ସି ଓ ଭବାନୀପୁର ଏଫ୍‌ସି ମଧ୍ୟରେ ଖେଳାଯିବ। ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲ ଇଣ୍ଡିଆନ ସୁପର ଲିଗ୍‌ରେ ଖେଳୁଥିବାରୁ ଏଥର ଆଇ-ଲିଗ୍‌ରେ କୋଲକାତାରୁ ଏକମାତ୍ର ଦଳ ଭାବେ ଭାଗ ନେବ ମହମ୍ମଡାନ ସ୍ପୋର୍ଟିଂ। ଆଇ-ଲିଗ୍ ଡିସେମ୍ବରରେ ଆରମ୍ଭ ହେବାର ସମ୍ଭାବନା ଅଛି।


## ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ଭାସ୍କର ମହାନ୍ତି**
ବାସସ୍ଥାନ: ଗୁଡ଼ିଆନାଳି, ଢେଙ୍କାନାଳ
ଶ୍ୱଶୁରଘର: ପଟିଲୋ, ଜଗତ୍‌ସିଂହପୁର
ଆବିର୍ଭାବ: ୨୦।୦୪।୧୯୩୧
ତିରୋଧାନ: ୦୮।୧୦।୨୦୧୦
ତୁମର ଅମରାତ୍ମାର ସଦ୍‌ଗତି ହେଉ ଏବଂ ତୁମର ଶୁଭାଶିଷ ସର୍ବଦା ଆମକୁ ପଥପ୍ରଦର୍ଶନ କରୁଥାଉ। ତୁମେ ଯେଉଁଠାରେ ଥାଅ, ଭଲରେ ଥାଅ। ତୁମର ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଓ ଢେଙ୍କାନାଳ ସାଇକୃପା ମହାବିଦ୍ୟାଳୟ ଉପରେ ଥାଉ।
-:ଶୋକସନ୍ତପ୍ତ:-
ପୁତ୍ର- କୁମାର, ବାଦଲ, ଜୀବନ, ବିଜୁ, ଅଜୁ, ରଞ୍ଜୁ, ଟୁଲା ; କନ୍ୟା- ମାୟା, ମମତା, ମୀନା ; ଜ୍ୱାଇଁ, ବୋହୂ, ନାତି-ନାତୁଣୀ ଏବଂ ଢେଙ୍କାନାଳ ସାଇକୃପା ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା।
ଧ-୬୬୮୪

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସଂଘମିତ୍ରା ସ୍ୱାଇଁ**
କପାଳେଶ୍ୱର, ଚୌଦ୍ୱାର, କଟକ
ଆବିର୍ଭାବ: ୨୫।୦୯।୧୯୮୨
ତିରୋଧାନ: ୦୭।୧୦।୨୦୨୦
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଶାଶୁ: କଲ୍ୟାଣୀ ସ୍ୱାଇଁ, ଶ୍ୱଶୁର: ହେମନ୍ତ କୁମାର ସ୍ୱାଇଁ, ସ୍ୱାମୀ: ସ୍ମୃତିରଞ୍ଜନ ସ୍ୱାଇଁ, ନଣନ୍ଦ: ଶବ୍‌ନମ୍ ସ୍ୱାଇଁ, ପୁତ୍ର: ସାଇ ସୁରଜ, ପେଟ୍ ଡୁଗ୍ଗୁ, ପରିବାର ଓ ଆତ୍ମୀୟସ୍ୱଜନ ।
ଧ-୧୮୬୭୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶଶିପ୍ରଭା ନାୟକ**
ଆବିର୍ଭାବ: ୨୦।୦୫।୧୯୬୦
ତିରୋଧାନ: ୦୬।୧୦।୨୦୨୦
ମା ମୋର, ତୋ ମମତାମୃତରେ ଆମ ଜୀବନ ଚିର ପବିତ୍ର। ତୋ କୋଳର ଉଷ୍ମତା, ତୋ ସ୍ପର୍ଶର କୋମଳତା, ତୋ ଜୀବନାଦର୍ଶ ଆମକୁ ଚିରଦିନ ସତ୍‌କର୍ମର ପ୍ରେରଣା ଦେଉଥାଉ।
ତୋ ଚରଣାଶ୍ରିତ ସନ୍ତାନ :
ଫେମିନା, ମାଉଁଲି, ଲିପୁନା, ପ୍ରମୋଦ, ସ୍ୱଦେଶ, ପିକୁଲ୍, ତୁନ୍‌ମୁନ୍ ଓ ତୋର
ଶୋକସନ୍ତପ୍ତ ସ୍ୱାମୀ: ବସନ୍ତ କୁମାର ନାୟକ
ଧ-୧୮୬୭୮

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

PM ଯୋଜନା ଅଧୀନରେ
Megma Finance Ltd.
ଆଧାରକାର୍ଡ ଏଗ୍ରିକଲ୍ଚର ମାର୍କଶିଟ୍ ପର୍ସନାଲ ପ୍ରପର୍ଟି ଗ୍ରୁପ୍
ଋଣ ମାତ୍ର 24 ଘଣ୍ଟାରେ ଘରେ ବସି
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8901314495
8395921265
B-34/7 A Block Vijay Enclave, Bururi, New Delhi

ଦୟାକରି ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।।
୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

4G କମ୍ପାନୀ ଗ୍ରାମ/ସହରରେ 4G ଟାୱାର ସ୍ଥାପନ କରିବା ପାଇଁ ଜମି/ଛାତ/କ୍ଷେତ ଆବଶ୍ୟକ କରୁଛି।
ଭଡ଼ା 45 ହଜାର, ଅଗ୍ରିମ 65 ଲକ୍ଷ
ଯୋଗାଯୋଗ
8860088373

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
CAPITAL FINANCE
୧୯୮୨ରୁ ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ (Reg.No.AND6590B001)
ମାର୍କସିଟ, ହୋମଲୋନ, ପର୍ସନାଲ, ସମ୍ପତି, ଆଧାରକାର୍ଡ, ପଶୁପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8765102561

AMBA Finance
ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତି ଋଣ ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କବିତା



### ଶରତ ଆସଇ

ପ୍ରଳୟ ବରଷା ଶେଷେ ଶରତ ଆସଇ
ଆକାଶରେ କଳାମେଘ ଆଉ ନ ଦିଶଇ ।
ଭାଦ୍ରବ ଆଶ୍ୱିନ ମାସେ ଶରତର ଶୋଭା
ନିର୍ମଳ ଆକାଶ ଆହା ଏ କି ମନଲୋଭା ।
ବିରାଜେ ଉଜ୍ଜ୍ୱଳ ଚନ୍ଦ୍ର ନକ୍ଷତ୍ରର ମାଳ
ଅମ୍ବର ଗଳେ ଲମ୍ବିଛି ସତେ ଫୁଲ ହାର ।
ଦିବସେ ଦିଶେ ଆକାଶ ତୋଫା ଫରଫର
ରାତିରେ ପଡ଼ଇ ଝରି ବିନ୍ଦୁ ଯେ ଶିଶିର ।
କାଶତଣ୍ଡି ଖେଳୁଥାଏ ପବନ ଦୋଳିରେ
ସତେକି ନାଇଛି ମହୀ ଧବଳ ଅବିରେ ।
ମହକେ ଗଙ୍ଗଶିଉଳି ମାଳତି ହେନାରେ
ଅପରାଜିତା ଟଗର ମଧୁର ବାସ୍ନାରେ ।
ପାଚିଲା ଧାନର କ୍ଷେତ କେତେ ମନୋହର
ଚଷା ଭାଇ ହାତେଧରି ହଳ ଲଙ୍ଗଳ ।
ଶାରଦୀୟ ପର୍ବେ ଶୋହେ ଗାଁ ଠୁ ସହର
ଦୁର୍ଗତିନାଶିନୀ ଦୁଷ୍ଟେ କରିଣ ସଂହାର ।
କୁଆଁରୀ କଣ୍ଠେ ଶୁଭଇ 'ଫୁଲ ବଉଳବେଣୀ'
କବାଡ଼ି ପୁଚି ଖେଳନ୍ତି ମିଶି ଗାଁ ତରୁଣୀ ।
ସବୁ ଋତୁ ମଧ୍ୟେ ସାର ଅଟଇ ଶରତ
କବି ଭାବୁକ ଦେଖିଣ ହୋନ୍ତି ବିମୋହିତ ।

**-ଡ. ବିଜ୍ଞାନ ମହାନ୍ତି,**
୩୫, ସୂର୍ଯ୍ୟନଗର, ଭୁବନେଶ୍ୱର

### ପୁଣ୍ୟ ଅଟେ ମହାଧନ



ପୁଣ୍ୟଠାରୁ ବଡ କିଛି ନାହିଁ ଧନ
କଲେ ଯେତେ ଅରଜନ
ପୁଣ୍ୟ ହିଁ ସାଥିରେ ଯିବ ଜୀବ ଗଲେ
କର ତାକୁ ଉପାର୍ଜନ ।
ଏ କଥା ବୁଝିଲେ ମିଳିବ ବୈକୁଣ୍ଠ
ସୁଖ ଶାନ୍ତି ହେବ ପ୍ରାପ୍ତି
ମାନବ ଜୀବନ ଦୁର୍ଲ୍ଲଭ ଜନମ
ସତ୍ୟ ମହାଧନ କ୍ରାନ୍ତି ।
ଯେତେ ଧନ ଅଛି ସଂସାର ମଧ୍ୟରେ
ସବୁ ତ କ୍ଷଣିକ ମାତ୍ର
ପୁଣ୍ୟ, ବିଦ୍ୟା, ଜ୍ଞାନ ଅଟେ ମହାଧନ
ଖୋଲିଥାଏ ଅଜ୍ଞ ନେତ୍ର ।
ସବୁ ରହିଯିବ ଇହ ଧାମ ପରେ
ଏ ଯିବେ ନିଶ୍ଚେ ସଙ୍ଗରେ
ଯେତେ ବାଣ୍ଟିଲେବି ସରିବନି କେବେ
ମହାଧନ ସୃଷ୍ଟି କରେ ।
ଅନ୍ୟ ସବୁ ଧନ ଲୁଟି ଖାଇଯିବେ
ବନ୍ଧୁ ପ୍ରିୟ ପରିଜନ
ଏହି ମହାଧନ ପାରିବେନି ଲୁଟି
ଏ ପରା ପରମ ଧନ ।
ଲୋଡ଼ା ନାହିଁ କେବେ ତାଲା କି ସିନ୍ଦୁକ
ଏହି ଧନ ରଖିବାକୁ
ରହିଥାଏ ଏହା ମନ ଭଣ୍ଡାରରେ
ପରିପୂର୍ଣ୍ଣ କରି ବୁକୁ ।
ସବୁ ହଜିଯିବ ଜୀବନ ହାଟରେ
ଏହି ମହାଧନ ଥିବ
ଅମୂଲ୍ୟ ରତନ ଏହି ଗୁରୁ ଜ୍ଞାନ
ହରି ନାମ ପରା ହେବ ।
କର ହେ ଏହାକୁ ସଞ୍ଚୟ ଅସୀମ
ଏହି ହେବ ମହାଧନ
ସାହା ହେବ ପୁଣି ଫେରିବା ବାଟରେ
ସରିଗଲା ପରେ ଦିନ ।

**-ଅମରନାଥ ବାରିକ୍,**
କୟାଁ,ମଙ୍ଗଳପୁର, ଯାଜପୁର

## ଆଇନା




## ଜୀବନରକ୍ଷାର କୌଶଳ

ଗପ



ଥରେ ଏକ ଡଙ୍ଗାରେ ଚାରି ଜଣ ପଣ୍ଡିତ ବସି ଯାଉଥିଲେ । ସେମାନଙ୍କ ମଧ୍ୟରେ ଜଣେ ଭୂଗୋଳଶାସ୍ତ୍ରୀ, ଜଣେ ଜ୍ୟୋତିର୍ବିଦ୍, ଜଣେ ଗଣିତଜ୍ଞ ଓ ଜଣେ ଭାଷାବିତ୍ ଥିଲେ । କିଛି ବାଟ ଯିବା ପରେ ପ୍ରଥମ ପଣ୍ଡିତ ଭୂଗୋଳଶାସ୍ତ୍ରୀ ନାଉରିଆକୁ ପଚାରିଲେ– ଆପଣ ଭୂଗୋଳ ବିଷୟରେ ଜାଣିଛନ୍ତି ? ନାଉରିଆ କହିଲେ ନା ଆଜ୍ଞା । ଭୂଗୋଳଶାସ୍ତ୍ରୀ କହିଲେ ତା'ହେଲେ ବିଭିନ୍ନ ଦିଗ, ପୃଥିବୀରେ ଦିନରାତି କଥା ତୁମେ ଜାଣିପାରିବ ନାହିଁ । ପରେ ପରେ ଜ୍ୟୋତିର୍ବିଦ୍ କହି ଉଠିଲେ– ତା'ହେଲେ ନାଉରିଆ ଭାଇ ତୁମେ ଜ୍ୟୋତିଷବିଦ୍ୟା ଜାଣିଛ ? ନାଉରିଆ କହିଲେ ନା ଆଜ୍ଞା । ଜ୍ୟୋତିର୍ବିଦ୍ କହିଲେ ତାହାଲେ କେତେବେଳେ କ'ଣ ଘଟିବ, ଆଗତ ଭବିଷ୍ୟତ, ଚନ୍ଦ୍ରସୂର୍ଯ୍ୟ ଆତଜାତ ବିଷୟରେ ତୁମେ କିଛି ଜାଣିପାରିବ ନାହିଁ ।

ଏହି ସମୟରେ ଗଣିତଜ୍ଞ ଜଣକ ନାଉରିଆକୁ ଗଣିତ ଜ୍ଞାନ ଅଛି କି ନାହିଁ ବୋଲି ପ୍ରଶ୍ନ କଲେ । ନାଉରିଆଙ୍କର ସାମାନ୍ୟତମ ଗଣିତଜ୍ଞାନ ନ ଥିବା ସେ ନିଜେ ସ୍ୱୀକାର କଲେ । କହିଲେ ମୁଁ ପାଠଶାଳାର ଦ୍ୱାର ବି ମାଡିନାହିଁ । ପରେ ପରେ ଭାଷାବିତ୍ ପଚାରିଲେ ତୁମେ କି କି ଭାଷା ଜାଣିଛ ? କେବଳ ଆମ ଭାଷା ବ୍ୟତୀତ ଆଉ କୌଣସି ଭାଷା ବିଷୟରେ ମୋର ସାମାନ୍ୟତମ ଜ୍ଞାନ ମଧ୍ୟ ନାହିଁ । ଏକଥା ଶୁଣି ଚାରିଜଣଯାକ ପଣ୍ଡିତ ଏକସ୍ୱରରେ କହିଲେ, କ'ଣ ନାଉରିଆ ଭାଇ ତୁମ ଜୀବନଟା ପୂରାପୂରି ବୃଥା ହୋଇଗଲା । ତୁମେ ଜୀବନରେ କିଛି ବି କରିପାରିବ ନାହିଁ । ଏଭଳି ତାଚ୍ଛଲ୍ୟ କରି ନାଉରିଆକୁ ଗାଳି ଦେଉଥିବାବେଳେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିଲା । ଭୟଙ୍କର ବିଜୁଳି, ଘଡ଼ଘଡ଼ି ମାରି ଖୁବ୍ ବେଗରେ ପବନ ବହିବାକୁ ଲାଗିଲା । ନାଆଟି ଟଳମଳ ହୋଇ ବୁଡ଼ିଯିବାକୁ ବସିଲା । ଟିକିଏ ପୂର୍ବରୁ ନାଆରେ ବସିଥିବା ପଣ୍ଡିତମାନେ ନିଜ ନିଜ ବିଦ୍ୟା ପାଇଁ ଗର୍ବ କରୁଥିବାବେଳେ, ସେମାନଙ୍କ ପିଣ୍ଡରୁ ପ୍ରାଣ ଚାଲିଗଲା ପରି ଲାଗିଲା । ସେମାନେ ଖୁବ୍ ଭୟଭୀତ ହୋଇ ସେହି ନାଆ ଭିତରେ ରକ୍ଷା କର ରକ୍ଷା କର ବୋଲି ଚିତ୍କାର କରି ଉଠିଲେ । ସେମାନଙ୍କର ଭୟାତୁର ଅବସ୍ଥା ଦେଖି ନାଉରିଆ ସେମାନଙ୍କୁ କହିଲେ– ଆଜ୍ଞାମାନେ ଆପଣମାନେ ପହଁରା ଜାଣିଛନ୍ତି ନା । ସେମାନେ ଜୀବନ ବିକଳରେ ଏକସ୍ୱରରେ କହି ଉଠିଲେ ନା । ନାଉରିଆ କହିଲେ ଏବେ କୁହନ୍ତୁ କାହାର ଜୀବନ ବୃଥା ? ତୁମେମାନେ ଯଦି ଆଦୌ ପହଁରା ଜାଣିନାହଁ ତେବେ ଆଜି ଏଇ ମୁହୂର୍ତ୍ତରେ ତୁମମାନଙ୍କର ଜୀବନ ଶେଷ ହୋଇଯିବ । ଏସବୁ ଅବସ୍ଥାରେ ଅହଙ୍କାରୀ ପଣ୍ଡିତମାନେ ବାରମ୍ବାର ଭଗବାନଙ୍କୁ ସ୍ମରଣ କଲେ । କିଛି ସମୟ ପରେ ବର୍ଷା ତୋଫାନ କମିଗଲା । ନାଆ କୂଳରେ ଲାଗିଲା । ପଣ୍ଡିତମାନେ ସୁରକ୍ଷିତ ଅବସ୍ଥାରେ ନିଜ ନିଜ ଘରକୁ ଫେରିଲେ ।

ଏଣୁ ଏଥିରୁ ଆମେ ବୁଝିଲେ କି ନିଜର ଜ୍ଞାନ ପାଇଁ କେବେହେଲେ ଅହଙ୍କାର କରିବା ଉଚିତ ନୁହେଁ ।

**-ଶଶଧର ମହନୀ,** ସୁଧାନିଧି ବିହାର, ଚରମ୍ପା, ଭଦ୍ରକ

## ଖିଲିଖିଲି ହସ

ଥରେ ଗୋପାଳ ବାବୁ ରାମୁକୁ କହିଲେ, ଆରେ ଯା, ପାଖ ବଗିଚାରୁ କିଛି ଫୁଲ ତୋଳି ଆଣିବୁ । ରାମୁ କହିଲା, ଠିକ୍ ଅଛି । ତା'ପରେ ରାମୁ ପାଖ ବଗିଚାକୁ ଫୁଲ ତୋଳିବାକୁ ଗଲା । ହେଲେ ସେ ଦେଖିଲା ଯେ ସେଠାରେ ଲେଖା ହୋଇଛି 'ଏହି ବଗିଚାରୁ ଫୁଲ ତୋଳିବା ମନା' । ରାମୁ କିଛି ସମୟ ଚିନ୍ତା କରିବା ପରେ ଲୁଚି ଲୁଚି ପୁଳାଏ ଫୁଲ ଗଛ ଓପାଡି ଆଣି ଆସିଲା । ଏହାଦେଖି ଗୋପାଳ ବାବୁ ପଚାରିଲେ, ଆରେ ତୁ ଏ କ'ଣ କଲୁ ? ଫୁଲଗଛଗୁଡିକୁ କାହିଁକି ଓପାଡି ଆଣିଲୁ ? ରାମୁ ଉତ୍ତର ଦେଲା, 'ସେଠାରେ ଲେଖାହୋଇଥିଲା ଯେ–ଏହି ବଗିଚାରୁ ଫୁଲ ତୋଳିବା ମନା । ତେଣୁ ମୁଁ ବୁଦ୍ଧି ଖଟାଇ ଫୁଲ ସହ ଗଛକୁ ଓପାଡି ଆଣିଆସିଲି ।

-----

ଥରେ କ୍ଲାସରେ ପଢ଼ାଇବା ସମୟରେ ସାର୍ ସୋନୁକୁ ପଚାରିଲେ, ଆରେ କହିଲୁ, ହୀରାକୁଦ ଡ୍ୟାମ୍‌ର ଉଚ୍ଚତା କେତେ ? ସୋନୁ କହିଲା, ସାର୍, ମୁଁ ହୀରାକୁଦ ଡ୍ୟାମ୍ ଦେଖିଲେ ତାହାର ଉଚ୍ଚତା କେତେ କହିପାରିବି । ସାର୍ କହିଲେ, 'ତୁ ମୋତେ ବୋକା ଭାବିଛୁ ? କାଲି ପଢ଼ାଇଥିଲି । ତୋର ମନେ ନାହିଁ । ବେଞ୍ଚ ଉପରେ ଠିଆ ହୁଅ ।' ସୋନୁ କହିଲା, 'ସାର୍, ବେଞ୍ଚ ଉପରେ ଠିଆ ହେଲେ କ'ଣ ମୁଁ ହୀରାକୁଦ ଡ୍ୟାମ୍‌କୁ ଦେଖିପାରିବି ?'

## କହିଲ ଦେଖି

ଅତି ଛୋଟ ମୁହିଁ ଛୋଟ ମୋ ଦେହ
ପିଲାଠାରୁ ବୁଢ଼ା ସବୁରି ପ୍ରିୟ
ସବୁରି ଭାବନା ପାରେ ମୁଁ ଲେଖି
କିଏ ସେ କହିବ ମୋ ନାମ ଦେଖି ?
**ଉତ୍ତର :କଲମ**





ଅତି କଅଁଳିଆ ମୋର ଶରୀର
ନାଲି ନୀଳ ଧଳା କେତେ ରଙ୍ଗର
ସବୁ ଦାଗ ମୁହିଁ ଦିଏ ଲିଭାଇ
କୁହ କେ ପାରିବ ମୋ ନାମ କହି ?
**ଉତ୍ତର : ରବର**

ପ୍ଲାଷ୍ଟିକ ଟିଣରେ ମୋହର ଘର
ମୋ ଘରର ରୂପ ନାନା ପ୍ରକାର
ପେନସିଲ ରବର ଡିଭାଇଡର
ସ୍କେଲ,କମ୍ପାସ ଓ ପ୍ରୋଟାକ୍ଟର
ସଭିଏଁ ରହନ୍ତି ମୋହରି ଘରେ
ପିଲାଙ୍କୁ ନିଇତି ସାହାଯ୍ୟ କରେ
ଯିଏ କହିଦେବ ମୋହରି ନାମ
କରିବି ଜୀବନେ ତାହାରି କାମ ।
**ଉତ୍ତର : ଜ୍ୟାମିତି ବକ୍ସ**



**-ଅଶୋକ କୁମାର ପ୍ରଧାନ,** ରାହିଗାଁ,ଗଞ୍ଜାମ

## ମତାମତ

➡ଗତ ସପ୍ତାହରେ ଏହି ପୃଷ୍ଠାର ଆଇନା ଫଟୋଟି ବେଶ୍ ସୁନ୍ଦର ହୋଇଥିଲା ।
*-ଲିପୁନ୍ ଦାସ, ବଡବିଲ,କେନ୍ଦୁଝର*

➡'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ବେଶ୍ ଶିକ୍ଷଣୀୟ ହୋଇପାରୁଛି ।
*-ତପନ କୁମାର ସାହୁ, ଖୋର୍ଦ୍ଧା*

➡'ଗପ' ସ୍ତମ୍ଭରେ ପ୍ରକାଶିତ ପ୍ରତିଟି ବିଷୟ ବେଶ୍ ଶିକ୍ଷଣୀୟ ହୋଇପାରୁଛି ।
*-ଅମନ୍ କୁମାର ଦାସ, ପାରାଦୀପ, ଜଗତସିଂହପୁର*

➡'ଖିଲି ଖିଲି ହସ' ସ୍ତମ୍ଭରେ ପ୍ରକାଶିତ ହସ କଥା ପଢ଼ି ଭାରି ମଜା ଲାଗୁଛି ।
*-ଦେବାଶିଷ ନାୟକ, ଢେଙ୍କାନାଳ*

'ପିଲାଙ୍କ ଧରିତ୍ରୀ' ପୃଷ୍ଠାରେ ପ୍ରକାଶ ପାଉଥିବା ସମସ୍ତ ବିଷୟବସ୍ତୁ ପଢ଼ି ଅନେକ କଥା ଶିଖି ହେଉଛି ।
*-ଅନୁପମା ମହାନ୍ତି, କଟକ*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ୩ ମାସରେ ୩୫୦ କୋର୍ସ



ପିଲାମାନେ ତୁମେ ତ ଜାଣ ଯେ ଦୃଢ଼ ନିଷ୍ଠା ଆଉ କଠିନ ଅଭ୍ୟାସ ବଳରେ ସବୁ ଅସମ୍ଭବ ମନେହେଉଥିବା କାମକୁ ବି ସହଜରେ କରିହେବ । ଠିକ୍ ଏମିତି ଏକ ଉଦାହରଣ ଦେଖାଇଛନ୍ତି କେରଳର ଜଣେ ମହିଳା ଆରଥୀ । ମାତ୍ର ୩ ମାସ ମଧ୍ୟରେ ୩୫୦ ପ୍ରକାରର କୋର୍ସ ଶେଷ କରି ସେ ରେକର୍ଡ କରିଛନ୍ତି । ମାତ୍ର ୩ ମାସ ଭିତରେ ୩୫୦ ପ୍ରକାରର କୋର୍ସ କରିବା କଥା ଶୁଣିଲେ ଯେ କେହି ହୁଏତ ଆଶ୍ଚର୍ଯ୍ୟ ହୋଇପାରେ । କିନ୍ତୁ ଏଭଳି ଏକ ଅସମ୍ଭବ ମନେହେଉଥିବା କାମକୁ କରି ଦେଖାଇଛନ୍ତି ଆରଥୀ । କେରଳ କୋଚିର ଏଲାମାକରା ଅଞ୍ଚଳର ଆରଥୀ ରେଘୁନାଥ ଏମ୍‌ଇଏସ୍ କଲେଜର ଏମ୍.ଏସ୍‌ସି. ବାୟୋକେମେଷ୍ଟ୍ରିର ଦ୍ୱିତୀୟ ବର୍ଷ ଛାତ୍ରୀ । ଲକ୍‌ଡାଉନ୍‌ରେ ବହୁ ସମୟ ସେ ଘରେ ରହିଥିବାରୁ ଏହାରି ମଧ୍ୟରେ ସେ ବିଭିନ୍ନ ପ୍ରକାରର ଅନ୍‌ଲାଇନ୍ କୋର୍ସ କରିବାକୁ ଚିନ୍ତା କରିଥିଲେ । ଏହାପରେ ସେ ତାଙ୍କ କଲେଜର ପ୍ରିନ୍‌ସିପାଲ୍‌ଙ୍କ ସହାୟତାରେ ଅନ୍‌ଲାଇନ୍‌ରେ ଥିବା ବିଭିନ୍ନ ସମୟ ଅବଧିର ବହୁ କୋର୍ସରେ ନାମଲେଖାଇ ତାକୁ ପୂରା କରିପାରିଥିଲେ । ଠିକ୍ ସମୟରେ ୩୫୦ ପ୍ରକାରର ପାଠ୍ୟକ୍ରମ ଶେଷ କରି ସେ ଏବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ କରିପାରିଛନ୍ତି । ପାଠପଢ଼ାରେ ଆରଥୀଙ୍କର ଏଭଳି ରେକର୍ଡ ନିମନ୍ତେ ତାଙ୍କୁ ଏବେ ସବୁଆଡୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଟଗଲା ଭୀମୁ




## ତୁମ ତୂଳୀରୁ




**ଅନମୋଲ ଅନିକେତ,** କ୍ଲାସ-୧, ଦିଲ୍ଲୀ ପବ୍ଲିକ୍ ସ୍କୁଲ, ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ




**ଦେବସ୍ମିତା ସାହୁ**
କ୍ଲାସ-୧, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୨, କଟକ




**ହିମାଂଶୁ ତ୍ରିପାଠୀ, କ୍ଲାସ-୪,**
ଏମ୍.ଜି. ଇଣ୍ଟରନ୍ୟାଶନାଲ୍ ପବ୍ଲିକ୍ ସ୍କୁଲ, ଗୁଣପୁର, ରାୟଗଡ଼ା

ଧରିତ୍ରୀ
DHARITRI






# ଷଷ୍ଠ ବିଜୟ ସହ ମୁମ୍ବାଇ ପୁଣି ଶୀର୍ଷରେ

**ଆବୁଧାବି, ୧୬।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ସହଜ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷକୁ ପୁଣି ଫେରିଛି। ଉଭୟ ବୋଲିଂ ଓ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରି ଦଳ କୋଲକାତା ନାଇଟ ରାଇଡର୍ସକୁ ୮ ଉଇକେଟରେ ପରାସ୍ତ କରିଛି। କୋଲକାତା ୨୦ ଓଭରରେ ୫ ଉଇକେଟ ହରାଇ ୧୪୮ ରନ କରିଥିବାବେଳେ ମୁମ୍ବାଇ ୧୬.୫ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ମୁମ୍ବାଇ ୮ ମ୍ୟାଚରୁ ୬ ବିଜୟ ସହ ୧୨ ପଏଣ୍ଟ ପାଇଛି। ଦିଲ୍ଲୀ କ୍ୟାପିଟାଲ୍ସ ୧୨ ପଏଣ୍ଟ ପାଇଥିଲେ ହେଁ ରନ ହାରରେ ମୁମ୍ବାଇ ଉପରକୁ ଉଠିଛି। ଅନ୍ୟପକ୍ଷରେ କୋଲକାତା ଏଠାରେ ୮ମ ମ୍ୟାଚ ଖେଳିଥିବାବେଳେ ୪ର୍ଥ ପରାଜୟ ବରଣ କରିଛି।

ଚଳିତ ଆଇପିଏଲରେ ପ୍ରଥମଥରପାଇଁ କୋଲକାତା ଦଳର ନେତୃତ୍ୱ ନେଉଥିବା ଇଅନ ମୋର୍ଗାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ମାତ୍ର ଏହା ଭୁଲ୍ ସାବ୍ୟସ୍ତ ହୋଇଥିଲା। ଶୀଘ୍ର ଉଇକେଟ ପତନ ଯୋଗୁ ୧୦.୪ ଓଭର ବେଳକୁ ସ୍କୋର ୬୧/୫ ହୋଇ ଯାଇଥିଲା। ଟପ୍ ଅର୍ଡରର କୌଣସି ବ୍ୟାଟ୍ସମ୍ୟାନ ମୁମ୍ବାଇ ବୋଲରଙ୍କୁ ମୁକାବିଲା କରିପାରି ନ ଥିଲେ। ରାହୁଲ ତ୍ରିପାଠୀ ୭, ନୀତୀଶ ରାଣା ୫, ଶୁବମନ ଗିଲ୍ ୨୧, ଅଧିନାୟକ ପଦ ଛାଡ଼ିଥିବା ଦୀନେଶ କାର୍ତ୍ତିକ ୪ ଓ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଆନ୍ଦ୍ରେ ରସେଲ ୧୨ ରନ କରି ଆଉଟ ହୋଇଥିଲେ। ତେବେ ପ୍ୟାଟ୍ କୁମିନ୍ସଙ୍କ କ୍ୟାରିୟର ଶ୍ରେଷ୍ଠ ଇନିଂସ ଏବଂ ମୋର୍ଗାନଙ୍କ ସହ ଅସମାପ୍ତ ୬ଷ୍ଠ ଉଇକେଟରେ ୫୬ ବଲ୍‌ରୁ ୮୭ ରନ ଭାଗୀଦାରି ଯୋଗୁ କୋଲକାତା ୨୦ ଓଭରରେ ୫ ଉଇକେଟ ହରାଇ ୧୪୮ ରନ କରିବାକୁ ସକ୍ଷମ ହୋଇଥିଲା। ଆଇପିଏଲରେ ପ୍ରଥମ ଅର୍ଦ୍ଧଶତକ ହାସଲ କରି କୁମିନ୍ସ ୩୬ ବଲ୍‌ରୁ ୫ ଚୌକା ଓ ୨ ଛକା ସହ ୫୩ ଓ ମୋର୍ଗାନ ୨୯ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ମାରି ୩୯ ରନରେ ଅପରାଜିତ ରହିଥିଲେ। ମୁମ୍ବାଇ ବୋଲରଙ୍କ ମଧ୍ୟରେ ରାହୁଲ ଚହର ୨ଟି ଏବଂ ଟ୍ରେଣ୍ଟ ବୋଲ୍ଟ, ଯଶପ୍ରୀତ ବୁମ୍‌ରା, ଓ ନାଥାନ କୁଲ୍ଟର-ନୀଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୪୮ ରନ ଚଳିତ ଆଇପିଏଲରେ ପ୍ରଥମେ ବ୍ୟାଟିଂ କରିଥିବା ଟିମ୍ କ୍ଷେତ୍ରରେ ଦ୍ୱିତୀୟ ସର୍ବନିମ୍ନ ଦଳଗତ ସ୍କୋର। ପୂର୍ବରୁ କୋଲକାତା ବିପକ୍ଷ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ କରିଥିବା ୧୪୨ ରନ ସର୍ବନିମ୍ନ ସ୍କୋର ହୋଇ ରହିଛି।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ କ୍ୱିଣ୍ଟନ ଡିକକ୍।

ଟାର୍ଗେଟ ବଡ଼ ନ ଥିବାରୁ ବିନା ଚାପରେ ଖେଳ ଆରମ୍ଭ କରିଥିଲା ମୁମ୍ବାଇ। ଦୁଇ ଓପନର କ୍ୱିଣ୍ଟନ ଡିକକ୍ ଓ ଅଧିନାୟକ ରୋହିତ ଶର୍ମା ପ୍ରତିପକ୍ଷ ବୋଲରଙ୍କୁ ଧୂଳେଇ କରି ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ଫଳରେ ପାୱାର ପ୍ଲେ ୬ ଓଭରରେ ଦଳ ୫୦ ଏବଂ ୧୧.୫ ଓଭରରେ ୧୦୦ ରନ ପୂରଣ କରିଥିଲା। ବିସ୍ଫୋରକ ବ୍ୟାଟିଂ କରିଥିବା ଡିକକ୍ ୨୫ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ଗତ ୪ ମ୍ୟାଚରୁ ଏହାଥିଲା ତାଙ୍କର ତୃତୀୟ ଅର୍ଦ୍ଧଶତକ। ଓପନିଂ ଯୋଡ଼ିରେ ୬୩ ବଲ୍‌ରୁ ୯୪ ରନ ଭାଗୀଦାରି ପରେ ରୋହିତ ଆଉଟ ହୋଇଥିଲେ। ସେ ୩୬ ବଲ୍‌ରୁ ୩୫(୫ ଚୌକା, ୧ ଛକା) ରନ କରି ଶିବମ୍ ମାଭିଙ୍କ ବଲ୍‌ରେ ଦୀନେଶ କାର୍ତ୍ତିକଙ୍କଦ୍ୱାରା କଟ୍‌ବିହାଇଣ୍ଡ ହୋଇଯାଇଥିଲେ। ସୂର୍ଯ୍ୟକୁମାର ଯାଦବ ମାତ୍ର ୧୦ ରନରେ ଆଉଟ ହୋଇଥିବାବେଳେ ଡିକକ୍ ଖେଳିଥିଲେ ଅନ୍ୟତମ ଶ୍ରେଷ୍ଠ ଇନିଂସ। ସେ ୪୪ ବଲ୍‌ରୁ ୭୮ (୯ ଚୌକା, ୩ ଛକା) ରନରେ ଅପରାଜିତ ରହି ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୧୧ ବଲ୍‌ରୁ ଦ୍ରୁତ ୨୧(୩ ଚୌକା, ୧ ଛକା) କରି ଅପରାଜିତ ରହିଥିଲେ। ଅସମାପ୍ତ ୩ୟ ଉଇକେଟ ଯୋଡ଼ିରେ ଦୁହେଁ ୩୮ ରନ ଯୋଗ କରିଥିଲେ। ଫଳରେ ମୁମ୍ବାଇ ଆହୁରି ୧୯ଟି ବଲ୍ ବାକିଥାଇ ବିଜୟ ହାସଲ କରିଥିଲା। କୋଲକାତା ପକ୍ଷରୁ ଶିବମ୍ ମାଭି ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୬ | ୨ | ୧୨ | +୧.୩୫୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୯୯୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୫ | ୩ | ୧୦ | -୦.୧୩୯ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | -୦.୬୮୪ |
| ସନ୍‌ରାଇଜର୍ସ | ୮ | ୩ | ୫ | ୬ | +୦.୦୦୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୮ | ୩ | ୫ | ୬ | -୦.୩୯୦ |
| ରାଜସ୍ଥାନ ରୟାଲ୍ସ | ୮ | ୩ | ୫ | ୬ | -୦.୮୪୪ |
| କିଙ୍ଗ୍ସ ଇଲେଭେନ | ୮ | ୨ | ୬ | ୪ | -୦.୨୯୫ |

## ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୪୮/୫(କୁମିନ୍ସ-୫୩*, ମୋର୍ଗାନ-୩୯*, ଶୁବମନ-୨୧, ରାହୁଲ ଚହର-୨/୧୮, ବୁମ୍‌ରା-୧/୨୨, ବୋଲ୍ଟ-୧/୩୨, କୁଲ୍ଟର ନୀଲ-୧/୫୧)। ମୁମ୍ବାଇ ଇଣ୍ଡିଆନ୍ସ ୧୬.୫ ଓଭରରେ ୧୪୯/୨(ଡିକକ୍-୭୮*, ରୋହିତ-୩୫, ହାର୍ଦ୍ଦିକ-୨୧*, ମାଭି-୧/୨୪, ବରୁଣ-୧/୨୩)।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ